- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 44 ◆ISSUE-06 ◆TUESDAY ◆30 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୬ ◆ମଙ୍ଗଳବାର ◆୩୦ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ହାତୀ ବେଶରେ ଶ୍ରୀଜୀଉ



## ଅଣସର ପିଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି: ଆଜିଠୁ ଗୁପ୍ତ ସେବା

■ ପୁରୀ,୨୯।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବା ପରେ ଜ୍ୱରରେ ପଡ଼ି ଅଣସର ଘରକୁ ବିଜେ କରିଛନ୍ତି ମହାପ୍ରଭୁ। ମଙ୍ଗଳବାରଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ବିଧି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା। ଏହି ସମୟରେ ରତ୍ନସିଂହାସନରେ ଦାରୁବିଗ୍ରହଙ୍କ ଦର୍ଶନ ମିଳିବନି। ଅଣସର ତାଟିରେ ରହି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ପଟିଦିଅଁ। ସୋମବାର ସ୍ନାନବେଦୀରେ ସ୍ନାନ ଏବଂ ବେଶ ନୀତି ସମ୍ପନ୍ନ ପରେ ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବାହୁଡ଼ା ବିଜେ କରିଛନ୍ତି ଠାକୁର। ଏହାପରେ କୋଠସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧି ପଟିଦିଅଁଙ୍କୁ ରୁନ୍ଧା ଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ରୂପେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ମହାଅଣସର ପଟିରେ ସ୍ଥାନିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ, ଭୁବନେଶ୍ୱରୀ, ଦୋଳଗୋବିନ୍ଦ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମ, କୃଷ୍ଣ ଓ ନୃସିଂହ ଅଣସର ତାଟି ସମ୍ମୁଖରେ ରହି ପୂଜା ପାଇବେ।

ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନବେଦୀରୁ ଓହ୍ଲାଇ ଆସି ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଅଭିମନ୍ତ୍ରିତ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ▶ପୃଷ୍ଠା-୭

## ନିଅଣ୍ଟିଆ ବର୍ଷା; ଶୁଖିଗଲାଣି ଦେଶର ପ୍ରମୁଖ ଜଳଭଣ୍ଡାର

# ଓଡ଼ିଶା ଭଣ୍ଡାରରେ ୧୫% ପାଣି

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଏଥର ଏଲ୍-ନିନୋ ଯୋଗୁଁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୋଇପଡ଼ିଛି। କିଛି ଅଞ୍ଚଳକୁ ଛାଡ଼ିଦେଲେ ଦେଶର ପ୍ରାୟ ଅଧିକାଂଶ ସ୍ଥାନରୁ ବର୍ଷା ଗାଏବ ହୋଇଯାଇଛି। ଜୁନ ମାସରେ ଯେତେ ବର୍ଷା ହେବା କଥା, ତାହାର ମାତ୍ର ୪୨ ପ୍ରତିଶତ ହୋଇଛି। ୧୪୬ ବର୍ଷ ଇତିହାସରେ ଏଥର ଜୁନ୍ ମାସ ହେଉଛି ସବୁଠାରୁ ନୈରାଶ୍ୟଜନକ। ବର୍ଷା ନାହିଁ। ଚାଷୀ ଆକାଶକୁ ଚାହିଁ ବସିଛନ୍ତି। ଜଳସେଚନ ତ ଦୂରର କଥା ପିଇବା ପାଣି ପାଇଁ ମଧ୍ୟ ସଙ୍କଟ ଦେଖାଦେଲାଣି। ନିଅଣ୍ଟିଆ ବର୍ଷା ଯୋଗୁଁ ଦେଶର ବଡ଼ ବଡ଼ ଜଳ ଭଣ୍ଡାର ଶୁଖିଗଲାଣି। ପରିସ୍ଥିତି ଏମିତି ହୋଇଛି

**୯୦ ଭାଗ ଜଳଭଣ୍ଡାରରେ ମାତ୍ର ୨୬% ପାଣି**

**୧୪୬ ବର୍ଷରେ ସବୁଠାରୁ ଖରାପ ସ୍ଥିତି**



ଯେ ଓଡ଼ିଶା ସମେତ ଦେଶର ୧୬୬ ବଡ଼ ବଡ଼ ଜଳଭଣ୍ଡାର ମଧ୍ୟରୁ ୯୦ ପ୍ରତିଶତ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ଠାରୁ ମାତ୍ର ୨୬ ପ୍ରତିଶତ ଜଳ ରହିଛି। ଉତ୍ତର ପ୍ରଦେଶ ଏବଂ ଉତ୍ତରଖାଣ୍ଡର ଦୁଇଟି ଜଳ ଭଣ୍ଡାରରେ ଆଦୌ ପାଣି ନାହିଁ। କେନ୍ଦ୍ରୀୟ ଜଳ କମିସନ ସୂତ୍ରରୁ ପ୍ରକାଶ ଯେ ଏହି ବଡ଼ ବଡ଼ ୧୬୬ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୧୮୩.୩୬ ବିଏମ୍‌ସି (ବିଲିଅନ୍ କ୍ୟୁବିକ୍ ମିଟର) ଥିବା ବେଳେ ଏଥିରେ ମାତ୍ର ୪୮.୪୦ ବିଏମ୍‌ସି ଜଳ ଗଚ୍ଛିତ ରହିଛି। ଗତ ବର୍ଷ ଏହି ୧୬୬ଟି ▶ପୃଷ୍ଠା-୭

### ମୌସୁମୀର ବଦମିଜାଜ୍

**୫ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା, ୭ ରାଜ୍ୟକୁ ଗ୍ରୀଷ୍ମ ଲହରୀ ଚେତାବନୀ**

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ବାୟୁଗତ ଜୁନ୍ ୨୪ ତାରିଖ ସୁଦ୍ଧା ଦେଶର ୨୨ଟି ରାଜ୍ୟକୁ ଛୁଇଁ ସାରିଥିବା ବେଳେ ଗତ ୫ ଦିନ ହେବ ଏହାର ଗତି ମନ୍ଥର ହୋଇଯାଇଛି। ଏହି କାରଣରୁ ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଉତ୍ତର ପ୍ରଦେଶର ଅନେକ ଅଞ୍ଚଳରେ ମୌସୁମୀ ଆଗକୁ ବଢ଼ିପାରି ନାହିଁ। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁସାରେ, ଆସନ୍ତା ଜୁଲାଇ ୫ ତାରିଖ ସୁଦ୍ଧା ମୌସୁମୀ ▶ପୃଷ୍ଠା-୭

## ରାମ ମନ୍ଦିର ଚାନ୍ଦା ଚୋରି: ଓକିଲ ସଂଘର ଧମକ


# ଅଯୋଧ୍ୟା ଛାଡ଼ିବାକୁ ଚମ୍ପତଙ୍କୁ ଚେତାବନୀ

■ ଅଯୋଧ୍ୟା, ୨୯।୬(ଏଜେନ୍ସି): ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲାରେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସେମାନଙ୍କ ଛତ୍ରଛାୟାରେ ଅଭିଯୁକ୍ତମାନେ ମନ୍ଦିର ଟଙ୍କା ଓ ଅଳଙ୍କାର ଲୁଟି ଚାଲିଥିବା ବେଳେ ସେମାନଙ୍କ ପ୍ରତି ପ୍ରଶାସନର କୋହଳ ଆଭିମୁଖ୍ୟ ସାଧାରଣ ଜନତାଙ୍କୁ ବିସ୍ମିତ କରିଛି। ବିଶେଷ କରି ଟ୍ରଷ୍ଟ ସଂପାଦକ ଚଂପତ ରାୟଙ୍କ ଭୂମିକା ନେଇ ଏସ୍ଆଇଟି ସନ୍ଦେହ ପ୍ରକଟ କରିଛି। ଚଂପତ ରାୟ ଓ ଅନ୍ୟ ଦୁଇ କର୍ମକର୍ତ୍ତା ନିଜ ପଦରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଆଇନଜୀବୀମାନେ ବିରକ୍ତି ପ୍ରକାଶ କରିଛନ୍ତି। ତୁରନ୍ତ ଅଯୋଧ୍ୟା ଛାଡ଼ିବା ଲାଗି ସେମାନେ ଚଂପତ ରାୟ, ଅନିଲ ମିଶ୍ର ଏବଂ ଗୋପାଳ ରାଓଙ୍କୁ ଚେତାବନୀ ଦେଇଛନ୍ତି। ଏଥିପାଇଁ ସେମାନଙ୍କୁ ତିନି ଦିନର ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ସେମାନେ ଯଦି ସହର ନ ଛାଡ଼ନ୍ତି, ତେବେ ସମ୍ପୂର୍ଣ୍ଣ ଅଯୋଧ୍ୟାକୁ ଅବରୋଧ କରାଯିବ ଏବଂ ସହର ଭିତରକୁ କାହାକୁ ବି ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ସଙ୍ଘ ଚେତାବନୀ ଦେଇଛି।

ଅଯୋଧ୍ୟାର ଫୈଜାବାଦ ବାର୍ ଆସୋସିଏସନ (ଓକିଲ ସଙ୍ଘ) ବୈଠକରେ ଆଜି ଏହି ଚେତାବନୀ ଦିଆଯାଇଛି। ଚୋରି ମାମଲାରେ ଗିରଫ ହୋଇଥିବା ୮ ଜଣ ଅଭିଯୁକ୍ତଙ୍କ ପାଇଁ କୋର୍ଟରେ

**ଅଭିଯୁକ୍ତଙ୍କ ପାଇଁ ମାମଲା ଲଢ଼ିବେନି ଆଇନଜୀବୀ**

**ଚୋରି କଥା ଜାଣି ଚୁପ୍ ଥିଲେ ଚମ୍ପତ**



କୌଣସି ଓକିଲ ମାମଲା ଲଢ଼ିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ନିୟମ ଭାଙ୍ଗିଲେ ସମ୍ପୃକ୍ତ ଓକିଲଙ୍କୁ ୫ ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡ଼ିବ ବୋଲି ଚେତାବନୀ ଦିଆଯାଇଛି। ମନ୍ଦିରର ଦାନ ଅର୍ଥ ଗଣତି କାର୍ଯ୍ୟରେ ନିୟୋଜିତ ଥିବା ୮ ଜଣ କର୍ମଚାରୀଙ୍କୁ ଟଙ୍କା ଚୋରି ଅଭିଯୋଗରେ ଗିରଫ କରାଯାଇ ବିଚାର ବିଭାଗୀୟ ହେପାଜତକୁ ପଠାଯାଇଛି। ଓକିଲ ସଙ୍ଘର ସମ୍ପାଦକ ଶୈଳେନ୍ଦ୍ର ଜୈସୱାଲ କହିଛନ୍ତି ଯେ ଭକ୍ତମାନଙ୍କ ଦାନ ଅର୍ଥ ଚୋରି ହେବା ଦ୍ୱାରା ସମସ୍ତଙ୍କ ଆବେଗ ଆହତ ହୋଇଛି, ସେଥିପାଇଁ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି।

ଇତିମଧ୍ୟରେ ମନ୍ଦିର ଦାନ ବାକ୍ସରୁ ଅର୍ଥ ହେରଫେର୍ ମାମଲାରେ ଏକ ବଡ଼ ତଥା ଚାଞ୍ଚଲ୍ୟକର ଖୁଲାସା ▶ପୃଷ୍ଠା-୭

## ପଢ଼ା ବହିରେ ଭୁଲ୍‌ଭଟକା

# ସରକାରରେ ଗଣିତ ଗୋଳମାଳ

### ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କଥାରେ ନାହିଁ ତାଳମେଳ

■ ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟ ଶାସନରେ କିଏ ବଡ଼ ? ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ? ଏ କଥା ଏବେ ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରୁଛି। ସ୍କୁଲ ବହିରେ ମାଳମାଳ ଭୁଲ ବାହାରିବା ପରେ ଚଳେଇବା ନ୍ୟାୟରେ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାକୁ ଅତି ହାଲୁକା ଭାବରେ ନେଇଥିଲେ। ଶିକ୍ଷକମାନେ ସଂଶୋଧନ କରି ପଢ଼ାଇଦେବେ ବୋଲି କହିଥିଲେ। ମାତ୍ର ଅଭିଯୋଗ ପରେ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଏହାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ତ୍ରୁଟି ପାଇଁ ୪ ଜଣଙ୍କୁ ନିଲମ୍ବନ କରିବା ସହ ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ଏବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ

**ଫେରାଇ ଅଣାଯିବ ତ୍ରୁଟିପୂର୍ଣ୍ଣ ବହି, ପିଲାଙ୍କୁ ଦିଆଯିବ ନୂଆ: ମୁଖ୍ୟମନ୍ତ୍ରୀ**

**ଶିକ୍ଷକଙ୍କୁ ଯୋଗାଇ ଦିଆଯିବ ସଂଶୋଧିତ ପାଠ୍ୟପୁସ୍ତକ: ଶିକ୍ଷାମନ୍ତ୍ରୀ**

ପିଲାଙ୍କଠାରୁ ଫେରସ୍ତ ଅଣାଯାଇ ସେମାନଙ୍କୁ ନୂଆ ବହି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୪ ଦିନ ପରେ ଗଣଶିକ୍ଷାମନ୍ତ୍ରୀ ଶ୍ରୀ ଗଣ୍ଡ ପିଲାଙ୍କଠାରୁ ତ୍ରୁଟିପୂର୍ଣ୍ଣ ବହି ଫେରସ୍ତ ଅଣାଯିବ ନାହିଁ ବୋଲି କହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ପିଲାଙ୍କୁ ନୂଆ ବହି ମିଳିବ ନା ଗଣଶିକ୍ଷାମନ୍ତ୍ରୀଙ୍କ କଥା ଅନୁସାରେ ତ୍ରୁଟି ଥିବା ବହିରେ ପ୍ୟାଚ ପକାଇ ପିଲାମାନେ ପଢ଼ିବେ ତାହାକୁ ନେଇ ଅଭିଭାବକ ଦ୍ୱନ୍ଦ୍ୱରେ ଅଛନ୍ତି।

ଗତ ୨୫ ତାରିଖରେ ଏକ ଇଂରାଜୀ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାଠ୍ୟ ପୁସ୍ତକରେ ତ୍ରୁଟି ଏକ ଷଡ଼ଯନ୍ତ୍ର ବୋଲି କହିଥିଲେ। ଏହାର ଯାଞ୍ଚ କରି ଦୋଷୀଙ୍କୁ ଚିହ୍ନଟ କରାଯିବ ଓ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକସ୍ଥଳେ ସେମାନଙ୍କ ଠାରୁ ବହି ଛପା ବାବଦ ଅର୍ଥ ମଧ୍ୟ ଭରଣା କରାଯିବ। ପିଲାଙ୍କୁ ନିର୍ଭୁଲ ଶିକ୍ଷାଦାନ ପାଇଁ ତ୍ରୁଟି ଥିବା ପୁସ୍ତକକୁ ଫେରସ୍ତ କରାଯିବ ଏବଂ ନୂତନ ପୁସ୍ତକ ମୁଦ୍ରଣ କରି ପିଲାଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ▶ପୃଷ୍ଠା-୭

## ମୁହଁରେ ବୋମା ବିସ୍ଫୋରଣରୁ ଗାଈର ମୃତ୍ୟୁ

■ ସମ୍ବଲପୁର, ୨୯।୬ (ସମିସ): ମୁହଁରେ ବୋମା ବିସ୍ଫୋରଣ ହୋଇ ଗୋଟିଏ ଗାଈର ମୃତ୍ୟୁ ହୋଇଯାଇଥିବା ଆଜି ସମ୍ବଲପୁର ସଦରଥାନାରେ ଜଣେ ଗୋପାଳକ ଅଭିଯୋଗ କରିଛନ୍ତି। ସଦରଥାନା ଅଧୀନ ଠେମରାର ରାଧାକାନ୍ତ ପାଣିଗ୍ରାହୀଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ଆଜି ସକାଳେ ତାଙ୍କ ଗାଈଟି କ୍ଷତାକ୍ତ ଅବସ୍ଥାରେ ଘରକୁ ଆସିଥିଲା। ଗାଈଟି ଚରିବାକୁ ଯାଇଥିବା ସମୟରେ ନିକଟସ୍ଥ ଆମ୍ବ ତୋଟାରେ ପଡ଼ିଥିବା ବୋମାକୁ ଖାଦ୍ୟ ଭାବି ପାଟିରେ କାମୁଡ଼ି ଦେଇଥିଲା, ଫଳରେ ବୋମାଟି ମୁହଁରେ ବିସ୍ଫୋରଣ ହୋଇଯାଇଥିବା ସେ ଅନୁମାନ କରୁଛନ୍ତି। ଗାଈଟିକୁ ତୁରନ୍ତ ସମ୍ବଲପୁର ପ୍ରାଣୀ ଚିକିତ୍ସାଳୟକୁ ସେ ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗାଈଟିର ମୃତ୍ୟୁ ଘଟିଛି। ଏହି ମାମଲାରେ ଗୋପାଳକ ରାଧାକାନ୍ତ ପାଣିଗ୍ରାହୀ ସଦର ଥାନାରେ ଅଭିଯୋଗ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବାର୍ହା ଶିକାର ପାଇଁ ଏହି ବୋମା ବିଛାଯାଇଥିବା ସାଧାରଣରେ ଅନୁମାନ କରାଯାଉଥିବାବେଳେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## କେନ୍ଦ୍ର ମନ୍ତ୍ରିମଣ୍ଡଳ ପୁନର୍ଗଠନ

# ୯ ନାମକୁ ନେଇ ଚର୍ଚ୍ଚା

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): କେନ୍ଦ୍ର ସରକାରର ସମ୍ଭାବ୍ୟ କ୍ୟାବିନେଟ୍ ପୁନର୍ଗଠନକୁ ନେଇ ଦିଲ୍ଲୀର ରାଜନୈତିକ ମହଲ ସରଗରମ ହୋଇଛି। ବର୍ତ୍ତମାନର କେତେକ ମନ୍ତ୍ରୀଙ୍କ ବିଭାଗରେ ପରିବର୍ତ୍ତନ ହେବା ସହ ଅନେକ ନୂଆ ମୁହଁକୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ଏ ସମ୍ପର୍କରେ ଯଦିଓ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ, ତଥାପି ବିଜେପି ଓ ପ୍ରଶାସନିକ ମହଲରେ କିଛି ନାମ ଚର୍ଚ୍ଚାର ପରିଧିରେ ରହିଛି।

ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଓ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ (ଦ୍ୱିତୀୟ) ଶକ୍ତିକାନ୍ତ ଦାସଙ୍କ ନାମ ସବୁଠୁ ଚର୍ଚ୍ଚାରେ ରହିଛି। ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡରର ଏହି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦେଶର ଅର୍ଥନୀତି ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହୋଇଛନ୍ତି। ବିମୁଦ୍ରାୟନ, ଜିଏସ୍‌ଟି ଲାଗୁ ସହ ଆର୍‌ବିଆଇ ଗଭର୍ଣ୍ଣର ଭାବରେ ତାଙ୍କର ଭୂମିକାକୁ ନେଇ ସେ ଚର୍ଚ୍ଚିତ ରହିଛନ୍ତି। ତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇ ଅର୍ଥମନ୍ତ୍ରଣାଳୟ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦିଆଯାଇପାରେ ବୋଲି ଆଲୋଚନା ହେଉଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଆସନ୍ତା ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନକୁ ନଜରରେ ରଖି ତାଙ୍କୁ କ୍ୟାବିନେଟ୍‌ରେ ସାମିଲ କରାଯାଇପାରେ ବୋଲି କୁହାଯାଉଛି। ପୂର୍ବରୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ଅନୁରାଗଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିପାରେ ବୋଲି ଆଲୋଚନା ଚାଲିଛି।

**ଅରୁଣ ଗୋଭିଲ, ତରୁଣ ଚୁଘ, କାକୋଲି ଘୋଷଙ୍କୁ ମିଳିବ ମନ୍ତ୍ରୀ ପଦ!**

**ପ୍ରହ୍ଲାଦ ଯୋଶୀ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମିଳିପାରେ ଅଧିକ ଗୁରୁତ୍ୱ**

ସେହିପରି ମଧ୍ୟପ୍ରଦେଶର ଖଜୁରାହୋ ସାଂସଦ ଭି.ଡି. ଶର୍ମା ମଧ୍ୟ ସମ୍ଭାବ୍ୟ ମନ୍ତ୍ରୀ ଭାବରେ ଚର୍ଚ୍ଚାରେ ଅଛନ୍ତି। ଶ୍ରୀ ଶର୍ମା ମଧ୍ୟପ୍ରଦେଶ ବିଜେପି ସଭାପତି ଥିବାବେଳେ ୨୦୨୪ ଲୋକସଭା ନିର୍ବାଚନରେ ରାଜ୍ୟର ସମସ୍ତ ୨୯ଟି ଆସନ ବିଜେପି ଜିତିଥିଲା। ତାଙ୍କ ସାଂଗଠନିକ ଦକ୍ଷତାକୁ ଦୃଷ୍ଟିରେ ରଖି କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅବସ୍ଥାପିତ କରାଯାଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସରେ ବିଭାଜନର ନେତୃତ୍ୱ ନେଇଥିବା କାକୋଲି ଘୋଷ ଦସ୍ତିଦାର ଓ ▶ପୃଷ୍ଠା-୭

# ଲୁହାଛଡ଼ରେ ପିଟିପିଟି ଯୁବକଙ୍କୁ ମାରିଦେଲେ



**ମାଡ଼ରେ ବାପା କୋମାରେ, ଭଉଣୀ ଗୁରୁତର**

**ମୃତକଙ୍କ ବାନ୍ଧବୀଙ୍କୁ ପୁଲିସର ଜେରା**

**୨ ଅଭିଯୁକ୍ତଙ୍କୁ ଉଠାଇ ଆଣି ପଚରାଉଚରା**



■ ଭୁବନେଶ୍ୱର ୨୯।୬ (ସମିସ): କିଛି ଦିନର ବ୍ୟବଧାନ ପରେ ପୁଣି ରକ୍ତରଞ୍ଜିତ ହୋଇଛି ରାଜଧାନୀ। ମୁଖା ପିନ୍ଧା ଦୁର୍ବୃତ୍ତ ଘରେ ପଶି ଯୁବକଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ଖାଲି ସେତିକି ନୁହେଁ; ପୁଅକୁ ବଞ୍ଚାଇବାକୁ ଆସି ବାପା ଓ ଭଉଣୀ ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ିନାହାନ୍ତି। ବ୍ୟସ୍ତବହୁଳ କୋଳଥିଆ ଛକରେ ଏଭଳି ଘଟଣା ଘଟିଛି। ମୃତକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ସୋରଡ଼ାର କୃଷ୍ଣଚନ୍ଦ୍ର ପାଢ଼ୀ (୨୦)। ଆକ୍ରମଣରେ କୃଷ୍ଣଙ୍କ ବାପା ହିମାଂଶୁ ପାଢ଼ୀ ଓ ଭଉଣୀ ତାପସୀ ପାଢ଼ୀ ଗୁରୁତର ହୋଇଛନ୍ତି। ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଚାଲିଥିବା ବେଳେ ଦୁଇ ଜଣଙ୍କୁ ଉଠାଇ ଆଣିଛି ପୁଲିସ। ▶ପୃଷ୍ଠା-୭

## ଥାନାରେ ଥାର୍ଡ ଡିଗ୍ରୀ

# ପୁଲିସ ମାଡ଼ରେ ଯୁବକ ମୃତ!

■ ଖୋର୍ଦ୍ଧା/ବାଣପୁର, ୨୯।୬ (ସମିସ): ପୁଣି ଖାକି ବିରୋଧରେ ଆସିଛି ଆଉ ଏକ ସାଂଘାତିକ ଅଭିଯୋଗ। ଥାନାରେ ପୁଲିସ ମାଡ଼ରେ ଭୀମପୁର ବାଘୁଆ ପଦର ସାହିର ତୋଫାନ ନାୟକ (୩୨) ଡ଼ାକ୍ତରଖାନାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାର ଲୋକମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁଲିସ ଏହି ଅଭିଯୋଗକୁ ଖଣ୍ଡନ କରିଛି ଏବଂ ସୁସ୍ଥ ଅବସ୍ଥାରେ ପରିବାରର ଲୋକଙ୍କୁ ତୋଫାନକୁ ହସ୍ତାନ୍ତର କରାଯାଇଥିବା ଖୋର୍ଦ୍ଧା ଏସ୍‌ପି ଗଣମାଧ୍ୟମକୁ କହିଛନ୍ତି।

ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଗତକାଲି ରାତିରେ ପୁଲିସ ତୋଫାନଙ୍କୁ ଥାନାକୁ ନେଇଥିଲା। ଖବର ପାଇଁ ସେମାନେ ଥାନାରେ ପହଞ୍ଚିଥିଲେ। ସେଠାରେ ତୋଫାନର ଅବସ୍ଥା ଅତି ଗୁରୁତର ହୋଇଥିଲା। ହେପାଜତରେ



**ପୁଲିସ ବିରୋଧରେ ପରିବାର ଲୋକଙ୍କ ସାଂଘାତିକ ଅଭିଯୋଗ**

**ପରିବାର ସଦସ୍ୟଙ୍କ ଅଭିଯୋଗକୁ ଖଣ୍ଡନ କଲେ ଖୋର୍ଦ୍ଧା ଏସ୍‌ପି**

ତାକୁ ପୁଲିସ ନିର୍ଯାତନା ଦେବା ସହ ନିସ୍ତୁକ ମାଡ଼ ମାରିଥିଲା। ତା ଦେହରେ ପୁଲିସ ମାଡ଼ ଦାଗ ବି ରହିଥିଲା। ତୋଫାନ ଅବସ୍ଥା ଗୁରତର ହୋଇଥିବାରୁ ପୁଲିସ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମାତ୍ର ସକାଳୁ ତା ଦେହ ଅତି ଖରାପ ହୋଇ ଯାଇଥିଲା। ତାକୁ ଚିକିତ୍ସା ପାଇଁ ସେମାନେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା। ପୁଲିସ ଥାନାରେ ତୋଫାନକୁ ନିସ୍ତୁକ ପିଟିବା ଦ୍ୱାରା ସେ ଗୁରୁତର ହୋଇ ମୃତ୍ୟୁବରଣ କରିଛନ୍ତି ଓ ଏହି ଘଟଣାରେ ପୁଲିସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ନେଇ ବାରମ୍ବାର ପିଟିବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ପରିବାର ଲୋକେ ପୁଲିସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅନ୍ୟପକ୍ଷରେ ପରିବାର ଲୋକଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏସ୍‌ପି ପରମାର ସ୍ମିଥ୍ ପର୍ଷୋତମ ଦାସ। ସେ କହିଛନ୍ତି ଯେ ଗତକାଲି ଅପରାହ୍ଣ ପ୍ରାୟ ୪ଟା ୪୩ରେ ପୁଲିସକୁ ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପ୍ରଧାନ ଫୋନ୍ କରି ଚୋରି ସନ୍ଦେହରେ ଗ୍ରାମବାସୀମାନେ ଜଣେ ବ୍ୟକ୍ତିଙ୍କୁ ଧରିଥିବା ଜଣାଇଥିଲେ। ସେହି ବ୍ୟକ୍ତି ଜଣକ ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗାଁର ତୋଫାନ ବୋଲି ଚିହ୍ନଟ ହୋଇଥିଲା। ସେତେବେଳେ ସେ ମଦ ନିଶାରେ ଏକପ୍ରକାର ଅଚେତ ଅବସ୍ଥାରେ ଥିଲେ। ବାଣପୁର ଥାନାର ଏକ ପିସିଆର ଟିମ୍ ଘଟଣାସ୍ଥଳରେ ପହଁଚି ତାଙ୍କୁ ସନ୍ଧ୍ୟା ୬ଟା ୩୦ ମିନିଟ୍ ▶ପୃଷ୍ଠା-୭

## ଶିଶୁକନ୍ୟାକୁ ଦୁଷ୍କର୍ମ ଓ ହତ୍ୟା ମାମଲା : ୬୫ ବର୍ଷୀୟ ବୃଦ୍ଧଙ୍କୁ ମୃତ୍ୟୁଦଣ୍ଡ

ପୁଣେ, ୨୯ ।୬(ଏଜେନ୍ସି): ଏକ ୩ ବର୍ଷର ନିଷ୍ପାପ ଶିଶୁକନ୍ୟାକୁ ଅତି ବର୍ବର ଭାବେ ଦୁଷ୍କର୍ମ ଓ ହତ୍ୟା କରିବା ମାମଲାରେ ସୋମବାର ପୁଣେର ଏକ ଅଦାଲତ ଅଭିଯୁକ୍ତ ୬୫ ବର୍ଷୀୟ ଭୀମରାଓ କାମ୍ବଲେଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି । ଏହି ଘଟଣାକୁ ସମାଜର ବିବେକକୁ ଦୋହଲାଇ ଦେଇଥିବା ଏକ ବିରଳରୁ ଅତି ବିରଳ ମାମଲା ବୋଲି ଦର୍ଶାଇ କୋର୍ଟ ଅଭିଯୁକ୍ତ ପ୍ରତି କୌଣସି କୋହଳ ମନୋଭାବ ଦେଖାଇବାକୁ ମନା କରିଦେଇଛନ୍ତି । ପୁଣେ ଜିଲ୍ଲା ଓ ଦୌରା ଜଜ୍ ଏସଆର ସାଲୁଙ୍କେ ଏହି ଐତିହାସିକ ରାୟ ଶୁଣାଇଛନ୍ତି । ଗତ ମେ ୧ ତାରିଖରେ ପୁଣେ ଜିଲ୍ଲାର ନାସରାପୁର ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଥିଲା । ପୁଲିସ୍ ତଦନ୍ତ ଅନୁସାରେ, ଅଭିଯୁକ୍ତ ଭୀମରାଓ ଶିଶୁଟିକୁ ଖାଇବା ଜିନିଷ ଦେବା ଏବଂ ଗାଈର ନବଜାତ ବାଛୁରୀ ଦେଖାଇବା ବାହାନାରେ ପ୍ରଲୋଭିତ କରି ଏକ ଗୁହାଳ ଘରକୁ ନେଇଯାଇଥିଲେ । ସେଠାରେ ସେ ଶିଶୁଟିକୁ ଦୁଷ୍କର୍ମ କରିବା ସହ ତାର ପାଟି ବନ୍ଦ କରି



ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ଶିଶୁଟି ନିଖୋଜ ହେବା ପରେ ପରିବାର ଲୋକେ ଖୋଜାଖୋଜି କରିଥିଲେ ଏବଂ ସ୍ଥାନୀୟ ସିସିଟିଭି ଚିତ୍ର ସାହାଯ୍ୟରେ ପୁଲିସ୍ ଅଭିଯୁକ୍ତକୁ ଚିହ୍ନଟ କରି ଗିରଫ କରିଥିଲା । ପୂର୍ବରୁ ମଧ୍ୟ ଅଭିଯୁକ୍ତ ଜଣକ ଏକ ଯୌନ ନିର୍ଯାତନା ମାମଲାରେ ସମ୍ପୃକ୍ତ ଥିଲେ । ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା । ପୁଲିସ୍ ମାତ୍ର ୧୫ ଦିନ ମଧ୍ୟରେ ସମସ୍ତ ପ୍ରମାଣ ସଂଗ୍ରହ କରି ୧୨୦୦ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରିଥିଲା ଏବଂ କୋର୍ଟରେ ୫୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ପ୍ରତିଦିନ ଏହି ମାମଲାର ବନ୍ଦ କୋଠରୀରେ ଶୁଣାଣି ଚାଲିଥିଲା । ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କୋର୍ଟଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ କହିଛନ୍ତି ଯେ ଏଭଳି ଅପରାଧୀଙ୍କ ପାଇଁ ସମାଜରେ କୌଣସି ସ୍ଥାନ ନାହିଁ ଏବଂ ସେ ତ୍ୱରିତ ତଦନ୍ତ ପାଇଁ ପୁଣେ ପୁଲିସ୍‌କୁ ପ୍ରଶଂସା କରିଛନ୍ତି ।

## ରାତ୍ରି ଭୋଜନ ପାଇଁ ଡାକି ପ୍ରେମିକାକୁ ହତ୍ୟା

ବେଙ୍ଗାଲୁରୁ, ୨୯ ।୬ (ଏଜେନ୍ସି): କର୍ଣ୍ଣାଟକର ବେଙ୍ଗାଲୁରୁରେ ବିବାହ ପ୍ରସ୍ତାବକୁ ନେଇ ବିବାଦ ଉଗ୍ର ରୂପ ନେଇଛି । ଏହାପରେ ଜଣେ ଯୁବକ ତାଙ୍କର ୨୩ ବର୍ଷୀୟା ପ୍ରେମିକାଙ୍କୁ ରାତ୍ରି ଭୋଜନ ପାଇଁ ଡାକି ଅତି ନିର୍ମମ ଭାବେ ଛୁରି ଭୁସି ହତ୍ୟା କରିଛନ୍ତି । ମୃତ ଯୁବତୀଙ୍କ ନାମ ଅଞ୍ଜଳି ବୋଲି ଜଣାପଡ଼ିଛି । ଗତ ରବିବାର ରାତି ପ୍ରାୟ ୯:୩୦ ସମୟରେ ଏହି ହତ୍ୟାକାଣ୍ଡ ଘଟିଛି । ପୁଲିସ ସୂଚନା ଅନୁଯାୟୀ, ଅଞ୍ଜଳି ଏବଂ ଅଭିଯୁକ୍ତ ରାଜୀବ ଗୋଟିଏ କାର୍ଯ୍ୟାଳୟରେ କାମ କରୁଥିଲେ ଏବଂ ବିଗତ ୩ ରୁ ୪ ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ହେଲେ ରାଜୀବଙ୍କ ପରିବାର ଓ ଆର୍ଥିକ ପୃଷ୍ଠଭୂମିକୁ ନେଇ ଅଞ୍ଜଳିଙ୍କ ପରିବାର ଲୋକେ ଏହି ବିବାହକୁ ବିରୋଧ କରୁଥିଲେ । ପରିବାର ଲୋକଙ୍କ ଚାପରେ ଆସି ଅଞ୍ଜଳି କିଛି ଦିନ ହେବ ରାଜୀବଙ୍କୁ ଦେଖା ନ କରି ଏଡ଼ାଇ ଚାଲିଥିଲେ । ରବିବାର ସନ୍ଧ୍ୟାରେ ରାଜୀବ ତାଙ୍କୁ ରାତ୍ରି ଭୋଜନ ପାଇଁ ଡାକି ପୁଣି ଥରେ ବିବାହ ପ୍ରସଙ୍ଗ ଉଠାଇଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଅଞ୍ଜଳି ସେଠାରୁ ଚାଲିଯିବାକୁ ଚେଷ୍ଟା କରିବା ବେଳେ ରାଜୀବ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ନିଜ ପାଖରେ ରଖିଥିବା ଛୁରିରେ ବେକକୁ ଆଘାତ କରିଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଅଞ୍ଜଳିଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମାତ୍ର କିଛି ମିନିଟ୍ ମଧ୍ୟରେ ଅଭିଯୁକ୍ତ ରାଜୀବଙ୍କୁ ଗିରଫ କରିଛି । ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଏମଏସ ରାମାୟା ଡାକ୍ତରଖାନାକୁ ପଠାଯାଇଛି ଏବଂ ପୁଲିସ ଏହି ଘଟଣାର ଅଧିକ ତଦନ୍ତ କରୁଛି ।

## ଜର୍ମାନୀରେ ଆତତାୟୀର ଗୁଳିବର୍ଷଣ; ୬ ନିହତ




ବର୍ଲିନ୍, ୨୯ ।୬(ଏଜେନ୍ସି): ଉତ୍ତର ଜର୍ମାନୀର ଷ୍ଟାଡେ ସହରରେ ଏକ ସାଙ୍ଘାତିକ ଗୁଳିକାଣ୍ଡ ଘଟିଛି । ଏହି ସଶସ୍ତ୍ର ଆକ୍ରମଣରେ ଅତିକମରେ ୬ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ସ୍ଥାନୀୟ ପୁଲିସ ପ୍ରବକ୍ତା ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ରଏଟର୍ସକୁ ସୂଚନା ଦେଇଛନ୍ତି । ଆତତାୟୀ କେଉଁ ଉଦ୍ଦେଶ୍ୟରେ ଏଭଳି ବର୍ବରକାଣ୍ଡ ଭିଆଇଛି, ସେ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ସୂଚନା ଅନୁଯାୟୀ, ଗୁଳିକାଣ୍ଡ ସମ୍ପର୍କରେ ଖବର ପାଇବା ମାତ୍ରେ ହିଁ ସ୍ଥାନୀୟ ପ୍ରଶାସନ ଓ ସୁରକ୍ଷା ବାହିନୀ ଘଟଣାସ୍ଥଳକୁ ସିଲ୍ କରି ସଶସ୍ତ୍ର ଚଢ଼ାଉ ଆରମ୍ଭ କରିଛନ୍ତି । ଆକ୍ରମଣକାରୀ ସେଠାରୁ ଫେରାର୍ ହୋଇଛି କିମ୍ବା ପୁଲିସ ପକ୍ଷରୁ ତାକୁ ଆୟତ୍ତ କରାଯାଇଛି, ସେ ନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି । ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି । ଘଟଣାଟି ସମ୍ପୂର୍ଣ୍ଣ ଭାବେ ନୂତନ ହୋଇଥିବାରୁ ଏବଂ ଅନୁସନ୍ଧାନ ଜାରି ରହିଥିବାରୁ ମୃତକମାନଙ୍କର ପରିଚୟ ଏବଂ ଆକ୍ରମଣ ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ପୁଲିସ ପକ୍ଷରୁ ମାମଲାର ପରବର୍ତ୍ତୀ ବିବରଣୀ ଏବଂ ସରକାରୀ ସୂଚନାକୁ ଅପେକ୍ଷା କରାଯାଇଛି ।

# ମଧ୍ୟପ୍ରାଚ୍ୟରେ ଇରାନ-ଆମେରିକା ତମାସା



## ଯୁଦ୍ଧ... ବିରତି-ଯୁଦ୍ଧ... ବିରତି

■ ଯୁଦ୍ଧବିରତି ପାଇଁ ସହମତି
■ କାତାରରେ ହେବ ଆଲୋଚନା

ୱାସିଂଟନ୍, ୨୯ ।୬(ଏଜେନ୍ସି): ହର୍ମୁଜ ପ୍ରଣାଳୀ ନିକଟରେ ଗତ କିଛି ଦିନ ହେବ ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଆମେରିକା ଏବଂ ଇରାନ ସାମୟିକ ଭାବେ ଯୁଦ୍ଧ ବନ୍ଦ କରିବାକୁ ସହମତି ପ୍ରକାଶ କରିଛନ୍ତି । ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ଆସନ୍ତା ମଙ୍ଗଳବାର ଦିନ କାତାରର ଦୋହାଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ହର୍ମୁଜ ପ୍ରଣାଳୀ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବ । ଆମେରିକା ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଥିବା ବେଳେ ଇରାନ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବକ୍ତବ୍ୟ ଜାରି କରିନାହିଁ । ମାତ୍ର ୧୧ ଦିନ ପୂର୍ବରୁ ଆମେରିକା ଏବଂ ଇରାନ ମଧ୍ୟରେ ୬୦ ଦିନିଆ ଯୁଦ୍ଧବିରତି ଓ ଶାନ୍ତି ଆଲୋଚନା ପାଇଁ ଏକ ପ୍ରାଥମିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ସାମରିକ ଚୁକ୍ତି ଅନୁଯାୟୀ, ଇରାନ ହର୍ମୁଜ ପ୍ରଣାଳୀ ଦେଇ ଅନ୍ତର୍ଜାତୀୟ ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷିତ ଯାତାୟାତର ସୁଯୋଗ ଦେବ ଏବଂ ଏହାର ବଦଳରେ ଆମେରିକା ଇରାନର ସାମୁଦ୍ରିକ ବନ୍ଦରଗୁଡ଼ିକ ଉପରୁ କଟକଣା ହଟାଇବ । ମାତ୍ର ଚୁକ୍ତିର ସର୍ତ୍ତାବଳୀକୁ ଭିନ୍ନ ଭାବେ ବ୍ୟାଖ୍ୟା କରି ଗତ କିଛି ଦିନ ହେବ ଦୁଇ ଦେଶର ସେନା ମଧ୍ୟରେ ଗୁଳିବିନିମୟ ହୋଇଥିଲା, ଯାହା ଚୁକ୍ତିକୁ ସଙ୍କଟ ମଧ୍ୟକୁ ଠେଲି ଦେଇଥିଲା । ଗତ ସପ୍ତାହରେ ସ୍ୱିଜରଲ୍ୟାଣ୍ଡରେ ଅନୁଷ୍ଠିତ ଆଲୋଚନା ସମୟରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଇରାନ ସେନା ସହ ଯୋଗାଯୋଗ ରକ୍ଷା ପାଇଁ ଏକ ଜରୁରୀକାଳୀନ ସିଧାସଳଖ ଫୋନ୍ ସେବା ବା 'ହଟଲାଇନ୍' ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ । ମାତ୍ର ଶନିବାର ସୁଦ୍ଧା ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇପାରିନଥିଲା । ଏହି ସମୟ ମଧ୍ୟରେ ଇରାନ ପକ୍ଷରୁ ଓମାନ ସୀମା ନିକଟରେ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଦୁଇ ଦୁଇ ଥର ଆକ୍ରମଣ କରାଯାଇଥିଲା, ଯାହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଠୋର ସାମରିକ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଥିଲେ । ଆମେରିକା ନୌସେନା ଦ୍ୱାରା ପରିଚାଳିତ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନର ସୂଚନା ଅନୁଯାୟୀ, ଉତ୍ତେଜନା ସତ୍ତ୍ୱେ ଗତ ୭୨ ଘଣ୍ଟା ମଧ୍ୟରେ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ଜାରି ରହିଛି । ଆମେରିକା ସେନାର ସହାୟତାରେ ପ୍ରାୟ ୮୯ଟି ବାଣିଜ୍ୟିକ ଜାହାଜ ସୁରକ୍ଷିତ ଭାବେ ଗତି କରିଛନ୍ତି, ଯଦିଓ ଏହା ଦୈନିକ ହାରାହାରି ୧୩୮ ଜାହାଜ ଚଳାଚଳ ତୁଳନାରେ ଯଥେଷ୍ଟ କମ୍ ଅଟେ । ବର୍ତ୍ତମାନ ଆଲୋଚନା ପାଇଁ ଦୁଇ ପକ୍ଷ ସାମରିକ କାର୍ଯ୍ୟକଳାପ ବନ୍ଦ ରଖିବାକୁ ରାଜି ହୋଇଛନ୍ତି । ଜାଗତିକ ଶକ୍ତି ଯୋଗାଣ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ହର୍ମୁଜ ପ୍ରଣାଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଠାରେ ଯୁଦ୍ଧ ସ୍ଥିତି ସମଗ୍ର ବିଶ୍ୱର ଚିନ୍ତା ବଢ଼ାଇ ଦେଇଥିଲା । କାତାରର ଦୋହାଠାରେ ହେବାକୁ ଥିବା ବୈଠକରେ ଯଦି ଦୁଇ ଦେଶ କୌଣସି ସ୍ଥାୟୀ ସମାଧାନର ସୂତ୍ର ବାହାର କରିବାରେ ସଫଳ ହୁଅନ୍ତି, ତେବେ ବିଶ୍ୱ ବଜାର ଏବଂ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଲାଗି ରହିଥିବା ଅନିଶ୍ଚିତତା ଦୂର ହୋଇପାରିବ ।

## ୭ଟି ରାଜ୍ୟରେ ଗ୍ରୀଷ୍ମପ୍ରବାହ: ୪୦ ଡିଗ୍ରୀ ଟପିଲା ପାରଦ

ନୂଆଦିଲ୍ଲୀ, ୨୯ ।୬(ଏଜେନ୍ସି): ଦେଶର ୭ଟି ରାଜ୍ୟ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା, ଦିଲ୍ଲୀ, ବିହାର ଏବଂ ଗୁଜରାଟର ଅନେକ ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଏହି ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ପାର୍ କରିଛି । ରାଜସ୍ଥାନର ଫଲୋଦୀଠାରେ ଦେଶର ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ଆଗାମୀ ଦୁଇ ଦିନରେ ଛତିଶଗଡ଼, ତେଲେଙ୍ଗାନା, ଓଡ଼ିଶା, କେରଳ, ଗୋଆ, ତାମିଲନାଡୁ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ବିହାର, ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ଘଣ୍ଟାପ୍ରତି ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ । ପୂର୍ବ ଉତ୍ତର ପ୍ରଦେଶର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ସେହିପରି ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି । ସିକିମ୍, ଗୋଆ, ତେଲେଙ୍ଗାନା ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳରେ ଲଗାତାର ୫ମ ଦିନ ପାଇଁ ଗ୍ରୀଷ୍ମ ପ୍ରବାହ ସତର୍କତା ଜାରି କରାଯାଇଛି । ଇତିମଧ୍ୟରେ ବର୍ଷା ବିପର୍ଯ୍ୟୟ ଜନିତ ଦୁର୍ଘଟଣାରେ ମଧ୍ୟପ୍ରଦେଶର ବଡ଼ୱାନୀ ଜିଲ୍ଲାରେ ବନ୍ୟା ପାଣିରେ ଜଣେ ଟ୍ରାକ୍ଟର ଚାଳକ ଭାସିଯାଇ ନିଖୋଜ ଅଛନ୍ତି । ସେହିପରି ଛତିଶଗଡ଼ର ବେମେତରା ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଏକ ମାଟିଘର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଦୁଇ ଭଉଣୀଙ୍କ ମୃତ୍ୟୁ ହୋଇଛି ଏବଂ ସୁକମା ଜିଲ୍ଲାରେ ବଜ୍ରପାତ ଯୋଗୁଁ ଜଣଙ୍କର ମୃତ୍ୟୁ ହେବା ସହ ୪ ଜଣ ଆହତ ହୋଇଛନ୍ତି ।

## ଖାମେନେଇଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେବେ କେନ୍ଦ୍ରମନ୍ତ୍ରୀ, ବିହାର ରାଜ୍ୟପାଳ

ନୂଆଦିଲ୍ଲୀ, ୨୯ ।୬(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଭାରତ ପକ୍ଷରୁ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏବଂ ବିହାର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ସୟଦ ଅତା ହସନେନ ଯୋଗଦେବେ ।



ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏଥିପାଇଁ ନିମନ୍ତ୍ରଣ କରିଥିଲେ ମଧ୍ୟ ସମୟ ଅଭାବରୁ ଭାରତୀୟ ପ୍ରତିନିଧି ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ । ଆସନ୍ତା ଜୁଲାଇ ୪ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଇରାନର ବିଭିନ୍ନ ସହରରେ ଏହି ଅନ୍ତ୍ୟେଷ୍ଟି ପ୍ରକ୍ରିୟା ଚାଲିବ ଏବଂ ଶେଷରେ ମସହାଦ ସହରରେ ତାଙ୍କୁ ସମାଧି ଦିଆଯିବ । ଗତ ଫେବୃଆରୀ ୨୮ ତାରିଖରେ ଇସ୍ରାଏଲ ଏବଂ ଆମେରିକାର ମିଳିତ ବିମାନ ଆକ୍ରମଣରେ ୮୬ ବର୍ଷୀୟ ଖାମେନେଇଙ୍କ ମୃତ୍ୟୁ ହୋଇଥିଲା । ଯୁଦ୍ଧ ପରିସ୍ଥିତି ଯୋଗୁଁ ଏହି ଅନ୍ତ୍ୟେଷ୍ଟିକ୍ରିୟା ବିଳମ୍ବରେ କରାଯାଉଛି, ଯେଉଁଥିରେ ପ୍ରାୟ ଦୁଇ କୋଟି ଶୋକାକୁଳ ଜନସାଧାରଣ ଏବଂ ବିଶ୍ୱର ଅନେକ ନେତା ସାମିଲ ହେବାର ସମ୍ଭାବନା ରହିଛି । ସେହିପରି ଏହି ଆକ୍ରମଣରେ ଆହତ ହୋଇଥିବା ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି । ନିକଟରେ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଏହି ବଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି ।

## ଯେକୌଣସି ସମୟରେ ନିର୍ବାଚନ: ଷ୍ଟାଲିନ୍

ଚେନ୍ନାଇ, ୨୯ ।୬(ଏଜେନ୍ସି): ତାମିଲନାଡୁରେ ଏକ ବଡ଼ ରାଜନୈତିକ ହଲଚଲ ମଧ୍ୟରେ ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନ ନିଜ ଦଳୀୟ କର୍ମୀମାନଙ୍କୁ ସର୍ବଦା ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଛନ୍ତି । ଚେନ୍ନାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ ରାଜ୍ୟରେ ଆସନ୍ତା ତିନି କିମ୍ବା ଛଅ ମାସ ମଧ୍ୟରେ ଯେକୌଣସି ସମୟରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହୋଇପାରେ । ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ବର୍ତ୍ତମାନର ସରକାରକୁ ଏକ ଦୁର୍ବଳ 'ସଂଖ୍ୟାଲଘୁ' ସରକାର ବୋଲି ଦର୍ଶାଇ ଷ୍ଟାଲିନ କହିଛନ୍ତି ଯେ, ଏହି ସରକାର ନିଜ ବଳରେ ସଂଖ୍ୟାଗରିଷ୍ଠତା ହାସଲ କରିନାହିଁ । ଟିଭିକେ ପାଖରେ ମାତ୍ର ୧୦୮ଟି ଆସନ ରହିଛି, ଯାହା ବହୁମତ ସଂଖ୍ୟା ୧୧୮ଠାରୁ କମ୍ । ଅନ୍ୟ ଦଳଗୁଡ଼ିକର ସହଯୋଗରେ ଚାଲିଥିବା ଏହି ଶାସନ ଗାଡ଼ି ଯେକୌଣସି ମୋଡ଼ରେ ଅଟକି ଯାଇପାରେ । ସେହିପରି ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ ମଧ୍ୟ ବର୍ତ୍ତମାନର ସରକାରକୁ ସମାଲୋଚନା କରି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ କରିଛନ୍ତି । ଷ୍ଟାଲିନ ଦଳୀୟ କର୍ମୀମାନଙ୍କୁ ଏବେଠାରୁ ହିଁ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।



## ନଦୀରୁ ସ୍ୱାମୀ, ସ୍ତ୍ରୀ ଓ ଦୁଇ ଶିଶୁଙ୍କ ମୃତଦେହ ଉଦ୍ଧାର

ଏର୍ଣ୍ଣାକୁଲମ, ୨୯ ।୬(ଏଜେନ୍ସି): କେରଳର କୋଠାମଙ୍ଗଲମ ଅଞ୍ଚଳରେ ଥିବା ମୁଭାଟ୍ଟୁପୁଝା ନଦୀରୁ ଜଣେ ଦମ୍ପତି ଏବଂ ସେମାନଙ୍କର ଦୁଇ ନାବାଳକ ସନ୍ତାନଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଏହି ସମ୍ପୂର୍ଣ୍ଣ ପରିବାର ଗତ ଜୁନ୍ ୨୫ ତାରିଖରୁ ନିଖୋଜ ଥିଲେ । ପୁଲିସ ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ ନଦୀର ଭିନ୍ନ ଭିନ୍ନ ସ୍ଥାନରୁ ଏହି ଚାରୋଟି ମୃତଦେହ ମିଳିଛି । ମୃତକମାନେ ହେଲେ ନାରାୟଣନ, ତାଙ୍କର ଦୃଷ୍ଟିହୀନ ପତ୍ନୀ ବିଜୀ ଏବଂ ଦୁଇ ସନ୍ତାନ । ଏହି ପରିବାର କୋଠାମଙ୍ଗଲମରେ ଏକ ଭଡ଼ା ଘରେ ରହୁଥିଲେ ଏବଂ ଦୀର୍ଘ ଦିନ ଧରି ପ୍ରବଳ ଆର୍ଥିକ ଅନାଟନ ଓ ମାନସିକ ଚିନ୍ତା ଦେଇ ଗତି କରୁଥିଲେ । ୪୫ ଦିନ ପୂର୍ବରୁ ଘରମାଲିକ ସେମାନଙ୍କୁ ଘର ଖାଲି କରିବାକୁ ନୋଟିସ ଦେଇଥିଲେ । ପୁଲିସ ସେମାନଙ୍କୁ ଖାଦ୍ୟ ଓ ସାମଗ୍ରୀ ଯୋଗାଇବା ସହ ଏକ ନୂଆ ଭଡ଼ା ଘରର ବ୍ୟବସ୍ଥା ମଧ୍ୟ କରିଥିଲା । ଯେଉଁଦିନ ପରିବାରଟି ନୂଆ ଘରକୁ ଯିବାର ଥିଲା, ସେହିଦିନ ହିଁ ସେମାନେ ନିଖୋଜ ହୋଇଯାଇଥିଲେ । ସେମାନଙ୍କୁ ଶେଷ ଥର ପାଇଁ ଏକ ରେସ୍ତୋରାଁ ନିକଟରେ ଚାଲି ଚାଲି ଯାଉଥିବାର ସିସିଟିଭି ଚିତ୍ର ମିଳିଛି । ଆର୍ଥିକ ସଙ୍କଟ ସହ୍ୟ ନକରିପାରି ପୂର୍ବ ଯୋଜନା ଅନୁଯାୟୀ ପରିବାର ସହ ନଦୀକୁ ଡେଇଁ ସେମାନେ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି ।

## ସ୍ତ୍ରୀ, ଶ୍ୱଶୁର ଘର ଲୋକଙ୍କ ନିର୍ଯାତନା; ବ୍ୟବସାୟୀଙ୍କ ଆତ୍ମହତ୍ୟା



ଫରିଦାବାଦ, ୨୯ ।୬(ଏଜେନ୍ସି): ହରିଆଣାର ଫରିଦାବାଦ ଅନ୍ତର୍ଗତ ବଲ୍ଲଭଗଡ଼ ଅଞ୍ଚଳରେ ଜଣେ ୨୮ ବର୍ଷୀୟ ପୋଷାକ ବ୍ୟବସାୟୀ ନିଜ ଦୋକାନ ଭିତରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ୍ୟୁ ପୂର୍ବରୁ ସେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଅପଲୋଡ୍ କରି ନିଜ ପତ୍ନୀ ଏବଂ ଶ୍ୱଶୁର ଘର ଲୋକଙ୍କ ଉପରେ ଗୁରୁତର ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ମୃତ ବ୍ୟବସାୟୀଙ୍କ ନାମ ରାହୁଲ ବୋଲି ଜଣାପଡ଼ିଛି । ଭିଡିଓରେ ରାହୁଲ କହିଛନ୍ତି ଯେ ଦୁଇ ବର୍ଷ ପୂର୍ବେ ସେ ପ୍ରେମ ବିବାହ କରିଥିଲେ ମଧ୍ୟ ସ୍ତ୍ରୀ, ଶ୍ୱଶୁର, ଶାଶୁ ଓ ଶାଳୀ ତାଙ୍କୁ କ୍ରମାଗତ ଭାବେ ନିର୍ଯାତନା ଦେଇ ଆସୁଥିଲେ । ସେ ଘରର ସମସ୍ତ କାମ ଯଥା- ଝାଡୁ, ପୋଛା ଓ ବାସନ ମାଜିବା କରୁଥିଲେ ମଧ୍ୟ ସ୍ତ୍ରୀ ତାଙ୍କୁ ମାଡ଼ ମାରୁଥିଲେ ଏବଂ ଅଲଗା ରହିବାକୁ ବାଧ୍ୟ କରୁଥିଲେ । ଦୁଇ ଦିନ ପୂର୍ବରୁ ସ୍ତ୍ରୀ ତାଙ୍କ ବିରୋଧରେ ଏକ ମିଥ୍ୟା ମାମଲା ମଧ୍ୟ ରୁଜୁ କରିଥିଲେ, ଯାହା ଯୋଗୁଁ ସେ ପ୍ରବଳ ମାନସିକ ଚିନ୍ତାରେ ଥିଲେ ।

## ପାକିସ୍ତାନ ଆକ୍ରମଣରେ ୩୫ ଆଫଗାନ ନାଗରିକ ମୃତ

ଇସଲାମାବାଦ, ୨୯ ।୬(ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମାରେ ପାକିସ୍ତାନୀ ବାୟୁସେନା ପକ୍ଷରୁ ହୋଇଥିବା ଏକ ଜଘନ୍ୟ 'ଡବଲ୍-ଟାପ୍' ବିମାନ ଆକ୍ରମଣରେ ଶିଶୁ ଓ ମହିଳାଙ୍କ ସମେତ ଅତିକମ୍‌ରେ ୩୫ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଆଫଗାନିସ୍ତାନର ତାଲିବାନ ସରକାର ଏହି ଆକ୍ରମଣକୁ ଅତି ବର୍ବର ଏବଂ କାପୁରୁଷୋଚିତ ବୋଲି କହି ପ୍ରତିବାଦ କରିଛନ୍ତି । ସୂଚନା ଅନୁଯାୟୀ, ଗତ ମଧ୍ୟରାତ୍ରିରେ ପାକିସ୍ତାନୀ ଯୁଦ୍ଧବିମାନଗୁଡ଼ିକ ଆଫଗାନିସ୍ତାନର ପାକ୍ତିକା, ପାକ୍ତିଆ ଏବଂ କୁନାର ପ୍ରଦେଶର



ଆବାସିକ ଅଞ୍ଚଳ ଉପରେ ପ୍ରଥମେ ବୋମା ବର୍ଷଣ କରିଥିଲେ । ଏହାର ପ୍ରାୟ ୨୫ ମିନିଟ୍ ପରେ, ଯେତେବେଳେ ସ୍ଥାନୀୟ ଗ୍ରାମବାସୀ ଧ୍ୱଂସାବଶେଷ ତଳୁ ଆହତ ମହିଳା ଓ ଶିଶୁମାନଙ୍କୁ ଉଦ୍ଧାର କରୁଥିଲେ, ସେହି ସମୟରେ ପାକିସ୍ତାନୀ ସେନା ପୁନର୍ବାର ସେହି ସ୍ଥାନ ଉପରେ ଦ୍ୱିତୀୟ ବୋମାମାଡ଼ କରିଥିଲା । ସାମରିକ ଭାଷାରେ ଏହାକୁ 'ଡବଲ୍-ଟାପ୍' କୁହାଯାଏ, ଯାହା ଉଦ୍ଧାରକାରୀ ଦଳକୁ ଲକ୍ଷ୍ୟ କରି କରାଯାଇଥିବାରୁ ମୃତ୍ୟୁସଂଖ୍ୟା ବହୁତ ବଢ଼ିଯାଇଛି । ଅନ୍ୟପକ୍ଷରେ, ପାକିସ୍ତାନର ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରାର୍ ଏହି ଆକ୍ରମଣକୁ ସ୍ୱୀକାର କରି ଦାବି କରିଛନ୍ତି ଯେ ଏହା ଆଫଗାନିସ୍ତାନ ସୀମାରେ ଲୁଚି ରହିଥିବା ଜମାତ-ଉଲ୍-ଅହରାର୍ ଏବଂ ଟିଟିପି ଆତଙ୍କବାଦୀ ସଙ୍ଗଠନ ବିରୋଧରେ ଏକ ସଠିକ୍ ସାମରିକ କାର୍ଯ୍ୟାନୁଷ୍ଠାନ ଥିଲା ।

## ଭେନେଜୁଏଲା ଭୂକମ୍ପ: ମୃତ୍ୟୁସଂଖ୍ୟା ୧୪୫୦ ଟପିଲା

କାରାକାସ୍, ୨୯ ।୬(ଏଜେନ୍ସି): ଶକ୍ତିଶାଳୀ ଦୁଇଟି ଭୂକମ୍ପ ଝଟକା ପରେ ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ସ୍ଥିତି ଅତି ସଙ୍ଗିନ ହୋଇପଡ଼ିଛି । ବିପର୍ଯ୍ୟୟର ୭୨ ଘଣ୍ଟା ବିତିଯାଇଥିବାରୁ ଧ୍ୱଂସାବଶେଷ ତଳୁ ଆଉ କାହାରିକୁ ଜୀବିତ ଉଦ୍ଧାର କରିବା ଆଶା ଏବେ ମଉଳିବାରେ ଲାଗିଛି । ସରକାରୀ ସୂଚନା ଅନୁଯାୟୀ, ମୃତ୍ୟୁସଂଖ୍ୟା ୧, ୪୫୦ ଟପିଥିବା ବେଳେ ୩, ୧୫୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଦେଶର ପ୍ରାୟ ୨୦୦ରୁ ଅଧିକ ବହୁତଳ ପ୍ରାସାଦ ଓ କୋଠାବାଡ଼ି ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯାଇଛି । ଗତ ବୁଧବାର ସନ୍ଧ୍ୟାରେ ଆସିଥିବା ୭.୨ ଏବଂ ୭.୫ ତୀବ୍ରତାର ଏହି ଭୂକମ୍ପ ଯୋଗୁଁ ରାଜଧାନୀ କାରାକାସ୍ ଏବଂ ଉପକୂଳବର୍ତ୍ତୀ ସହର ଲା ଗୁଆଇରା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ପ୍ରଶାସନର ମନ୍ଥର ଉଦ୍ଧାର କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଲୋକେ ନିଜ ହାତରେ ମାଟି ଓ କଂକ୍ରିଟ୍ ଖୋଳି ନିଜ ସମ୍ପର୍କୀୟମାନଙ୍କୁ ଖୋଜୁଛନ୍ତି ।

## ସପିଙ୍ଗ୍ ବାହାନାରେ କେତନଠାରୁ କୋଟିଏ ଆଣି ପ୍ରେମିକକୁ ଦେଇଥିଲା ସିୟା

ପୁଣେ, ୨୯ ।୬(ଏଜେନ୍ସି): ପୁଣେର ପ୍ରସିଦ୍ଧ ଲୋହଗଡ଼ ଦୁର୍ଗରେ ଘଟିଥିବା କେତନ ଅଗ୍ରୱାଲ ହତ୍ୟା ମାମଲାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । କେତନଙ୍କ ଭାବି ପତ୍ନୀ ସିୟା ଗୋୟଲ ବିବାହ ପାଇଁ କିଣାକିଣି କରିବା ବାହାନାରେ ତାଙ୍କଠାରୁ ପ୍ରାୟ ୧ କୋଟି ଟଙ୍କା ନେଇଥିଲେ ଏବଂ ସେହି ଅର୍ଥକୁ ନିଜ ପ୍ରେମିକ ଚେତନ ଚୌଧୁରୀଙ୍କୁ ଦେଇଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି । ପରେ ଦୁହେଁ ମିଶି କେତନଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିଥିଲେ । ଗତକାଲି ପୁଲିସଙ୍କ ଗହଣରେ ଅଭିଯୁକ୍ତଙ୍କ ଦ୍ୱାରା ଲୋହଗଡ଼ ଠାରେ କ୍ରାଇମ୍ ସିନ୍ ରିକ୍ରିଏସନ କରାଯାଇଥିଲା । ଏବେ ଉଭୟ ଅଭିଯୁକ୍ତ ସିୟା ଗୋୟଲ ଓ ଚେତନ ଚୌଧୁରୀଙ୍କୁ ଜୁଲାଇ ୩ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଯାଇଛି ।

ପୁଲିସ୍‌ର ସୂଚନା ଅନୁସାରେ, ୨୦ ବର୍ଷୀୟା ସିୟା ଏବଂ ୨୨ ବର୍ଷୀୟ ଚେତନ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହତ୍ୟାକାଣ୍ଡର ପୂରା ଯୋଜନା ପ୍ରସ୍ତୁତ କରିଥିଲେ । ଚେତନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିଲା । ତାଙ୍କ ବ୍ୟବସାୟକୁ ସ୍ଥିର କରିବା ପାଇଁ ସିୟା କେତନଙ୍କଠାରୁ ଠକି ଆଣିଥିବା ୧ କୋଟି ଟଙ୍କା ଚେତନଙ୍କୁ ଦେଇଥିଲେ । ସନ୍ଦେହରୁ ବଞ୍ଚିବା ପାଇଁ ସେମାନେ ନିଷ୍ପତ୍ତି ନେଇଥିଲେ ଯେ ହତ୍ୟାକାଣ୍ଡର ୩ ବର୍ଷ ପର୍ଯ୍ୟନ୍ତ ସିୟା ବିବାହ କରିବେ ନାହିଁ । ମାମଲା ଶାନ୍ତ ହେବା ପରେ ଦୁହେଁ ବିବାହ କରିବେ । ତଦନ୍ତ ବେଳେ, ହତ୍ୟାକାଣ୍ଡର ଗୋଟିଏ ଦିନ ପୂର୍ବରୁ ସିୟା ଓ ଚେତନ ଏକ କାଫେରେ ବସି ଯୋଜନା କରିଥିବା ଜଣାପଡ଼ିଛି । ଏପରିକି ସେମାନେ ଦୁର୍ଗ ପରିଦର୍ଶନ କରି ହତ୍ୟାକାଣ୍ଡର ସ୍ଥାନ ନିରୂପଣ କରିଥିଲେ । ପରେ ଜୁନ୍ ୧୮ ରେ ପ୍ରି-ୱେଡିଂ ଫଟୋସୁଟ୍ ବାହାନାରେ ସିୟା କେତନଙ୍କୁ ଲୋହଗଡ଼ ଦୁର୍ଗକୁ ନେଇଥିଲେ । ହତ୍ୟାକାଣ୍ଡ ଦିନ ଗିରଫ ଏଡାଇବା ପାଇଁ ଚେତନ ଏକ ସ୍କୁଟରରେ ୯୦ କିଲୋମିଟର ଯାତ୍ରା କରି ଦୁର୍ଗରେ ପହଞ୍ଚିଥିଲେ । ଦୁର୍ଗ ଉପରେ ସିୟା ପାଣି ପିଇବା କିମ୍ବା ଜୋତା ଫିତା ବାନ୍ଧିବା ବାହାନାରେ ବସି ଚେତନଙ୍କୁ ସଙ୍କେତ ଦେଇଥିଲେ, ଯାହା ପରେ ଚେତନ କେତନଙ୍କୁ ପାହାଡ଼ ତଳକୁ ଠେଲି ଦେଇଥିଲେ । ଏହାପୂର୍ବରୁ ଜୁନ୍ ୧୪ରେ ମଧ୍ୟ ହତ୍ୟା ପାଇଁ ପ୍ରଥମ ଚେଷ୍ଟା କରାଯାଇଥିଲା, କିନ୍ତୁ ସେତେବେଳେ କେତନ ଗୋଟିଏ ବୁଦାକୁ ଧରି ବଞ୍ଚି ଯାଇଥିଲେ । ତାଙ୍କୁ ଏପରି ବିପଜ୍ଜନକ ଭାବେ ଠେଲିବାର କାରଣ କେତନ ପଚାରିବାରୁ ସିୟା ମିଛରେ କେତନଙ୍କୁ ସାପ କବଳରୁ ରକ୍ଷା କରିବାକୁ ଠେଲି ଦେଇଥିବା କହିଥିଲେ । ହତ୍ୟାକାଣ୍ଡର ମାତ୍ର ୩୪ ମିନିଟ୍ ପୂର୍ବରୁ ସିୟା ଓ ଚେତନଙ୍କ ମଧ୍ୟରେ ହୋଇଥିବା ଗୋପନୀୟ ଫୋନ୍ କଲ୍ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ୍ ଉଭୟଙ୍କୁ ଗିରଫ କରିଛି । ପୁଲିସ୍ ଏହି ଘଟଣାରେ ବ୍ୟବହୃତ ଦୁଇଚକିଆ ଗାଡ଼ି ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।



ସକାଳ THE SAKALA
ମଙ୍ଗଳବାର ୩୦ ଜୁନ୍, ୨୦୨୬







## ମହାପ୍ରଭୁଙ୍କ ଦର୍ଶନ କଲେ ମୋହନ-ଧର୍ମେନ୍ଦ୍ର

ପୁରୀ,୨୯।୬(ସମିସ): ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ଭାଗ୍ୟରେ ଥିଲେ ମିଳେ। ରଥଯାତ୍ରାର ଏହି ଆଦ୍ୟ ପର୍ବରେ ଚତୁର୍ଦ୍ଧାବିଗ୍ରହଙ୍କ ପ୍ରତ୍ୟକ୍ଷ ସ୍ନାନ ସହ ହାତୀବେଶ ଦେଖିଥା'ନ୍ତି ଶ୍ରଦ୍ଧାଳୁ। ସୋମବାର ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇଁ ନିଜକୁ କୃତାର୍ଥ ମଣିଛନ୍ତି। ଏମାନଙ୍କ ଭିତରେ ବହୁ ନେତାମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ମଧ୍ୟ ସାମିଲ୍ ଥିଲେ। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମହାପ୍ରଭୁଙ୍କ ଦର୍ଶନକୁ ନେଇ ଏବେ ପୁରୀରେ ବେଶ୍ ଚର୍ଚ୍ଚା। ଦୁହେଁ ଅଲଗା ଭାବେ ନିଜ ସମର୍ଥକଙ୍କ ସହ ମହାପ୍ରଭୁଙ୍କ ଦର୍ଶନକୁ ନେଇ ବିଜେପି ରାଜନୀତି ସରଗରମ ହୋଇଛି। ସକାଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପହଞ୍ଚି ସ୍ନାନମଣ୍ଡପରେ ଠାକୁରଙ୍କ ମଙ୍ଗଳ ଆଳତି ଦର୍ଶନ କରିଥିଲେ। ତାଙ୍କ ସହିତ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହିତ କିଛି ଦଳୀୟ ନେତା ଉପସ୍ଥିତ ଥିଲେ। ଶ୍ରୀମନ୍ଦିରର କିଛି ସେବାୟତ ମଧ୍ୟ ଦର୍ଶନ ସମୟରେ ତାଙ୍କ ସହିତ ରହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦର୍ଶନ ପାଇଁ ଆସିଥିଲେ। ତାଙ୍କ ସହିତ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ରହିଥିଲେ। ଯେହେତୁ ଉଭୟେ ଗୋଟିଏ ଦଳର; ଜଣେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଜଣେ କେନ୍ଦ୍ରମନ୍ତ୍ରୀ ହୋଇଥିବାରୁ ଉଭୟ ଏକାଠି ମହାପ୍ରଭୁଙ୍କ ଦର୍ଶନ କରିପାରିଥାଆନ୍ତେ। ସେପରି ହୋଇଥିଲେ ଏହାକୁ ନେଇ ଭିନ୍ନ ଚର୍ଚ୍ଚା ହୋଇ ନ ଥାନ୍ତା । ମାତ୍ର ପୁରୀର ଏହି ଘଟଣା ଏବେ ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଛି । ଅନ୍ୟପକ୍ଷରେ ନିକଟରେ ଘଟିଥିବା ଅନ୍ୟଏକ ପ୍ରସଙ୍ଗକୁ ଲୋକମାନେ ଆଜିର ଘଟଣା ସହ ଯୋଡ଼ିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଜନ୍ମଦିନ ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରକୁ ପୁରୀ ସାଂସଦ ଡ. ପାତ୍ର ଉଦ୍‌ଘାଟନ କରିଥିଲେ ବି ପଦୁଟିଏ କେନ୍ଦ୍ରମନ୍ତ୍ରୀଙ୍କ ନାଁ ନେଇ ନ ଥିଲେ।




# ରାଗିଛନ୍ତି କି କାଳିଆ ଠାକୁର?

### ସ୍ନାନବେଦୀରେ ଲିଭିଗଲା ଦୀପ

ପୁରୀ,୨୯।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରରେ ଏକ ଅଭାବନୀୟ ଘଟଣା ଘଟିଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଳତି ଓ ବନ୍ଦାପନା କରୁଥିବାବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଆଳତି ଦୀପ ହଠାତ୍ ଲିଭିଯାଇଥିଲା। ବିଶ୍ୱନିୟନ୍ତାଙ୍କ ସମ୍ମୁଖରେ ଆଳତି ଦୀପ ଲିଭିବା ଘଟଣା ଭକ୍ତଙ୍କୁ ବ୍ୟଥିତ କରିଛି। ନିକଟ ଅତୀତରେ ସ୍ନାନମଣ୍ଡପରେ ଏଭଳି ଦୃଶ୍ୟ କେବେ ଦେଖିବାକୁ ମିଳି ନ ଥିଲା। ଭକ୍ତମାନେ ଏହି ବ୍ୟତିକ୍ରମକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ନାନା ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କେହି କେହି ଏହାକୁ ଆଗାମୀ ବଡ଼ ବିପଦର ସଂକେତ ବୋଲି କହୁଥିବାବେଳେ, ଆଉ କେହି ରାଜ୍ୟ ଉପରେ ବିପଦ ଏପରିକି ପ୍ରାକୃତିକ ପ୍ରଳୟ ଆସିବାର ଆଶଙ୍କା ପ୍ରକାଶ କରୁଛନ୍ତି। ସବୁଠାରୁ ଅଧିକ ଚର୍ଚ୍ଚା ହେଉଛି- କ'ଣ ଆମ କାଳିଆ ସାଆନ୍ତ ରାଗିଛନ୍ତି କି? ମହାପ୍ରଭୁଙ୍କ ପାଖରେ ଦୀପ ଲିଭିବା ଘଟଣାକୁ ଭକ୍ତମାନେ ସାଧାରଣ ବୋଲି ଭାବି ପାରୁନାହାନ୍ତି।

ସ୍ନାନଯାତ୍ରା ଦର୍ଶନ ପାଇଁ ପୁରୀ ଆସିଥିବା ବାଲେଶ୍ୱରର ସୁଦର୍ଶନ ଦାସ କହିଛନ୍ତି, "ମହାପ୍ରଭୁଙ୍କ ଆଗରେ ଦୀପ ଲିଭିବା ଶୁଭ ସଂକେତ ନୁହେଁ। ଆଗକୁ ରାଜ୍ୟ ପାଇଁ କିଛି ଖରାପ ସମୟର ସଂକେତ ହୋଇଥାଇପାରେ। ନିଶ୍ଚୟ ଆମଠାରୁ କିଛି ଭୁଲ ହୋଇଛି। ସମସ୍ତେ ମିଶି କାଳିଆଙ୍କୁ କ୍ଷମା ମାଗିବା ଉଚିତ୍। ସେହିପରି ମାମିନା ପଣ୍ଡା କହିଛନ୍ତି "କାଳିଆ କେବେ ଭକ୍ତଙ୍କ ଉପରେ ରାଗନ୍ତି ନାହିଁ। ଏହା ହୁଏତ ଆମକୁ ସଚେତନ କରାଇବା ପାଇଁ ତାଙ୍କର ଲୀଳା। ଅଧିକ ଭକ୍ତି ଓ ଶୁଦ୍ଧ ମନରେ ତାଙ୍କୁ ପ୍ରାର୍ଥନା କରିବା। ଅନ୍ୟଜଣେ ଶ୍ରଦ୍ଧାଳୁ ସରୋଜ ପ୍ରଧାନ "ପବନ ଯୋଗୁଁ ଦୀପ ଲିଭି ଯାଇଥାଇପାରେ। ଏହାକୁ ଅନ୍ୟ ଅର୍ଥରେ ନ ନେଇ ଆମେ ସମସ୍ତେ ମହାପ୍ରଭୁଙ୍କ ଉପରେ ବିଶ୍ୱାସ ରଖିବା ଦରକାର। ସେ ସବୁ ମଙ୍ଗଳ କରିବେ' ବୋଲି କହିଛନ୍ତି।

### କେନ୍ଦ୍ର ମଧ୍ୟସ୍ଥତାରେ ହରିୟାଣା-ରାଜସ୍ଥାନ ଜଳ ବିବାଦର ସମାଧାନ

# ଓଡ଼ିଶା କ'ଣ ସାବତ ଛୁଆ?

- କେନ୍ଦ୍ର ହସ୍ତକ୍ଷେପ ନ କଲେ ମହାନଦୀ ଭୋଗିବ କାବେରୀ ଦଶା
- ଓଡ଼ିଶା, ଛତିଶଗଡ଼, କେନ୍ଦ୍ରରେ ଚାଲିଛି ଟ୍ରିପଲ ଇଞ୍ଜିନ ସରକାର

ଭୁବନେଶ୍ୱର,୨୯।୬(ସମିସ): ହରିୟାଣା ଓ ରାଜସ୍ଥାନ ମଧ୍ୟରେ ଦୀର୍ଘ ୩୨ ବର୍ଷ ଧରି ଚାଲିଆସିଥିବା ଯମୁନା ଜଳ ବିବାଦର ଐତିହାସିକ ସମାଧାନ ହୋଇଛି। ସୋମବାର କେନ୍ଦ୍ର ଗୃହମନ୍ତ୍ରୀ, ଜଳଶକ୍ତି ମନ୍ତ୍ରୀଙ୍କ ଉପସ୍ଥିତିରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଳ ବିବାଦର ସମାଧାନ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। କେନ୍ଦ୍ର ସରକାର ହରିୟାଣା, ରାଜସ୍ଥାନ ମଧ୍ୟରେ ମଧ୍ୟସ୍ଥତା କରି ଜଳ ବିବାଦ ସମାଧାନ କରିଥିବା ସମୟରେ ଓଡ଼ିଶା ପ୍ରତି କାହିଁକି ପାତରଅନ୍ତର କରୁଛନ୍ତି ବୋଲି ପ୍ରଶ୍ନ ଉଠିଛି। ଉଭୟ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ଅଛି। କେନ୍ଦ୍ର ସରକାର ଚାହିଁଲେ ଓଡ଼ିଶାର ସ୍ୱାର୍ଥ ରକ୍ଷା ହୋଇପାରନ୍ତା ଓ ଯମୁନା ଜଳ ବିବାଦ ପରି ମହାନଦୀ ଜଳ ବିବାଦ ସମାଧାନ ହୋଇପାରନ୍ତା। ମାତ୍ର ଦୀର୍ଘଦିନ ଧରି ଏହି ବିବାଦକୁ ସମାଧାନ ପାଇଁ କେନ୍ଦ୍ର ସରକାର କାହିଁକି ଚାହୁଁ ନାହାନ୍ତି, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି ।

ଜଳ ବିଶେଷଜ୍ଞଙ୍କ ଅନୁଯାୟୀ ଟ୍ରିବ୍ୟୁନାଲରେ ଜଳ ବିବାଦର ସମାଧାନ ସମୟ ସାପେକ୍ଷ ଓ ସମାଧାନ ଆଶା କ୍ଷୀଣ। ରାଜ୍ୟରେ କ୍ଷମତାକୁ ଆସିଲେ ମହାନଦୀ ସମସ୍ୟାର ସମାଧାନ କରିଦେବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ବିଜେପିର ପ୍ରତିଶ୍ରୁତି ଉପରେ ଭରଷି ରାଜ୍ୟବାସୀ ଦଳକୁ କ୍ଷମତାକୁ ମଧ୍ୟ ଆଣିଲେ। ମାତ୍ର ସରକାରଙ୍କୁ ଦୁଇ ବର୍ଷ ପୂରି ୩ ବର୍ଷ ଚାଲିଥିଲେ ହଁ ବିବାଦର ସମାଧାନ କ୍ଷେତ୍ରରେ ସେପରି କିଛି ଆଖିଦୃଶିଆ ଅଭିବୃଦ୍ଧି ଘଟିପାରି ନାହିଁ। ସରକାର ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ନେଇ ଗୁରୁତ୍ୱାରୋପ କରୁଛନ୍ତି। ଇତିମଧ୍ୟରେ ଉଭୟ ରାଜ୍ୟ ଦ୍ୱାରା ଗଠିତ ଯୁଗ୍ମ ବୈଷୟିକ କମିଟି ୩୦ରୁ ଅଧିକ ବୈଠକ କଲାଣି। ମାତ୍ର ଆପୋଷ ସମାଧାନର ସତ୍ୟ ତଥା ସର୍ତ୍ତଟି କଣ ସେ ନେଇ ରାଜ୍ୟ ସରକାର ସାଧାରଣରେ ମୁହଁ ଖୋଲୁନାହାନ୍ତି। ଯାହାଫଳରେ ସରକାରଙ୍କ ଆଭିମୁଖ୍ୟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏପଟେ ଉଭୟ ରାଜ୍ୟର ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟକୁ ନେଇ ମଧ୍ୟ ଜଳ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ମହାନଦୀରୁ ଛତିଶଗଡ଼ ପ୍ରାୟ ୨୭ ମିଲିୟନ ଏକର ଫୁଟ ପାଣି ମହାନଦୀରୁ ଦାବି କରୁଛି। ମାତ୍ର ଛତିଶଗଡ଼ରେ ମହାନଦୀରେ ମାତ୍ର ୨୪ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ରହିଛି। ତେଣୁ ଛତିଶଗଡ଼ ଦାବି କରୁଥିବା ୨୭ ମିଲିୟନ ଏକର ଫୁଟ ପାଣିକୁ ଓଡ଼ିଶା ସରକାର ମାନି ନେଇଛନ୍ତି କି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପ୍ରଶ୍ନ କରାଯାଉଛି। ଯଦି ଓଡ଼ିଶା ସରକାର ଏହି ଦାବିକୁ ଗ୍ରହଣ କରିଥାଆନ୍ତି, ତାହେଲେ ଏହା ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ତଥା ଓଡ଼ିଶା ପାଇଁ ଆମ୍ଘାତୀ ହେବ ବୋଲି ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

ସେହିପରି ମହାନଦୀରେ କେତେ ପାଣି ଉପଲବ୍ଧ ତାହାକୁ ନେଇ ଉଭୟ ରାଜ୍ୟ ବିଗତ ଶୁଣାଣିରେ ଯେଉଁ ତଥ୍ୟ ଦେଇଥିଲେ, ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଗୋଟିଏ ପଟେ ରାଜ୍ୟ ସରକାର ସବୁ ସନ୍ଦେହ, ଘଟଣା ଏବଂ ଅଭିଯୋଗ ଉପରେ ମୁହଁ ଖୋଲୁନଥିବା ବେଳେ ସମାନ ସମୟରେ କେନ୍ଦ୍ର ସରକାର ମଧ୍ୟ ଏନେଇ ସକରାତ୍ମକ ଆଭିମୁଖ୍ୟ ଗ୍ରହଣ କରୁନାହାନ୍ତି। ଏ ନେଇ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ଓଡ଼ିଶା, ଛତିଶଗଡ଼ ଜଳ ବିବାଦ ମଧ୍ୟରେ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ମଧ୍ୟସ୍ଥତା କରିବା ଉଚିତ୍। ଅନ୍ତରାଜ୍ୟ ଜଳ ବିବାଦରେ କେନ୍ଦ୍ର ସରକାର ଉଭୟ ରାଜ୍ୟକୁ ଆଲୋଚନା ବୈଠକକୁ ଆଣି ସମାଧାନ କରିପାରନ୍ତେ। ଏନେଇ ଆମ ସଂଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଇ ଆସୁଛି। ମାତ୍ର କେନ୍ଦ୍ର ସରକାର ତାହା କରୁନାହାନ୍ତି। ଟ୍ରିବ୍ୟୁନାଲରେ ମହାନଦୀ ଲଢ଼େଇ କାବେରୀ ଜଳ ବିବାଦ ରାସ୍ତାରେ ଯାଇପାରେ। ତେଣୁ କେନ୍ଦ୍ର ସରକାର ତୁରନ୍ତ ବିବାଦରେ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି।

## ଶୋଇଥିବାବେଳେ ଜଗୁଆଳିଙ୍କୁ ହତ୍ୟା

କୋକସରା,୨୯।୬(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଧୀନ ଡାଲଗୁମା ଗ୍ରାମରେ ଧାନମଣ୍ଡି ନିକଟସ୍ଥ ଏକ ବଗିଚାଘର ଦୁଆରେ ଶୋଇଥିବା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ରକ୍ତାକ୍ତ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଡାଲଗୁମା ଗାଁର ଶୁକଦେବ ଧରୁଆ (୫୫)। ସେ ଗାଁ ମୁଣ୍ଡରେ ଥିବା ଏକ ବଗିଚାରେ ଜଗୁଆଳି ଭାବେ କାମ କରୁଥିଲେ। ସୂଚନା ଅନୁଯାୟୀ, ଶୁକଦେବ ସବୁଦିନ ସକାଳୁ ବଗିଚାରୁ ଘରକୁ ଫେରିଥାନ୍ତି। ସୋମବାର ସକାଳୁ ସେ ଘରକୁ ନ ଫେରିବାରୁ ତାଙ୍କ ଝିଅ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ କଲ୍ ଉଠାଇ ନ ଥିଲେ। ଏହାପରେ ଝିଅ ନିଜେ ବଗିଚା ନିକଟରେ ପହଞ୍ଚି ଘର ଦୁଆର ସାମ୍ନା ଖଟିଆ ଉପରେ ବାପାଙ୍କ ରକ୍ତଭିଜା ଶବ ଦେଖିବାକୁ ପାଇଥିଲେ। ସେ ସ୍ଥାନୀୟ ଲୋକଙ୍କୁ ଜଣାଇବା ସହ କୋକସରା ପୁଲିସକୁ ଖବର ଦେଇଥିଲେ। ବାପାଙ୍କୁ କେହି ଅନ୍ୟତ୍ର ଟେକିନେଇ ହତ୍ୟା କରିବା ପରେ, ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ପୁଣି ଆଣି ଖଟିଆରେ ଶୁଆଇ ଦେଇଛନ୍ତି, ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ଝିଅ ସିଧାସଳଖ ଅଭିଯୋଗ ଆଣିଛନ୍ତି। ଖବରପାଇ କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ସଦଳବଳେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ, ପରେ ଧର୍ମଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ଭର୍ଷିତା ଆଡେପୁ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ଛାନ୍‌ଭିନ କରିଛନ୍ତି। ଘଟଣାର ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଛି।

**■ ବ୍ୟାଙ୍କ ଖାତା ସହ ହୋଇନାହିଁ ଆଧାର ସଂଯୋଗ**

## ୩.୩୫ ଲକ୍ଷ ହିତାଧିକାରୀଙ୍କୁ ମିଳିବନି ପେନ୍‌ସନ୍ !

ଭୁବନେଶ୍ୱର,୨୯।୬(ସମିସ): ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନ୍‌ଏସ୍‌ଏପି) ଅଧୀନରେ ରାଜ୍ୟର ୩ ଲକ୍ଷ ୩୫ ହଜାର ୮୫୦ ଜଣ ପେନ୍‌ସନଭୋଗୀଙ୍କ ଆଧାର ନମ୍ବର ଏପର୍ଯ୍ୟନ୍ତ ସେମାନଙ୍କ ବ୍ୟାଙ୍କ ଖାତା ସହ ସଂଯୋଗ ହୋଇନାହିଁ। ଏହି କାରଣରୁ ଆଗାମୀ ଦିନରେ ସେମାନଙ୍କର ପେନ୍‌ସନ୍ ବନ୍ଦ ହୋଇଯାଇପାରେ। ଏପରି ସ୍ଥିତିରେ ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ତୁରନ୍ତ ଆଧାର-ବ୍ୟାଙ୍କ ସଂଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ଜାରି କରିଥିବା ଚିଠିରେ କହିଛନ୍ତି ଯେ ୨୦୨୬-୨୭ ଆର୍ଥିକ ବର୍ଷରୁ ଏସ୍‌ଏନ୍‌ଏ-ସ୍ପର୍ଶ ପ୍ଲାଟଫର୍ମ ମାଧ୍ୟମରେ ଆଧାରଭିତ୍ତିକ ପେମେଣ୍ଟ ବ୍ୟବସ୍ଥାରେ ପେନ୍‌ସନ ପ୍ରଦାନ କରାଯିବ। ବର୍ତ୍ତମାନ ଯେଉଁ ପେନ୍‌ସନଭୋଗୀମାନେ ଆକାଉଣ୍ଟ-ଭିତ୍ତିକ ପେମେଣ୍ଟ ମାଧ୍ୟମରେ ପେନ୍‌ସନ ପାଉଛନ୍ତି, ସେମାନଙ୍କ ମଧ୍ୟରୁ ୩.୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଆଧାର ବ୍ୟାଙ୍କ ଖାତା ସହ ଲିଙ୍କ୍ ହୋଇନାହିଁ। ଆଧାର ସଂଯୋଗ ନ ହେଲେ ଏସ୍‌ଏନ୍‌ଏ-ସ୍ପର୍ଶ ପ୍ଲାଟଫର୍ମରେ ପୁରୁଣା ବ୍ୟବସ୍ଥାରେ ପେନ୍‌ସନ ପ୍ରଦାନ ସମ୍ଭବ ହେବ ନାହିଁ।

ବିଭାଗ ପକ୍ଷରୁ କୁହାଯାଇଛି, ଏହି ପେନ୍‌ସନଭୋଗୀଙ୍କ ମଧ୍ୟରୁ ଅନେକ ବୟସ୍କ ଓ ଶଯ୍ୟାଶାୟୀ ଥିବାରୁ ସେମାନେ ବ୍ୟାଙ୍କକୁ ଯାଇ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗ କରିପାରୁ ନାହାନ୍ତି। ତେଣୁ ଜିଲ୍ଲା ପ୍ରଶାସନ ସେପରି ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ଆଧାର-ବ୍ୟାଙ୍କ ସଂଯୋଗ ସୁନିଶ୍ଚିତ କରିବାକୁ କୁହାଯାଇଛି।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓ) ମାନଙ୍କୁ ଏନ୍‌ଏସ୍‌ଏପି-ପିପିଏସ୍ ପୋର୍ଟାଲରେ ଉପଲବ୍ଧ ତଥ୍ୟ ଆଧାରରେ ଏହି ପେନ୍‌ସନ୍‌ଭୋଗୀଙ୍କୁ ଚିହ୍ନଟ କରିବାକୁ କୁହାଯାଇଛି। ସେହିପରି ଆଧାର-ବ୍ୟାଙ୍କ ସଂଯୋଗ ପୂର୍ବରୁ ଆଧାର ସିଡିଂ ଓ ଇ-କେୱାଇସି ପ୍ରକ୍ରିୟାକୁ ବ୍ଲକ ସ୍ତରରେ ପ୍ରାଥମିକତା ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସମସ୍ୟା ହେଲେ ଜିଲ୍ଲାର ଆଧାର ସଂଯୋଜକମାନେ ଆବଶ୍ୟକ ସହଯୋଗ ଯୋଗାଇଦେବାକୁ ବିଭାଗ ନିର୍ଦ୍ଦେଶ ଦେଇଛି।

### ରାଜ୍ୟରେ ହତ୍ୟାକାଣ୍ଡ ଗ୍ରାଫ୍ ଉପରମୁହାଁ

## ୨୯ ଦିନରେ ୩୨ ଜଘନ୍ୟ ହତ୍ୟାକାଣ୍ଡ

ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଅବସ୍ଥା ସଙ୍ଗୀନ। ପ୍ରତିଦିନ କେଉଁଠି ନା କେଉଁଠି ମୁଣ୍ଡ ଗଡ଼ିବା ଖବର ଗଣମାଧ୍ୟମ ଶିରୋନାମା ପାଲଟୁଛି। କେତେବେଳେ ଅପରାଧୀ ପିଟି ପିଟି ମାରି ଦେଉଛନ୍ତି। ପୁଣି କେତେବେଳେ ନାବାଳିକାଙ୍କୁ ଦୁଷ୍କର୍ମ କରି ହତ୍ୟା କରି ଘର ପଛପଟେ ଫୋପାଡି ଚାଲିଯାଉଛନ୍ତି। ଆଉ କେତେବେଳେ ପୁଅ ବାପାର ବେକରେ ଶାବଳ ଭୁଷି ହତ୍ୟା କରୁଛି ତ କେଉଁଠି ଦିନ ଦି ପହରରେ ତଣ୍ଟିକାଟି ହତ୍ୟା କରାଯାଉଛି । ଗତ ୨୯ ଦିନ ମଧ୍ୟରେ ରାଜ୍ୟରେ ୩୨ଟି ଜଘନ୍ୟ ହତ୍ୟାକାଣ୍ଡ ରାଜ୍ୟରେ ଘଟିଛି। ଯାହା ପୁଲିସର ଆଇନଶୃଙ୍ଖଳା ପରିସ୍ଥିତିକୁ ଖୋଲା ଚ୍ୟାଲେଞ୍ଜ ଦେଉଛି।

ରାଜ୍ୟରେ ପୁଲିସର ସ୍ଥିତି ଏଭଳି ହେଲାଣି ଯେ ହତ୍ୟାକାଣ୍ଡ ପୂର୍ବରୁ ଅପରାଧୀଙ୍କୁ ଚିହ୍ନଟ କରି ଅପରାଧ ରୋକିବା ଦୂରରେ ଥାଉ ଏବେ ପୁଲିସ ହତ୍ୟାକାଣ୍ଡ ଚାଲିଥିଲା ବେଳେ ବି ଲୋକଙ୍କୁ ଅଟକାଇ ପାରୁ ନାହିଁ। ପୂର୍ବରୁ ବାଲିଅନ୍ତାରେ ପୁଲିସ ଉପସ୍ଥିତିରେ ଲୋକେ ପିଟି ପିଟି ଜଣେ ଜିଆର୍‌ପି କନ୍‌ଷ୍ଟେବଲ୍‌ଙ୍କୁ ହତ୍ୟା କରିଥିଲେ। ପୁଣି ଥାନା ହାଜତ ଭିତରେ ପୁଲିସ ନିଜେ ପିଟି ପିଟି ଦିବ୍ୟାଙ୍ଗଙ୍କୁ ହତ୍ୟା କରିଦେଉଛି। ପୁଲିସ ଉପସ୍ଥିତିରେ ବି ହତ୍ୟା ଘଟଣା ଆସୁଛି। ବିଗତ ୨୯ ଦିନ ମଧ୍ୟରେ ରାଜ୍ୟରେ ୩୨ଟି ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲା ରେକର୍ଡ଼ ହୋଇଥିବାବେଳେ ଆଉ କିଛି ଲୋକଲୋଚନକୁ ଆସିପାରୁ ନାହିଁ। ଦୃଷ୍ଟିକୁ ଆସି ନ ଥିବା ଘଟଣାକୁ ମିଶାଇଲେ ହତ୍ୟାକାଣ୍ଡ ସଂଖ୍ୟା ଅର୍ଦ୍ଧଶତକ ହେବ ବୋଲି ଆଶଙ୍କା କରାଯାଉଛି।

ରାଜ୍ୟର ଅନ୍ୟ ସ୍ଥାନର କଥା ଦୂରରେ ଥାଉ ରାଜଧାନୀରେ ବିଗତ ୨୯ ଦିନ ମଧ୍ୟରେ ୩ଟି ଜଘନ୍ୟ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଗତ ଜୁନ୍ ୨୦ ତାରିଖରେ ବ୍ୟବସାୟୀ ଶତ୍ରୁତାକୁ କେନ୍ଦ୍ର କରି ପାହାଳ ଥାନା ଅଞ୍ଚଳରେ ପ୍ରଭାତ ବେହେରାଙ୍କୁ ହତ୍ୟା କରିଥିଲେ। ସ୍ଥାନୀୟ ଲୋକେ ଦୁଇ ଥର ଥାନା ଘେରାଉ କରିବାରୁ କରିବାରୁ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେହିପରି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ମଧ୍ୟରେ ଜଣେ ବ୍ୟକ୍ତି ଦିନ ଦ୍ୱିପହରେ ଜଣେ ଠିକାଦାରଙ୍କ ବେକରେ ଛୁରୀ ଭୁଷି ହତ୍ୟା କରିଥିଲା। ସେହିପରି ୨୮ ତାରିଖରେ ଜଣେ ପୁରୋହିତଙ୍କୁ ଦୁର୍ବୃତ୍ତମାନେ ରାତି ଅଧିଆ ପିଟି ପିଟି ହତ୍ୟା କରିଛନ୍ତି। ତାଙ୍କ ବାପାଙ୍କୁ ଆକ୍ରମଣ କରି କୋମାରେ ପକାଇ ଦେଇଥିଲା ବେଳେ ଭଉଣୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି ।

କେନ୍ଦ୍ରାପଡା ଜିଲ୍ଲାରେ ଗତ ମାସକ ମଧ୍ୟରେ ୩ଟି ଜଘନ୍ୟ ହତ୍ୟାକାଣ୍ଡ ମାମଲା ସାମ୍ନାକୁ ଆସିଛି। ଭଦ୍ରକ, ନୟାଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କୋରାପୁଟ ସମେତ ୨୦ରୁ ଊର୍ଦ୍ଧ୍ୱ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ଅନ୍ୟପକ୍ଷରେ ବାଲିଅନ୍ତା ଭିଡ଼ହତ୍ୟା ପରେ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ବିଚାରବିମର୍ଷ କରି ଏକ ବହୁ ସୂତ୍ରୀୟ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଗଣମାଧ୍ୟମକୁ କହିଥିଲା। ଥାନାରେ ମର୍ଣ୍ଣିଂ ପରେଡ୍, ପ୍ୟାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡ଼ି କରିବା, ଦଙ୍ଗା ବିରୋଧି ଗାଡ଼ି ବୁଲାଇବା ଭଳି କଥା ସାମ୍ନାକୁ ଆସିଲା। ହେଲେ ତରବରିଆ ଏବଂ ଅଧପଇଁତରା ଭାବେ ନିଆଯାଇଥିବା ନିଷ୍ପତ୍ତି ଆଇନ୍‌ଶୃଙ୍ଖଳାକୁ ସଜାଡିବା ପରିବର୍ତ୍ତେ ଅଧିକ ବିଗାଡ଼ି ଚାଲିଛି। କୌତୂହଳ କଥା ହେଉଛି ନୟାଗଡ଼ ଜିଲାରେ ଏକ ହତ୍ୟାକାଣ୍ଡ ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗଣମାଧ୍ୟମ ସାମ୍ନାରେ ହାଜର କରାଇଦେଲା। ହତ୍ୟାକାଣ୍ଡ ମାମଲାରେ ତାଙ୍କର କୌଣସି ସମ୍ପୃକ୍ତି ନଥିଲେ ମଧ୍ୟ ତାଙ୍କ ମୁହଁରେ କପଡ଼ା ଗୁଡାଇ ତାଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଗଲା। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମରେ ଜଣାପଡ଼ିବା ପରେ ପୁଲିସ ତାଙ୍କୁ ଛାଡି ଅନ୍ୟଜଣେ ଅଭିଯୁକ୍ତଙ୍କୁ ପୁଣି ଗିରଫ କରି କୋର୍ଟ ଚାଲାଣ କରିଛି। ଏପରି ବେପରୁଆ ମନୋଭାବ ଓ ଆଇନଶୃଙ୍ଖଳାର ଅଧୋଗତି ରାଜ୍ୟରେ ପୁଲିସର ଭୂମିକାକୁ କାଠଗଡ଼ାରେ ଠିଆ କରିଛି ।

### ମୌସୁମୀ ଲୁଚିଛି, ବର୍ଷା ଉଭାନ୍

## ସାରା ରାଜ୍ୟରେ ଗୁଳୁଗୁଳି ରାଜୁତି

ଭୁବନେଶ୍ୱର,୨୯।୬(ସମିସ): ମୌସୁମୀ ଓଡ଼ିଶା ଏରୁଣ୍ଡି ଛୁଇଁ କେଉଁଠି ଲୁଚିଗଲା, କେହି ଜାଣି ପାରିଲେ ନାହିଁ । ମୌସୁମୀ ପଛେପଛେ ବର୍ଷା ବି ଉଭାନ। ଏପରି ସମୟରେ ସାରା ରାଜ୍ୟରେ ଗୁଳୁଗୁଳି ରାଜୁତି ଚଳାଇଛି। ମଧ୍ୟାହ୍ନ ପରେ କିଛିକାଂଶରେ ପାଗ ମେଘୁଆ ରହୁଥିଲେ ମଧ୍ୟ ବର୍ଷା ନ ହେବା ସ୍ଥିତିକୁ ଆହୁରି ଗମ୍ଭୀର କରିଛି। ଏହି କ୍ରମରେ ସୋମବାର ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ଗୁଳୁଗୁଳି ଲୋକଙ୍କୁ କଲବଲ କରିଛି। ସୋମବାର ଆଂଶିକ ମେଘୁଆ ଆକାଶ ଥିବା ସତ୍ତ୍ୱେ, ହାଲୁକା ପବନ, ଅତ୍ୟଧିକ ଆର୍ଦ୍ରତା ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗରମ ଓ ଅସହଜ ଅନୁଭୂତି ହୋଇଛି। ଦୁର୍ବଳ ପବନ ଯୋଗୁଁ ବାୟୁ ଚଳାଚଳ କମ୍ ରହିଥିବାରୁ ପରିବେଶ ଉଷ୍ମ, ଆର୍ଦ୍ର ଓ ଗୁଳୁଗୁଳି ରହିବା ଯୋଗୁଁ ଲୋକେ ନାହିଁ ନ ଥିବା କଷ୍ଟ ଭୋଗିଛନ୍ତି।

କୁହାଯାଉଛି ଯେ ରାଜ୍ୟରେ ମୌସୁମୀ ବର୍ଷାର ସ୍ଥିତି ଧୀରେ ଧୀରେ ସୁଧୁରିବ। ପଶ୍ଚିମ ଓଡ଼ିଶାକୁ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ବର୍ଷା ପାଇଁ ଅପେକ୍ଷା କରିବାକୁ ପଡ଼ିବ। ରାଜ୍ୟରେ ମୌସୁମୀ ବର୍ଷା ପାଇଁ ପରିସ୍ଥିତି ଏପର୍ଯ୍ୟନ୍ତ ଅନୁକୂଳ ହୋଇନାହିଁ। ମାତ୍ର ଜୁଲାଇ ପ୍ରଥମ ସପ୍ତାହରୁ ବର୍ଷା ନେଇ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏବେ ବି ଦୁର୍ବଳ ଓ ଅସମାନ ଅବସ୍ଥାରେ ରହିଛି। ବିଶ୍ୱସ୍ତରୀୟ ପାଣିପାଗ ମଡେଲ୍ ଅନୁସାରେ ୩୦ ଜୁନରୁ ୧ ଜୁଲାଇରୁ ଧୀରେ ଧୀରେ ସୁଧାର ଆରମ୍ଭ ହୋଇ ଜୁଲାଇ ପ୍ରଥମ ସପ୍ତାହରେ ପରିସ୍ଥିତି ଅଧିକ ଅନୁକୂଳ ହୋଇପାରେ। ପ୍ରଥମେ ଉପକୂଳ ଓ ଦକ୍ଷିଣ ଓଡ଼ିଶା, ପରେ କେନ୍ଦ୍ରୀୟ ଓ ଉତ୍ତର ଓଡ଼ିଶାରେ ବର୍ଷା ବଢ଼ିବାର ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶାରେ ଚାଷ ଉପଯୋଗୀ ବର୍ଷା ଜୁଲାଇ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ବିଳମ୍ବ ହୋଇପାରେ। ବର୍ତ୍ତମାନର ସଙ୍କେତ ଅନୁସାରେ ବର୍ଷାର ସୁଧାର ଶକ୍ତିଶାଳୀ ଲଘୁଚାପ ଯୋଗୁଁ ନୁହେଁ, ବରଂ ମୌସୁମୀ ଅକ୍ଷରେଖା ଧୀରେ ଧୀରେ ଦକ୍ଷିଣକୁ ଆସି ସକ୍ରିୟ ହେବା ଦ୍ୱାରା ହେବ। ବଙ୍ଗୋପସାଗରର ପଶ୍ଚିମ-ମଧ୍ୟରୁ ଉତ୍ତର-ପଶ୍ଚିମ ଅଞ୍ଚଳରେ ସମ୍ଭାବ୍ୟ ଉପରିସ୍ତରୀୟ ଘୂର୍ଣ୍ଣିବଳୟ ଏବଂ ଆରବ ସାଗରରୁ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରବାହ ଶକ୍ତିଶାଳୀ ହେବା ମଧ୍ୟ ବର୍ଷା ପାଇଁ ପାଗ ଅନୁକୂଳ କରାଇବ। ତେଣୁ ସମଗ୍ର ରାଜ୍ୟରେ ହଠାତ୍ ବର୍ଷା ବଢ଼ିବା ପରିବର୍ତ୍ତେ ଧୀରେ ଧୀରେ ମୌସୁମୀ ବର୍ଷାର ସୁଧାର ହେବାର ସମ୍ଭାବନା ଅଧିକ ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ଟ୍ରାକ୍ଟର ଧକ୍କାରେ ଯୁବକ ମୃତ; ରାସ୍ତା ଅବରୋଧ

ଦିଗପହଣ୍ଡି,୨୯।୬(ସମିସ)



ଦିଗପହଣ୍ଡି ହସ୍ପିଟାଲ ଛକ ମୁଖ୍ୟରାସ୍ତାରେ ମଙ୍ଗଳବାର ଏକ ବାଲି ବୋଝେଇ ଟ୍ରାକ୍ଟର (ନଂ. ଓଡ଼ି୦୭ ଏଏସ -୫୬୨୨) ଧକ୍କାରେ ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ଦିଗପହଣ୍ଡି ସାହାଣୀ ସାହିର ଚନ୍ଦନ ଦାସ ଓରଫ ବୁଦ୍ଧୁ(୩୫)।କ୍ଷତିପୂରଣ ଦାବିରେ ସାହି ବାସିନ୍ଦା ରାସ୍ତାରେ ପଥର ପକାଇ ଟାୟାର ଜାଳି ଚନ୍ଦନଙ୍କ ମୃତଦେହକୁ ରାସ୍ତା ଉପରେ ରଖି ଅବରୋଧ କରିଥିଲେ। ରାସ୍ତାର ଉଭୟ କଡ ରେ ଗାଡ଼ି ମଟର ଅଟକି ରହିଥିଲା। ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ,ଆଇଆଇସି କିଶୋର କୁମାର ସାମଲ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରେଡକ୍ରସ ପାଣ୍ଠି ରୁ ଅନୁକମ୍ପା ମୂଳକ ସହାୟତା ଦିଆଯିବାର ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନକାରୀ ଙ୍କୁ ବୁଝା ଶୁଝା କରିବା ପରେ ପୂର୍ବାହ୍ନ ପ୍ରାୟ ୧୧ ଟାରେ ରାସ୍ତା ଅବରୋଧ ହଟିଥିଲା। ଚନ୍ଦନ ଦାଦନ ଶ୍ରମିକ ଭାବେ କାମ କରନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଚନ୍ଦନ ତାଙ୍କ ପୁଅ ଙ୍କୁ ଧରି ହସ୍ପିଟାଲ ଛକ ରାସ୍ତାକଡ଼ରେ ଥିବା ତାଙ୍କ ଘରୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ମୁହଁରୁ ପୁଅକୁ ବଞ୍ଚାଇବା ପାଇଁ ଚେଷ୍ଟା କରିବା ବେଳେ ଚନ୍ଦନ ନିୟନ୍ତ୍ରଣ ହରାଇ ରାସ୍ତା ଉପରେ ପଡ଼ିଯିବାରୁ ଟ୍ରାକ୍ଟରଟି ତାଙ୍କ ଉପରେ ମାଡ଼ିଯାଇଥିଲା। ଆଖାପଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ହେବାପରେ ଆଇଆଇସି କିଶୋର କୁମାର ସାମଲ ମକଦ୍ଦମା ରୁଜୁ କରିଛନ୍ତି।ପୋଲିସ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ।ବ୍ୟବଚ୍ଛେଦ ପରେ ମୃତଦେହ କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର କୁ ଜବତ କରି ଥାନାକୁ ନେଇଛନ୍ତି।ଟ୍ରାକ୍ଟର ଚାଳକ ଫେରାର ଥିବା ପୋଲିସ କହିଛି।

## ଛାତ୍ରଙ୍କ ଜାପାନ ଯାତ୍ରା; ବିଭିନ୍ନ ମହଲରୁ ଶୁଭେଚ୍ଛା



ଦିଗପହଣ୍ଡି,୨୯।୬(ସମିସ): ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମର ଛାତ୍ର ଦେବାଶିଷ ମିଶ୍ର ଜାପାନ ଯାତ୍ରା କରିଛନ୍ତି। ସେ ଗାଁ ସ୍କୁଲରୁ ପାଠ ପଢ଼ି କଲେଜ ଶିକ୍ଷା ସମାପ୍ତ ପରେ ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ ବିପିୟୁଟି ରୁ ଏମ. ଟେକ୍ ପାସ୍ କରିବା ପରେ ଝାଡ଼ଖଣ୍ଡ ର ଧାନବାଦ୍ ରେ ଆଇଆଇଟି(ଆଇଏସଏମ) ରେ ପି.ଏଚଡି କରୁଥିବା ବେଳେ ଆଇଆଇଟି ଧାନବାଦ୍ ଏବଂ ଜାପାନ ର ତୋହୋକୁ ବିଶ୍ୱବିଦ୍ୟାଳୟର ମିଳିତ ସହଭାଗିତାରେ ସେ ଅଧ୍ୟୟନ କରିବାର ସୁଯୋଗ ପାଇଥିବା ଜଣାପଡ଼ିଛି। ଏଥି ନିମନ୍ତେ ସେ ଜାପାନ ଯାତ୍ରା କରିଛନ୍ତି। ମଫସଲ ରୁ ସେ ଜାପାନ ରେ ପାଠ ପଢ଼ିବାର ସୁଯୋଗ ପାଇଥିବାରୁ ସମଗ୍ର ଗ୍ରାମବାସୀ ଖୁସି ବ୍ୟକ୍ତ କରିଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଏବଂ ତାଙ୍କ ବାପା ସହକାରୀ ଶିକ୍ଷକ ଶିବଶଙ୍କର ମିଶ୍ର ଙ୍କୁ ବିଭିନ୍ନ ମହଲ ରୁ ଶୁଭେଚ୍ଛା ର ସୁଅ ଛୁଟୁଛି।ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଭି. ରବି ନାରାୟଣ ରାଜୁ, କାଉନସିଲର ଭି. ଧର୍ମ ରାଜୁ ପ୍ରମୁଖ ଦେବାଶିଷ ଦିଗପହଣ୍ଡି ଅଞ୍ଚଳବାସୀ ଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି। ଦେବାଶିଷଙ୍କ ସହପାଠୀ, ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ତାଙ୍କର ଏହି ସଫଳତା ପଛରେ ମାତାପିତାଙ୍କ ଆଶୀର୍ବାଦ, ପରିବାର ସଦସ୍ୟ ଙ୍କ ତ୍ୟାଗ, ଗୁରୁଜନ ମାନଙ୍କ ମାର୍ଗଦର୍ଶନ ଏବଂ ଶୁଭେଚ୍ଛୁ ମାନଙ୍କର ଅକୁଣ୍ଠ ସହଯୋଗ ରହିଛି ବୋଲି ଦେବାଶିଷ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## କୁକୁଡ଼ାଖଣ୍ଡିରେ ଯୁବ ସମାବେଶ,'ସୁଭଦ୍ରା ଶକ୍ତି କାଫେ'ଓ ସଦ୍‌ଭାବନା ସଭାଗୃହ ଉଦ୍‌ଘାଟନ

କୁକୁଡ଼ାଖଣ୍ଡି,୨୯।୬:(ସମିସ): କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ସମବାର ଦିନ ଯୁବ ସମାବେଶ ସହ "ଶୁଭ ସୁଭଦ୍ରା ଶକ୍ତି କାଫେ' ଏବଂ ନବନିର୍ମିତ ସଦ୍‌ଭାବନା ସଭାଗୃହର ଉଦ୍‌ଘାଟନ ଅନୁଷ୍ଠିତ ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ ଯୋଗଦେଇ ଉଭୟ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ।ଏହି ଅବସରରେ ଆୟୋଜିତ ଯୁବ ସମାବେଶରେ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଏବଂ ସ୍ୱାବଲମ୍ବନ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଯୁବବର୍ଗଙ୍କ ପାଇଁ କୌଶଳ ବିକାଶ, ରୋଜଗାରମୁଖୀ ପ୍ରଶିକ୍ଷଣ ଓ ସ୍ୱରୋଜଗାର ସୁଯୋଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।ନବନିର୍ମିତ ସଦ୍‌ଭାବନା ସଭାଗୃହ ବିଭିନ୍ନ ସରକାରୀ ବୈଠକ, ପ୍ରଶିକ୍ଷଣ ଓ ସାମାଜିକ କାର୍ଯ୍ୟକ୍ରମ ପାଇଁ ଉପଯୋଗୀ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସେହିପରି "ସୁଭଦ୍ରା ଶକ୍ତି କାଫେ' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସଶକ୍ତିକରଣକୁ ଅଧିକ ଗତି ଦେବ ବୋଲି ଆଶା ବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମରେ ବିଡିଓ ଡ଼.ପଲ୍ଲବୀ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ,କୈଳାସ ବିଷୋୟୀଙ୍କ ସମେତ ବ୍ଲକର ବହୁ ଜନପ୍ରତିନିଧି,ବିଭିନ୍ନ ବିଭାଗର ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ଜଗା ଦର୍ଶନ ପୂର୍ବରୁ ଅଧାବାଟରେ ଚାଲିଗଲା ଜୀବନ



ଖଲ୍ଲିକୋଟ,୨୯।୬(ସମିସ): ସ୍ନାନ ପୂର୍ଣ୍ଣିମାରେ ଅଘଟଣ ଘଟିଛି। ପବିତ୍ର ସ୍ନାନ ମଣ୍ଡପରେ ଶ୍ରୀଜିଉ ମାନଙ୍କୁ ଦର୍ଶନ କରିବାକୁ ପୁରୀ ଯାଉଥିବା ବେଳେ ରାସ୍ତାରେ କାର ଭିତରେ ହିଁ ହୃଦ୍‌ଘାତରେ ଜଣେ ବୃଦ୍ଧଙ୍କ ଜୀବନ ଚାଲିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ପବିତ୍ର ସ୍ନାନ ପୂର୍ଣ୍ଣିମା ରେ ସ୍ନାନ ମଣ୍ଡପ ରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ରଙ୍ଗେଇଲୁଣ୍ଡାରୁ ପୁରୀ ଯିବା ପାଇଁ ଜଣେ ବୃଦ୍ଧ ଓ ୪ ଜଣ ମହିଳାଙ୍କୁ ନେଇ ସକାଳୁ ଗୋଟିଏ କାର ଯାତ୍ରା ଆରମ୍ଭ କରିଥିଲା। ହେଲେ ସକାଳ ପ୍ରାୟ ୬ ଟା ସମୟରେ ୧୬ ନମ୍ବର ଜାତୀୟ ରାଜପଥର ବଡକୁଳ ନିକଟରେ କାର୍ ଆଗ ସିଟ୍‌ରେ ବସିଥିବା ଟି. ବୁଦ୍ଧିଆ ରେଡ୍ଡୀ (୬୮)ଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ସେ ବେହୋସ ହୋଇ ଯାଇଥିଲେ। ତୁରନ୍ତ ଡ୍ରାଇଭର ସେଠାରୁ କାର ବୁଲାଇ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। କାର ଭିତରେ ହିଁ ବୃଦ୍ଧ ଙ୍କ ଜୀବନ ଚାଲି ଯାଇଥିଲା। ଡାକ୍ତର ଏଠାରେ ବୁଦ୍ଧିଆଙ୍କୁ ମୃତ ଘୋଷଣା କରିଥିଲେ।

## ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି



ଗଞ୍ଜାମ,୨୯।୬(ସମିସ): ଗଞ୍ଜାମ ସହରରେ ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶରେ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଥିଲେ। ସହର ର ବଡ଼ ବଜାର, ପୁରୁଣା ଜଗନ୍ନାଥ ମନ୍ଦିର ଓ ଧର୍ମଶାଳା ଜଗନ୍ନାଥ ମନ୍ଦିର ରେ ଆଧ୍ୟାତ୍ମିକ ପରିବେଶ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣମା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପାରମ୍ପରିକ ବାଦ୍ୟ ବାଜାଣା ଅନୁଯାୟୀ ରତ୍ନବେଦୀ ରୁ ସ୍ନାନ ମଣ୍ଡପକୁ ପାଛୋଟି ଅଣା ଯାଇ ନୀତି କାନ୍ତି ଅନୁଯାୟୀ ସ୍ନାନ କରାଯାଇ ଗଜାନନ ବେଶ ରେ ସଜ୍ଜିତ କରାଯାଇଥିଲା। ବଡ଼ ବଜାର ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ କାଳୁ ଚରଣ ଶତପଥୀ, ମୁଖ୍ୟ ସେବାୟତ ଦୀପକ ପଣ୍ଡା, ପପୁ ପଣ୍ଡା, ଅସ୍ମିତ ପଣ୍ଡା, ପ୍ରଭାକର ପାଣିଗ୍ରାହି, ଅନିଲ, କାହ୍ନୁ, ଜଗନ, ପୁରୁଣା ଜଗନ୍ନାଥ ମନ୍ଦିର ରେ ମୁଖ୍ୟ ପୂଜକ କନ୍ଧ ଶତପଥୀ ଙ୍କ ତତ୍ତ୍ୱାବଧାନ ଦେବ ସ୍ନାନ ପୁର୍ଣିମା ସମ୍ପର୍ଣ୍ଣ ହୋଇଥିଲା। ମନ୍ଦିର ମାନଙ୍କରେ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## କୁକୁଡ଼ାଖଣ୍ଡିରେ ଯୁବ ସମାବେଶ 'ସୁଭଦ୍ରା ଶକ୍ତି କାଫେ'ଓ ସଦ୍‌ଭାବନା ସଭାଗୃହ ଉଦ୍‌ଘାଟନ

କୁକୁଡ଼ାଖଣ୍ଡି,୨୯।୬:(ସମିସ): କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ସମବାର ଦିନ ଯୁବ ସମାବେଶ ସହ "ଶୁଭ ସୁଭଦ୍ରା ଶକ୍ତି କାଫେ' ଏବଂ ନବନିର୍ମିତ ସଦ୍‌ଭାବନା ସଭାଗୃହର ଉଦ୍‌ଘାଟନ ଅନୁଷ୍ଠିତ ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ ଯୋଗଦେଇ ଉଭୟ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ।ଏହି ଅବସରରେ ଆୟୋଜିତ ଯୁବ ସମାବେଶରେ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଏବଂ ସ୍ୱାବଲମ୍ବନ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଯୁବବର୍ଗଙ୍କ ପାଇଁ କୌଶଳ ବିକାଶ, ରୋଜଗାରମୁଖୀ ପ୍ରଶିକ୍ଷଣ ଓ ସ୍ୱରୋଜଗାର ସୁଯୋଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।ନବନିର୍ମିତ ସଦ୍‌ଭାବନା ସଭାଗୃହ ବିଭିନ୍ନ ସରକାରୀ ବୈଠକ, ପ୍ରଶିକ୍ଷଣ ଓ ସାମାଜିକ କାର୍ଯ୍ୟକ୍ରମ ପାଇଁ ଉପଯୋଗୀ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସେହିପରି "ସୁଭଦ୍ରା ଶକ୍ତି କାଫେ' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସଶକ୍ତିକରଣକୁ ଅଧିକ ଗତି ଦେବ ବୋଲି ଆଶା ବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମରେ ବିଡିଓ ଡ଼.ପଲ୍ଲବୀ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ,କୈଳାସ ବିଷୋୟୀଙ୍କ ସମେତ ବ୍ଲକର ବହୁ ଜନପ୍ରତିନିଧି,ବିଭିନ୍ନ ବିଭାଗର ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ସରଧାପୁର ପଞ୍ଚାୟତରେ ଜନ ଶୁଣାଣି କାର୍ଯ୍ୟକ୍ରମ



ଧରାକୋଟ,୨୯।୬(ସମିସ): ଧରାକୋଟ ବ୍ଲକର ସରଧାପୁର ପଞ୍ଚାୟତରେ ଆଜି ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ସିଡିପିଓ ସୁନୀଲ ପ୍ରଭା ରଥ, ସରପଞ୍ଚ ଦିଲ୍ଲୀପ କୁମାର ଜେନା, ସମିତିସଭ୍ୟା ପୁଷ୍ପାଞ୍ଜଳି ପଣ୍ଡା, ପିଇଓ ଯଶୋବନ୍ତି ମିଶ୍ର, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ଏବିଇଓ ସୌରୀ ଶଙ୍କର ବେହେରା, ସିଆର୍‌ସିସି କିରଣବାଳା ନାୟକ,ଯୋଗାଣ ନିରୀକ୍ଷକ ବାଳକୃଷ୍ଣ ନାୟକ, ମିଶନ ଶକ୍ତି ବିପିସି ସୁଶାନ୍ତ ନାୟକ, ବିଏସ୍‌ଓ ସଚିନ ପାତ୍ର, ବିପିସି କୃଷ୍ଣକାନ୍ତ ପଣ୍ଡା, ଏନ୍‌ଆର୍‌ଇଜିଏ ବିଭାଗ ର ଅମେସ ବେହେରା,ଦୀପକ ପଟ୍ଟନାୟକ ଙ୍କ ସମେତ ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ। ଜନ ଶୁଣାଣି କାର୍ଯ୍ୟକ୍ରମ ରେ ଭତ୍ତା ପାଇଁ ନଅ ଗୋଟି, ଗାଈ ଗୁହାଳ ଘର ପାଇଁ ଦୁଇଟି, ଆବାସ ଯୋଜନା ଗୃହ ପାଇଁ ଦୁଇଟି ଓ ରାସନ କାର୍ଡ ପାଇଁ ତିନୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜିଆର୍‌ଏସ୍ ସମ୍ପିରା ଗମାଙ୍ଗ, ଯୋଗାଣ ସହାୟକ ନମିତା ବେହେରା ପ୍ରମୁଖ ଏଥିରେ ସହଯୋଗ ପ୍ରଦାନ କରିଥିବା ବେଳେ ନିର୍ବାହୀ ଅଧିକାରୀ କାଳୁ ଚରଣ ସ୍ୱାଇଁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ଶୁଖିଲା ପଡିଛି ସୁନା କୂଅ; ନିର୍ମଳଝରର ପାଣିରେ ସ୍ନାନ କଲେ ମହାପ୍ରଭୁ



ଖଲ୍ଲିକୋଟ,୨୯।୬(ସମିସ): ଖଲ୍ଲିକୋଟରେ ଶ୍ରୀଜିଉଙ୍କ ପବିତ୍ର ସ୍ନାନ ଯାତ୍ରାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ସୁନା କୂଅ ଶୁଖିଲା ପଡ଼ିଥିବାବେଳେ ପବିତ୍ର ନିର୍ମଳଝର ପାଣିରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ସମ୍ପନ୍ନ କରିବାକୁ ପଡ଼ିଛି। ସକାଳୁ ସେବାୟତମାନେ ନିର୍ମଳଝର ଯାଇ ଗରାରେ ପାଣି ଆଣିଥିଲେ। ଏହି ନିର୍ମଳଝର ପାଣିରେ ମହାପ୍ରଭୁ ଙ୍କ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣରେ ଶ୍ରୀଜିଉମାନଙ୍କୁ ହାତୀ ବେଶରେ ସଜ୍ଜିତ କରା ଯାଇଥିଲା। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରୀଜିଉମାନଙ୍କୁ ହାତୀ ବେଶରେ ଦର୍ଶନ କରିଥିଲେ ବହୁ ଭକ୍ତ। ଗତକାଲି ମଧ୍ୟରାତ୍ରୀରେ ଠାକୁରଙ୍କ ପହୁଡ଼ ଭାଙ୍ଗିବା ପରେ ସେବାୟତ ମାନେ ତିନି ଠାକୁରଙ୍କୁ ସେନାପଟା ଲାଗି କରାଇଥିଲେ।ରାତି ଦୁଇଟା ରେ ଶ୍ରୀ ଜୀଉ ମାନଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା ଓ ଭୋର ୫ ଟା ସୁଦ୍ଧା ତିନି ଠାକୁର ସ୍ନାନ ମଣ୍ଡପ ରେ ବିରାଜମାନ ହୋଇଥିଲେ।ଖଲ୍ଲିକୋଟ ଆର ଆଇ ମୀନକେତନ ଶବର ଓ ଶରତ ଚନ୍ଦ୍ର ଗୌଡ଼ ମନ୍ଦିର ରେ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ।

## ନିଖୋଜ ବ୍ୟକ୍ତି ଉଦ୍ଧାର

ଛତ୍ରପୁର,୨୯।୬(ସମିସ): ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନଥାନାରତ୍ୱରିତ ଏବଂ ସମନ୍ୱିତ ପ୍ରୟାସ ଫଳରେ୨୨ ଜଣ ନିଖୋଜ ବ୍ୟକ୍ତିଙ୍କୁ ସଫଳତାର ସହ ଖୋଜି ବାହାର କରାଯାଇ ଉଦ୍ଧାର କରାଯାଇଛି। ଏହାମଧ୍ୟରେ ୩ ଜଣ ପୁରୁଷ, ୧୦ ଜଣ ମହିଳା ଏବଂ ୯ ଜଣ ଶିଶୁ ରହିଛନ୍ତି। ପରବର୍ତ୍ତୀକାଳରେ ସେମାନଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ପରିବାର ସହ ପୁନର୍ମିଳିତ କରାଯାଇଛି।

## ବଜ୍ରପାତରେ ଜଣେ ମୃତ

ବ୍ରାହ୍ମଣୀଗାଁ,୨୯।୬ (ସମିସ): ଦାରିଙ୍ଗିବାଡ଼ି ବ୍ଲକ୍‌ସ୍ଥିତ ବ୍ରାହ୍ମଣୀଗାଁ ଥାନା ଝିଞ୍ଜିରିଗୁଡ଼ା ଗ୍ରାମରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଗତକାଲି ଅପରାହ୍ଣରେ ଏହି ଅଘଟଣ ଘଟିଥିଲା। ମୃତକ ହେଲେ ଲଙ୍କେଶ୍ୱର ପୂଜାରୀ (୫୪)। ସେ ତାଙ୍କ ପତ୍ନୀଙ୍କ ସହ ଘର ବାଡ଼ିପଟେ ପଣସ ଖାଉଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ତାଙ୍କ ସ୍ତ୍ରୀ ଘର ଭିତରକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ସ୍ନାନ ପୂର୍ଣ୍ଣିମା

ରମ୍ଭା,୨୯।୬(ସମିସ): ସୋମବାର ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ରମ୍ଭା, ସାବୁଳିଆ ଖଲ୍ଲିକୋଟ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପାରମ୍ପରିକ ରୀତିରେ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଶ୍ରୀଜଗନ୍ନାଥ, ଜ୍ୟେଷ୍ଠ ଭ୍ରାତା ବଳଭଦ୍ର, ଭଗ୍ନୀ ସୁଭଦ୍ରା ଓ ସୁଦର୍ଶନ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରତ୍ନବେଦୀରୁ ଧାଡ଼ି ପହଣ୍ଡିରେ ସ୍ନାନ ବେଦୀକୁ ଅଣାଯାଇଥିଲା।



ଶ୍ରୀମନ୍ଦିର ସୁନା କୂଅ ଚଳିତ ବର୍ଷ ଶୁଖି ଯାଇଥିବାରୁ ନିର୍ମଳଝରରୁ ପବିତ୍ର ଜଳ ଅଣାଯାଇ ସେହି ସୁବାସିତ ଜଳ ସହିତ ଗଙ୍ଗା ଜଳ, ଚନ୍ଦନ, କର୍ପୁର, ଜାଇଫଳ ସମ୍ମିଶ୍ରିତ ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ୧୦୮ କଳସ ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କୁ ୩୫ କଳସ, ବଳଭଦ୍ରଙ୍କୁ ୩୩ କଳସ, ସୁଭଦ୍ରାଙ୍କୁ ୨୨, ସୁଦର୍ଶନଙ୍କୁ ୧୮ କଳସ ଶୁଦ୍ଧ ପବିତ୍ର ଜଳରେ ସ୍ନାନ କରାଯାଇଥିଲା। ସ୍ନାନାଦି ପରେ ଶ୍ରୀଜଗନ୍ନାଥ, ବଳଭଦ୍ର ଗଜାନନ ବେଶ, ସୁଭଦ୍ରା ପଦ୍ମ ବେଶରେ ସୁସଜ୍ଜିତ ହୋଇ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସମଗ୍ର ରାଜ୍ୟରେ ଖଲ୍ଲିକୋଟ ସ୍ଥିତ ଐତିହ୍ୟ ସଂସ୍କୃତି ପରମ୍ପରା ସମ୍ପନ୍ନ ଦ୍ୱିତୀୟ ବୃହତ୍ତମ ଶ୍ରୀଜଗନ୍ନାଥ ମନ୍ଦିର ମାନ୍ୟତା ପ୍ରାପ୍ତ ହୋଇଥିଲା ବେଳେ ଆଖପାଖ ଶତାଧିକ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ପହଞ୍ଚି ବିଗ୍ରହ ମାନଙ୍କୁ ଶାନ୍ତି ଶୃଙ୍ଖଳାର ସହିତ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦର୍ଶନ କରି କୃତକୃତ୍ୟ ହୋଇଥିଲେ।

## ଘରେ ପଶି ଲୁଟିନେଲେ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି

ଖଲ୍ଲିକୋଟ,୨୯।୬(ସମିସ): ଖଲ୍ଲିକୋଟ ସହରର ସ୍ୱାସ୍ଥ୍ୟପୁରୀ କଲୋନୀ ଠାରେ ରବିବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସ୍ୱର୍ଗତ ରଣ ଦଳାଇଙ୍କ ଘରେ ରାତି ରେ କେହି ନଥିବାର ସୁଯୋଗ ପାଇ ତାଙ୍କ ଘରର ପଛକବାଟ କାଟି କିଛି ଦୃର୍ବୃତ୍ତ ତାଙ୍କ ଘରେ ପଶି ଘରର ଆଲମିରା ଭାଙ୍ଗି ସେଥିରେ ଥିବା ନଗଦ ଏକ ଲକ୍ଷ ଦଶ ହଜାର ଟଙ୍କା, ଆଠଟି ସୁନା ମୁଦି, ଗୋଟିଏ ସୁନା ହାର, ଗୋଟିଏ ମଙ୍ଗଳ ସୂତ୍ର ସହ ଗୋଟିଏ ବୁଲେଟ୍ ଗାଡିକୁ ଚୋରି କରି ନେବା ସହିତ ତାଙ୍କ ଘରେ ଲାଗିଥିବା ସିସିଟିଭିର ହାର୍ଡ ଡିସ୍କକୁ ଚୋରି କରି ନେଇଯାଇଛନ୍ତି। ଏ ନେଇ ଖଲ୍ଲିକୋଟ ଥାନାରେ ରୁଣନିଧିଙ୍କ ଝିଅ ଭାରତୀ ଦଳେଇ ଅଭିଯୋଗ କରିବା ପରେ ଖଲ୍ଲିକୋଟ ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

## ଚୋରି ମାମଲାରେ ୩ ଗିରଫ | ଟଙ୍କା, ବାଇକ୍ ସହ ମୋବାଇଲ୍ ଜବତ

ପୋଲସରା,୨୯।୬(ସମିସ): ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅଞ୍ଚଳରୁ ବିଭିନ୍ନ ସ୍ଥାନରୁ ଚୋରି ମାମଲାରେ ପୋଲସରା ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୋଲସରା ଥାନା ଗରେଇଝୁଲି ଗ୍ରାମର ରାଜୀବ ପାତ୍ର (୩୨), ରଂଜିତ ନାହାକ ଓରଫ ପଣ୍ଡା (୨୭), ଓଡଗାଁ ଥାନା ଗଜେନ୍ଦ୍ରପଲ୍ଲୀ ଗ୍ରାମର ଜିତୁ ପ୍ରଧାନ ଓରଫ ଆଲକାନୁ ଜିତୁ (୩୩)। ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ ୧୧୨ ଗ୍ରାମର ସୁନା, ୨୫୬ ଗ୍ରାମର ରୁପା, ନଗଦ ୩୫୦୦ ଟଙ୍କା, ମୋଟର ସାଇକେଲ, ମୋବାଇଲ ଓ ଚୋରିରେ ବ୍ୟବହୃତ କିଛି ସାମଗ୍ରୀ ଜବତ ହୋଇଥିବା ପୁରୁଷୋତ୍ତମପୁର ଏସ୍‌ଡ଼ିପିଓ



ସୁଜିତ କୁମାର ନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଯେ ଗତ କିଛି ମାସ ଧରି ପୋଲସରା ଥାନା ଅଞ୍ଚଳ ବିଭିନ୍ନ ସ୍ଥାନରୁ ଘର କବାଟ ଭାଙ୍ଗି ସୁନା ଅଳଙ୍କାର, ନଗତ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ପୋଲସରା ଥାନାରେ ଅଭିଯୋଗ ହୋଇଥିଲା। ଏପରି କି ପୋଲସରା ଥାନା ପଛପଟୁ ମଧ୍ୟ କିଛିଦିନ ତଳେ ଜଣେ ପୁଲିସ କର୍ମଚାରୀ ଙ୍କ ଘରୁ ମଧ୍ୟ ଚୋରି ହୋଇଥିବା ସୂଚନା ମିଳିଛି। ପୁଲିସ ସୂଚନା ପ୍ରକାରେ ଜୁନ ମାସ ୨୪ ତାରିଖ ରେ ପୋଲସରା ଥାନା ଅନ୍ତର୍ଗତ ବର୍ତ୍ତିନୀ ଗ୍ରାମର ଅଙ୍ଗନବାଡି କର୍ମୀ ଲକ୍ଷ୍ମୀ ପାତ୍ର, ଏପ୍ରିଲ ମାସ ୧୧ ତାରିଖ ରେ ଷୋଡକ ଗ୍ରାମର ଜିତେନ୍ଦ୍ର ବେହେରା, ଫେବୃଆରୀ ମାସ ୨୨ ତାରିଖ ରେ ଲଛିପୁରୁ ଗ୍ରାମର ରୁଦ୍ର ପ୍ରଧାନ ଓ ପୋଲସରା ଥାନା ଜୟଗୁରୁ ନଗର ର ପଙ୍କଜ କାର୍ଜି ଙ୍କ ଘରୁ ପୃଥକ ପୃଥକ ଭାବେ ଘର ପଛପଟ ତାଲା ଭାଙ୍ଗି ବିଭିନ୍ନ ପ୍ରକାର ସୁନା ଅଳଙ୍କାର ସମେତ ନଗଦ ଟଙ୍କା ଚୋରୀ ହୋଇଥିବା ନେଇ ପୋଲସରା ଥାନାରେ କେସ ନମ୍ବର ୧୧୧, ୧୯୫, ୩୭୫, ୩୮୩ ଭାବେ ୪ ଟି ମାମଲା ରୁଜୁ ହୋଇଥିଲା। ପୋଲସରା ଥାନା ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରୀ ଘଟଣା କୁ ନେଇ ଗଞ୍ଜାମ ଏସ.ପି ଙ୍କ ନିର୍ଦ୍ଦେଶରେ ପୋଲସରା ଥାନାଧିକାରୀ କୌଶିକ ମାଝୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରହିଥିବା ବେଳେ ଗତକାଲି ଗରେଇଝୁଲି ପାହାଡ଼ରୁ ତିନି ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ଏସ୍‌ଡ଼ିପିଓ ସୂଚନା ଦେଇଛନ୍ତି। ସେହିପରି ଅଭିଯୁକ୍ତମାନେ ସୁନା ଚୋରି ପରେ ବାଲିପଦର ଜଣେ ଅଳଙ୍କାର ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ବେଳେ ସମ୍ପୃକ୍ତ ବ୍ୟବସାୟୀ ଜି. ଅରବିନ୍ଦ ପାତ୍ରଙ୍କୁ ପଚରାଉଚରା କରୁଥିବା ଏବଂ ଅତିଶୀଘ୍ର ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ସମସ୍ତ ଚୋରି ଘଟଣାର ତଦନ୍ତ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ସହରରେ ଅନେକ ସମୟରେ ବ୍ୟବସାୟ ଆଳରେ ଏରାଗୁଲା ସମ୍ପ୍ରଦାୟ ର କିଛି ଅସାମାଜିକ ବନ୍ଦ ଘରକୁ ଟାର୍ଗେଟ କରି ଚୋରୀ କରୁଥିବା ବେଳେ ସେମାନଙ୍କ ଠାରୁ ସବୁବେଳେ ସତର୍କତା ସହ ରହିବା ପାଇଁ ପୋଲସରା ଥାନା ପକ୍ଷରୁ ସଚେତନତା କରାଯାଇଛି।

## ମିଳୁନି ଭତ୍ତା; ଭୋକ ଉପାସରେ 'ମହାଲକ୍ଷ୍ମୀ'


ରମ୍ଭା,୨୯।୬(ସମିସ)

ଖଲ୍ଲିକୋଟ ବ୍ଲକ ସାବୁଳିଆ ପଞ୍ଚାୟତରେ ପୁଅ ବୋହୂଙ୍କ ଅବହେଳା ଯୋଗୁଁ ଜଣେ ୬୨ ବର୍ଷୀୟା ପକ୍ଷାଘାତ ରୋଗରେ ଆକ୍ରାନ୍ତ ବୃଦ୍ଧା ଅନାହାରରେ ଜୀବନ କାଟୁଛନ୍ତି। ଉକ୍ତ ବିକଳାଙ୍ଗ ବୃଦ୍ଧା ମହିଳା ଜଣଙ୍କ ହେଲେ ଗୋଲା.ଗଣ୍ଡାପଲ୍ଲୀ ଗ୍ରାମର କେ.ମହାଲକ୍ଷ୍ମୀ ପାତ୍ର(୬୨)। ବୃଦ୍ଧା ଜଣଙ୍କ ଏକ ମୁକୁଳା ଟିଣ ଘରର କୋଣରେ ଏକାକୀ ପଡି ରହିଛନ୍ତି। ପାରାଲେସିସ ଯୋଗୁଁ ଚଳପ୍ରଚଳ ହୋଇନପାରୁଥିବା ବୃଦ୍ଧାଙ୍କୁ ତାଙ୍କ ପୁଅ-ବୋହୂ ଦୁଇ ଓଳି ଖାଇବାକୁ ଦେଉ ନଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମର କିଛି ଦୟାଳୁ ଲୋକ ଯାହା ଖାଇବାକୁ ଦେଉଛନ୍ତି ସେଥିରେ ତାଙ୍କ ପେଟ ଭରୁଛି। ଯେଉଁଦିନ କେହି ଖାଇବାକୁ ଦେଇ ନପାରନ୍ତି ସେଦିନ ଭୋକ ଉପାସରେ ହିଁ ତାଙ୍କ ଦିନ ରାତି କଟୁଛି। ବୃଦ୍ଧାଙ୍କ ସ୍ୱାମୀ କେ.ପିତାମ୍ବର ପାତ୍ର ଦ୍ୱିତୀୟ ସ୍ତ୍ରୀ ସହ ସେହି ଗ୍ରାମରେ ଅନ୍ୟତ୍ର ରହୁଛନ୍ତି ଓ ପ୍ରଥମ ସ୍ତ୍ରୀ ମହାଲକ୍ଷ୍ମୀଙ୍କ କୌଣସି ଖବର ନେଉନାହାନ୍ତି। ସ୍ୱାମୀଙ୍କ ଅବହେଳା ଓ ପୁଅ ବୋହୂଙ୍କ ନିର୍ଯ୍ୟାତନା ମଧ୍ୟରେ ବୃଦ୍ଧା ଜଣଙ୍କ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି। ବର୍ଷା ଦିନ ଆସିଲେ ମୁକୁଳା ଟିଣ ଘରେ ପାଣି ଗଳିବା ଓ ପାଣି ଛିଞ୍ଚିଡି ଘରେ ପଶିବା ଯୋଗୁଁ ରୋଗଆଗ୍ରସ୍ତ ବୃଦ୍ଧା ଜଣଙ୍କ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଓଦା କନାରେ ଶୋଇ ଶୋଇ ଦେହ ଆହୁରି ଖରାପ ହେଉଛି। ବୃଦ୍ଧାଙ୍କ ନାମରେ ରାସନ କାର୍ଡ ଥିଲେ ବି ସେହି ଚାଉଳ ତାଙ୍କ



ପାଖରେ ପହଞ୍ଚି ପାରୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି।କେ. ମହାଲକ୍ଷ୍ମୀ ପାତ୍ରଙ୍କୁ ୬୨ ବର୍ଷ ବୟସ ହୋଇଥିଲେ ବି ତାଙ୍କୁ ଆଜି ଯାଏଁ ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ। ପାରାଲିସିସରେ ଗୋଟିଏ ଗୋଡ଼ ଓ ଗୋଟିଏ ହାତ ଅଚଳ ହୋଇଥିଲେ ମଧ୍ୟ ତାଙ୍କୁ ଆଜି ପର୍ଯ୍ୟନ୍ତ ବିକଳାଙ୍ଗ ପ୍ରମାଣପତ୍ର ମିଳିନାହିଁ। ଫଳରେ ସେ ବିକଳାଙ୍ଗ ଭତ୍ତା ,ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି।"ମାସିକ ସରକାରୀ ସହାୟତା ମିଳିଲେ ବହୁତ କଷ୍ଟ ହେଉ ପଛେ ଗ୍ରାମର କିଛି ମହିଳାଙ୍କ ସହାୟତାରେ ରାସନ ସାମଗ୍ରୀ କିଣି ରୋଷେଇ କରିବା ସହ ନିଜ ପେଟକୁ ଦାନା ମୁଠାଏ ଯୋଗାଇ ପାରିବି ବୋଲି କେ.ମହାଲକ୍ଷ୍ମୀ ପାତ୍ର କହିଛନ୍ତି। ତାହାସହ ସରକାରୀ ସହାୟତା ପାଇଁ ଆଧାର କାର୍ଡ ସହ ଅନ୍ୟାନ୍ୟ ପ୍ରମାଣପତ୍ରର ଆବଶ୍ୟକ ପଡ଼େ।କିନ୍ତୁ ପୁଅ ବୋହୂ ମାଗିଲେ ବି ଡକ୍ୟୁମେଣ୍ଟ ଦେଉନଥିବା ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିରେ ସହଯୋଗ କରିବା ପାଇଁ ମଧ୍ୟ ନିବେଦନ କରିଛନ୍ତି। ଗ୍ରାମବାସୀ ପ୍ରଶାସନ ନିକଟରେ ତୁରନ୍ତ ବୃଦ୍ଧାଙ୍କ ମେଡିକାଲ ଯାଞ୍ଚ କରି ବିକଳାଙ୍ଗ ପ୍ରମାଣପତ୍ର ଯୋଗାଇଦେବା, ବାର୍ଦ୍ଧକ୍ୟ ଭତ୍ତା ଓ ରାସନ ସାମଗ୍ରୀ ତାଙ୍କ ନିକଟରେ ପହଞ୍ଚାଇବା ସହ ବର୍ଷାରୁ ରକ୍ଷା ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତକୁ ଜଣାଇଲେ ବି କୌଣସି ସୁଫଳ ମିଳିନାହିଁ। ସ୍ୱାମୀ ଓ ପୁଅ ହାତରୁ ଅବହେଳିତ ହୋଇ ଭୋକ ଉପାସରେ ଦିନ କାଟୁଥିବା ଏହି ଅସହାୟ ମା'ଙ୍କ ପାଇଁ ପ୍ରଶାସନିକ ସହାୟତା ଲୋଡିଛନ୍ତି ଗ୍ରାମବାସୀ।ଏବାବଦରେ ଖଲ୍ଲିକୋଟ ବିଡ଼ିଓଙ୍କ ସହ ବାରମ୍ବାର ଯୋଗାଯୋଗ କରିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରି ନାହିଁ।

# ଗୋପାଳପୁର ବେଳାଭୂମି ଉନ୍ନତିକରଣ ପ୍ରକଳ୍ପକୁ 'ସିଆରଜେଡ୍' ଅନୁମୋଦନ



- ପର୍ଯ୍ୟଟନ ବିଭାଗ ପକ୍ଷରୁ ଦ୍ୱିତୀୟ ବେଳାଭୂମିର ଭିତ୍ତିଭୂମି ପାଇଁ ୩୨କୋଟିର ବ୍ୟୟ ଅଟକଳ
- ଇକୋ ରିଟ୍ରେଟ ଠାରୁ ହରିପୁର ଜେଟି ପର୍ଯ୍ୟନ୍ତ ୨.୩ କିଲୋମିଟର ପର୍ଯ୍ୟନ୍ତ ହେବ ଚଲାପଥ ଓ ସାଇକେଲ ଟ୍ରାକ
- 'ସିଆରଜେଡ' ଅନୁମୋଦନ ସହିତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ, ୯ମାସରେ ଶେଷ ହେବ ପ୍ରକଳ୍ପ

ବ୍ରହ୍ମପୁର,୨୯।୬(ସମିସ)

ଗୋପାଳପୁର ବେଳାଭୂମିର ଉନ୍ନତିକରଣ ପ୍ରକଳ୍ପକୁ ଇତି ମଧ୍ୟରେ ମିଳିଛି ପରିବେଶ ସୁରକ୍ଷା ଆଇନ ୧୯୮୬ ଅନୁଯାୟୀ 'ସିଆରଜେଡ' ବା କୋଷ୍ଟାଲ ରେଗୁଲେସନ ଜୋନ ଅନୁମୋଦନ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତାବିତ ଏହି ପ୍ରକଳ୍ପକୁ ପୂର୍ବରୁ ଅର୍ଥାତ୍ ପୂର୍ବ ସରକାର ଅମଳରେ ୨୦୨୩ମସିହାରେ ପ୍ରଶାସନିକ ଅନୁମୋଦନ ସହିତ ୮କୋଟି ଟଙ୍କାର ଅର୍ଥ ମଞ୍ଜୁର ହୋଇଥିଲା। ତେବେ ବିଭିନ୍ନ କାରଣରୁ ତାହା ବିନିଯୋ ନହୋଇ ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରହିଥିଲା। ବର୍ତ୍ତମାନ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଦୁଇଟି ପ୍ରକଳ୍ପ ପାଇଁ ଅତିରିକ୍ତ ୨୪କୋଟି ଟଙ୍କାର ଆର୍ଥିକ ଅନୁମୋଦନ ଦେବା ପରେ ପ୍ରକଳ୍ପରେ ମୋଟ ୩୨କୋଟି ବିନିଯୋଗ କରାଯିବ। ତେବେ ଏଥିରେ ସିଆରଜେଡ ଅନୁମୋଦନର ଆବଶ୍ୟକତା ଥିଲା। ଯାହା ବର୍ତ୍ତମାନ ଅର୍ଥାତ୍ ଗତ ଏପ୍ରିଲ ୩୦ତାରିଖରେ ଗୋପାଳପୁର ବେଳାଭୂମି ଉନ୍ନତିକରଣ ପ୍ରକଳ୍ପ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଯାହାକୁ ଗତ କମିଟି ଅନୁମୋଦନ ପ୍ରଦାନ କରିଥିବା ନେଇ ଓଡିଶା କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ଅଥରିଟି ପକ୍ଷରୁ ଗତ ୨୨ତାରିଖରେ ବିଇଡିଏକୁ ଆସିଥିବା ଚିଠିରୁ ସ୍ପଷ୍ଟ ହୋଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗର ଏହି ପ୍ରକଳ୍ପକୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ବା ବିଇଡିଏ ପକ୍ଷରୁ କରାଯିବାକୁ ଥିବା ବେଳେ ଏନେଇ ଟେଣ୍ଡର ହୋଇସାରିଛି। ବ୍ରହ୍ମପୁରର ଏକ ଘରୋଇ ସଂସ୍ଥା ଟେଣ୍ଡର ନେଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି। ଗୋପାଳପୁର ବେଳାଭୂମିର ଶାନ୍ତ ପରିବେଶ ସାଧାରଣତଃ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣକୁ ବୃଦ୍ଧି କରି ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାକୁ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଲକ୍ଷ୍ୟ ରଖିଥିଲେ। ପ୍ରସ୍ତାବିତ ଦୁଇଟି ପ୍ରକଳ୍ପ ମଧ୍ୟରୁ ପ୍ରଥମରେ ବେଳାଭୂମିର ସମ୍ମୁଖ ଭାଗରେ ଦୁଇଟି ପ୍ରବେଶ ଫାଟକ ଓ ସୁରକ୍ଷା ସେଡ, ପାର୍କିଂ ସ୍ଥଳୀ, ଶିଶୁ ଉଦ୍ୟାନ, ଦୁଇଟି ୱାଚ ଟାୱାର, ପର୍ଯ୍ୟଟକଙ୍କ ପାଇଁ ଖୋଲାରେ ବସିବା ପାଇଁ ଚୌକିର ବ୍ୟବସ୍ଥା, ଡଷ୍ଟବିନ, ଶୌଚାଳୟ, ଭୂତଳ ପାଣିଟାଙ୍କି, ସୂଚନାଫଳକ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ସୁଦୃଢୀକରଣ ସହିତ ସୁରକ୍ଷା ଦୃଷ୍ଟିକୋଣରୁ ପର୍ଯ୍ୟାପ୍ତ ସିସିଟିଭି କ୍ୟାମେରା ଆଦିର ବ୍ୟବସ୍ଥା ଯୋଜନା ରହିଛି। ଏଥିପାଇଁ ମୋଟ ୮କୋଟି ୯ଲକ୍ଷ ଟଙ୍କାର ବ୍ୟାୟ କରାଯିବ। ସେହିଭଳି ଦ୍ୱିତୀୟ ପ୍ରକଳ୍ପ ପାଇଁ ୨୪କୋଟି ଟଙ୍କାର ଆର୍ଥିକ ମଞ୍ଜୁରୀ ମିଳିଛି। ଏଥିରେ ପାନ୍ଥନିବାସ ପଛଭାଗରେ ଇକୋ ରିଟ୍ରେଟ ଠାରୁ ହରିପୁର ଜେଟି ପର୍ଯ୍ୟନ୍ତ ପ୍ରାୟ ୨.୩କିଲୋମିଟର ଦୂରତା ପର୍ଯ୍ୟନ୍ତ ନୂତନ ବେଳାଭୂମି ବା ପୁରୁଣା ବେଳାଭୂମିକୁ ସମ୍ପ୍ରସାରଣ କରାଯିବ। ଯେଉଁଥିରେ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ସହିତ ସ୍ୱତନ୍ତ୍ର କାର୍ଫିର ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଚେଞ୍ଜିଂ ରୁମ ଓ ଆଶ୍ରୟ ସ୍ଥଳୀ, ବେଳାଭୂମିର ସଫେଇ କାର୍ଯ୍ୟ, ଚଲାରାସ୍ତା ଓ ସାଇକେଲ ଟ୍ରାକ ସହିତ ୧୦୦ଟି ଭ୍ରାମ୍ୟମାଣ ଦୋକାନର ମଧ୍ୟ ବ୍ୟବସ୍ଥା ରହିବ। ଦ୍ୱିତୀୟ ପ୍ରକଳ୍ପରେ ସିଭିଲ କାମ ପାଇଁ ୧୫କୋଟି ୩୦ଲକ୍ଷ ଏବଂ ଇଲେକ୍ଟ୍ରିକ କାର୍ଯ୍ୟ ପାଇଁ ୨କୋଟି ୩୮ଲକ୍ଷ ଏବଂ ପାନୀୟ ଜଳ ଯୋଗାଣ ଓ ପରିମଳ ପାଇଁ ୧କୋଟି ୧୯ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିବା ଜଣାପଡିଛି। ଗୋପାଳପୁର ବେଳାଭୂମିର ଉନ୍ନତି ହେଲେ ଏଠାକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କ ସମାଗମ ହେବ ଏବଂ ସ୍ଥାନୀୟ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ମଧ୍ୟ ଘଟିବ ବୋଲି ଆଶା କରାଯାଇଛି। ଗୋପାଳପୁର ବେଳାଭୂମିର ଉନ୍ନତିକରଣ କାର୍ଯ୍ୟ ବର୍ତ୍ତମାନ ଆରମ୍ଭ ହୋଇଥିବା ବେଳେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ କରି ୯ମାସ ମଧ୍ୟରେ ଅର୍ଥାତ୍ ୨୦୨୭ମସିହା ମାର୍ଚ୍ଚ ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି।

## ନାବାଳିକା ଭାଣିଜୀ ହତ୍ୟା ମାମଲାରେ ମାମୁ ଦୋଷୀ ସାବ୍ୟସ୍ତ

■ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଆଡହକ) ପକ୍ସୋ କୋର୍ଟରେ ବିଚାରଣା ଶେଷ, ରାୟ ସଂରକ୍ଷିତ




ବ୍ରହ୍ମପୁର,୨୯।୬(ସମିସ): ୨୦୨୨ମସିହାର ଏକ ଚର୍ଚ୍ଚିତ ମାମଲାର ବିଚାରଣା ଶେଷ ସହିତ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଭିତ୍ତିରେ କୋର୍ଟ ମୃତ ନାବାଳିକାର ମାମୁଁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପକ୍ସୋ (ଆଡହକ) କୋର୍ଟର ବିଚାରପତି ରୋହିତ ଲାଲ ପଣ୍ଡା ଏହି ରାୟ ଶୁଣାଇଛନ୍ତି। ତେବେ ଦଣ୍ଡ ବିଧାନ ସଂରକ୍ଷିତ ରହିଥିବା ଜଣାପଡିଛି। ପ୍ରକାଶ ଯୋଗ୍ୟ ଯେ' ଗତ ୨୦୨୨ମସିହା ଏପ୍ରିଲ ୨୫ତାରିଖରେ ସ୍ଥାନୀୟ ଗୋଇଲୁଣ୍ଡି ବିଦ୍ୟାନଗରରେ ଅଗ୍ନିକାଣ୍ଡ ଘଟି ଜଣେ ୧୩ବର୍ଷିୟ ନାବାଳିକା ଗାୟତ୍ରୀ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ପୁଲିସ ତଦନ୍ତ କରି ମୃତ ନାବାଳିକା ଗାୟତ୍ରୀଙ୍କ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗିରଫ ମାମୁଁ ଶୁପ୍ରିନ ଦିଗାଲ ଭାଣିଜୀ ଗାୟତ୍ରୀଙ୍କୁ ଖରାପ ନଜରରେ ଦେଖୁଥିଲେ ଏବଂ ସେ କିରୋସିନି ଢାଳି ଗାୟତ୍ରୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ମାମଲାରେ ମୋଟ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହିତ ବୟାନ ରେକର୍ଡ କରାଯାଇଥିଲା। ଆଜି ମାମଲାର ବିଚାରଣା ଶେଷ ହୋଇଥିବା ବେଳେ ବିଚାରପତି ରୋହିତଲାଲ ପଣ୍ଡା ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲକୁ ପକ୍ସୋ ମାମଲାରୁ ଖଲାସ କରିଥିଲେ ହେଁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିବା ସ୍ୱତନ୍ତ୍ର ପିପି ଡଃ ଶିବ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ତେବେ କୋର୍ଟ ଦୋଷୀଙ୍କ ଦଣ୍ଡବିଧାନକୁ ସଂରକ୍ଷିତ ରଖିଛନ୍ତି। ସୂଚନା ଯୋଗ୍ୟ ଯେ ପୂର୍ବରୁ ଅଭିଯୁକ୍ତ ଶୁପ୍ରିନ ଦିଗାଲ ନିଜ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିଲେ। କୋର୍ଟରୁ ଅନୁମତି କ୍ରମେ ସେ କିଛି ଦିନ ପାଇଁ ପାରୋଲରେ ଆସି ବ୍ରହ୍ମପୁର ସ୍ଥିତ ନିଜ ଭଉଣୀଙ୍କ ଘରକୁ ଆସିଥିଲେ। ଏବଂ ସେଠାରେ ଏହି ଘଟଣା ଘଟିଥିଲା। ମାମଲାରେ ଖୁବ୍‌ଶୀଘ୍ର ଦଣ୍ଡ ବିଧାନ ବା ଚୂଡାନ୍ତ ରାୟ ପ୍ରକାଶ ପାଇବ ବୋଲି ସ୍ୱତନ୍ତ୍ର ପିପି ଡଃ ମିଶ୍ର କହିଛନ୍ତି।

## ୱାଟ୍‌କୋ ଗାଡ଼ି ଧକ୍କାରେ ଏକାଧିକ ଆହତ



ବ୍ରହ୍ମପୁର,୨୯।୬(ସମିସ): ୱାଟକୋର ଏକ ପାଣି ଟାଙ୍କି ବୋଝେଇ ଟ୍ରାକ୍ଟର ସୋମବାର ଗିରି ରୋଡ଼ର ପୃଥକ ପୃଥକ ସ୍ଥାନରେ ଦୁଇଟି ଗାଡ଼ିକୁ ଧକ୍କା ଦେଇଥିଲା। ଏଥିରେ ଗଞ୍ଜାମ ବ୍ଲକର ମାଳିଜଗନ୍ନାଥପୁର ଗ୍ରାମର ହୃଷିକେଶ ସାହୁଙ୍କ ସମେତ ଏକାଧିକ ବ୍ୟକ୍ତି ଆହାତ ହୋଇଛି। ଆହାତ ହୃଷିକେଶ ସାହୁଙ୍କ ଗୋଡରେ ଗଭିର ଆଘାତ ଲାଗିଥିବା ବେଳେ ତାଙ୍କୁ ଚିକିତ୍ସା ନିମନ୍ତେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ବ୍ରହ୍ମପୁର ଟ୍ରାଫିକ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରାକ୍ଟର ଡ୍ରାଇଭରଙ୍କୁ କାବୁ କରିବା ସହ ଗାଡ଼ିକୁ ଜବତ କରିଛି। ଦୁର୍ଘଟଣାକୁ ନେଇ ଟ୍ରାଫିକ ପୁଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଖବର ପାଇ ୱାଟକୋର ଅତିରିକ୍ତ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁଙ୍କ ମେଡ଼ିକାଲରେ ପହଞ୍ଚି ଆହାତ ବ୍ୟକ୍ତିଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ବହୁ ପୁରାତନ ହୋଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଗାଡ଼ିର ଫିଟନେସ୍ ସାର୍ଟିଫିକେଟ୍‌ର ଅବଧି ଶେଷ ହୋଇଥିବା ଜଣାପଡ଼ିଛି। ତଥାପି ମୋଟର ଯାନ ନିୟମର ଉଲ୍ଲଂଘନ କରି ଗାଡ଼ିଟି କିପରି ସଡ଼କରେ ଚଳାଚଳ କରୁଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ଘଟଣା ପରେ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିବା ସହ ୱାଟକୋ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଏହି ଘଟଣା ପରେ ସରକାରୀ ଓ ଅର୍ଦ୍ଧସରକାରୀ ସଂସ୍ଥାର ଗାଡ଼ି ଗୁଡ଼ିକର ଫିଟନେସ୍, ବୀମା ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ରର ଯାଞ୍ଚକୁ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ଉଠିଛି।

## ଯୁବକଙ୍କୁ ହାଣିବା ଘଟଣାରେ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୯।୬(ସମିସ): ମହମ୍ମଦ ଇମ୍ରାନ ନାମକ ଜଣେ ଯୁବକଙ୍କୁ ହାଣିବା ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ବଡ଼ବଜାର ଥାନା ପୁଲିସ। ଗିରଫ ଯୁବକ ଭାବିନିପୁର ଗ୍ରାମର କୈଳାସ ସାହୁ (୩୧)। ପୂର୍ବରୁ ଏହି ମାମଲାରେ ତେଲି ମଶାଣି ଆପାର୍ଟମେଣ୍ଟ ନିକଟରେ ରହୁଥିବା କାଳିଆ ସାହୁ, ରଘୁପତି ନଗର ୩ୟ ଲାଇନର ଓଁମ୍ ଦାଶ, ଗ୍ରାମଦେବୀ ସାହିର ରାଜା ନାୟକଙ୍କ ସମେତ ଏକାଧିକ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ଏପ୍ରିଲ ୧୮ ତାରିଖରେ ରାଜା ନାୟକ, କାଳିଆ ସାହୁ, କୈଳାସ ସାହୁ, ନାକ ଓ ଓମ ଫାଷ୍ଟଗେଟ ନିକଟରେ ଥିବା ଏକ ଆପାର୍ଟମେଣ୍ଟରେ ପହଞ୍ଚି ଜନୈକ ମହିଳାଙ୍କୁ କମେଣ୍ଟ ମାରିଥିଲେ। ଯାହାକୁ ସେଠାରେ ଉପସ୍ଥିତ ଥିବା ମହମ୍ମଦ ଇମ୍ରାନ ପ୍ରତିବାଦ କରିଥିଲେ। ପରେ ଇମ୍ରାନ ନିଜ ଘରେ ଥିବାବେଳେ ଉପରୋକ୍ତ ଦୁର୍ବୃତ୍ତମାନେ ତାଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। ଇମ୍ରାନ କବାଟ ଖୋଲିବା ବେଳେ କାଳିଆ ତାଙ୍କୁ ବନ୍ଧୁକ ଦେଖାଇ ବାହାରକୁ ଡ଼ାକିଥିଲା। ଇମ୍ରାନ ବାହାରକୁ ଆସିବା ପରେ ନାକ ଏକ ଖଣ୍ଡାରେ ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲା। ଆକ୍ରମଣରେ ଗୁରୁତର ଆହତ ଇମ୍ରାନ ଚିକିତ୍ସିତ ହୋଇ ଫେରିବା ପରେ ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ପୂର୍ବତନ ରାଷ୍ଟ୍ରପତି ଭି.ଭି ଗିରିଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକଲା ବିଜେଡି



ବ୍ରହ୍ମପୁର,୨୯।୬(ସମିସ): ଆସନ୍ତା ଅଗଷ୍ଟ ୧୦ତାରିଖ ହେଉଛି ଭାରତ ରତ୍ନ ତଥା ଦେଶର ପୂର୍ବତନ ରାଷ୍ଟ୍ରପତି ଭି.ଭି.ଗିରିଙ୍କ ଜୟନ୍ତୀ। ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ଅନ୍ୟତମ ପୁରୁଖା ମହାପୁରୁଷ ତଥା ବ୍ରହ୍ମପୁରର ମୂଳନିବାସୀ ଭି.ଭି.ଗିରିଙ୍କ ପ୍ରତି ଆଜି ପର୍ଯ୍ୟନ୍ତ ଅବହେଳା କରାଯାଇଛି। ଅନ୍ତତଃ ପକ୍ଷେ ଆସନ୍ତା ଅଗଷ୍ଟ ୧୦ତାରିଖରେ ଭି.ଭି. ଗିରିଙ୍କ ଜୟନ୍ତୀକୁ ପ୍ରଶାସନ ପକ୍ଷରୁ ଆଡମ୍ବର ସହକାରେ ପାଳନ କରିବାକୁ ଦୃଢ ଦାବି କରିଛି ବିଜୁ ଜନତା ଦଳର ଯୁବ ଓ ଛାତ୍ର ସଙ୍ଗଠନ। ଏହି କ୍ରମରେ ମହାପୁରୁଷଙ୍କର ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସହରର ଯେକୌଣସି ସ୍ଥାନରେ ପ୍ରତିଷ୍ଠା କରିବାକୁ ମଧ୍ୟ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏନେଇ ସଙ୍ଗଠନର ନେତୃବୃନ୍ଦଙ୍କ ପକ୍ଷରୁ ବିଏମସି କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ ଏହାର ଏକକିତା ନକଲ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯାଇଛି। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ଶୋଭନ କୁମାର ନାୟକ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ ସଭାପତି ନିହାର ଶତପଥି, ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଂଜନ ସାହୁ, ବିଜୁ ଛାତ୍ର ଜନତା ଦଳ ଗଞ୍ଜାମ ଜୋନର ସାଧାରଣ ସମ୍ପାଦକ ଶିର୍ଷକ ପାତ୍ର ଓ ଆଶୁତୋଷ ପାତ୍ର ପ୍ରମୁଖଙ୍କ ସମେତ ବହୁ ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ।

## ନୀତିକାନ୍ତିରେ ପାଳିତ ହେଲା ଦେବସ୍ନାନ ପୂର୍ଣ୍ଣିମା: ସନ୍ଧ୍ୟାରେ ଗଜାନନ ବେଶ ଦର୍ଶନ

ବ୍ରହ୍ମପୁର,୨୯।୬(ସମିସ)

ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ନୀତିକାନ୍ତିରେ ପୂଜାର୍ଚ୍ଚନା ସହ ମହାପ୍ରଭୂଙ୍କୁ ସ୍ନାନ କରାଯାଇଛି। ଏନେଇ ଜଗନ୍ନାଥ ମନ୍ଦିର ଗୁଡ଼ିକରେ ଆଧ୍ୟାତ୍ମିକ ପରିବେଶ ଦେଖାଦେଇଥିଲା। ଚଳିତବର୍ଷ ମହାପ୍ରଭୂ ଜଗନ୍ନାଥଙ୍କୁ ଦେଖିବା ଲାଗି ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ସମସ୍ତଙ୍କ ମନରେ ଆନନ୍ଦର ଲହରି ଖେଳି ଯାଇଛି। ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ପରିସରସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ଏଠାରେ ସକାଳ ୬ଟା ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମଙ୍ଗଳ ଆଳତି ହୋଇଥିଲା। ପରେ ପହିଲି ଭୋଗ ମହାପ୍ରଭୂଙ୍କୁ ଲାଗି ହୋଇଥିଲା। ବେଷଭୂଷା ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୂଙ୍କୁ ସ୍ନାନଦେବୀ ଅଭିମୁଖେ ପହଣ୍ଡିରେ ନିଆଯାଇଥିଲା। ଏଠାରେ ବିଭିନ୍ନ ପୂଜାର୍ଚ୍ଚନା ସହ ଆଳତୀ ହୋଇଥିଲା। ପରେ ପରେ ୧୦୮ ଗୋରା ସ୍ୱର୍ଣ୍ଣକଳସ ଜଳରେ ଦେବସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏଠାରେ ବଳଭଦ୍ରଙ୍କୁ ୩୩, ଜଗନ୍ନାଥଙ୍କୁ ୩୫, ସୁଭଦ୍ରାଙ୍କୁ ୨୨ ଓ ସୁଦର୍ଶନଙ୍କୁ ୧୮ ଗୋରା ପାଣିରେ ସ୍ନାନ କରାଯାଇଥିଲା। ସ୍ନାନ ପରେ ଚନ୍ଦନ ଲେପନ କରାଯାଇ ବିଶ୍ରାମ ଦିଆଯାଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ସମ୍ପନ୍ନ ହେବା ପରେ ବାଲଭୋଗ ଲାଗିଥିଲା। ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ରାତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସରଗୃହକୁ ନିଆଯାଇଛି। ୧୫ଦିନ ପରେ ମହାପ୍ରଭୂ ଅଣସର ପିଣ୍ଡିରୁ ଆସିବେ। ପରେ ନେତ୍ର ଉତ୍ସବ,



ନବଯୌବନ ଦର୍ଶନ ଏବଂ ରଥଯାତ୍ରା ଅନୁଷ୍ଠିତ ହେବ। ସେହିଭଳି କୋର୍ଟପେଟା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମଧ୍ୟ ନୀତିକାନ୍ତିରେ ସ୍ନାନପୂର୍ଣ୍ଣିମା ଆୟୋଜିତ ହୋଇଛି। ସକାଳେ ମଙ୍ଗଳ ଆଳତୀ ଓ ସୂର୍ଯ୍ୟପୂଜା ସମ୍ପନ୍ନ ହୋଇଥିଲା। ପରେ ମହାପ୍ରଭୂଙ୍କୁ ସ୍ନାନବେଦୀକୁ ଅଣାଯିବା ପରେ ୧୦୮ ଗୋରାରେ ସ୍ନାନ କରାଯାଇଥିଲା। ଏହି ସମୟରେ ତାଳ, ମୃଦଙ୍ଗ, ଘଣ୍ଟ ଓ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ସମଗ୍ର ଇଲାକା ପ୍ରକମ୍ପିତ ହୋଇଥିଲା। ସ୍ନାନ ପରେ ସୁଦର୍ଶନ ଗଜାନନ ବେଶ ଧାରଣ କରିଥିଲେ। ସନ୍ଧ୍ୟା ଆଳତୀ ସରିବା ପରେ ପରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ପିଣ୍ଡିକୁ ଯାଇଥିଲେ। ଅନୁରୂପ ଭାବେ ସହରର ଖାସ୍‌ପା ସାହି ସ୍ଥିତ ବଡ଼ ଜଗନ୍ନାଥ ମନ୍ଦିର, ସାନ ଜଗନ୍ନାଥ ମନ୍ଦିର, ବଡ଼ବଜାର ଜଗନ୍ନାଥ ମନ୍ଦିର, ଗୋଇଲୁଣ୍ଡି ଜଗନ୍ନାଥ ମନ୍ଦିର, ଲାଞ୍ଜିପଲ୍ଲୀ, ବିଜିପୁର ଆଦି ଜଗନ୍ନାଥ ମନ୍ଦିରରେ ନୀତିକାନ୍ତୀରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ସ୍ନାନ ପରେ ମହାପ୍ରଭୂଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ରାତିରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ଗୃହକୁ ଯାଇଥିଲେ। ସୂଚନାଯୋଗ୍ୟ ଯେ, ପୁର୍ଣିମାରେ ସ୍ନାନ ମଣ୍ଡପରେ ୧୦୮ ସ୍ୱର୍ଣ୍ଣକଳସୀ ଜଳରେ ସ୍ନାନ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ପିଣ୍ଡିରେ ବିଜେ କରାଯାଇଥାଏ। ସ୍ନାନନୀତି ପରେ ତିନିଠାକୁର ଭୀଷଣ ଅସୁସ୍ଥ ହୋଇପଡ଼ନ୍ତି। ପ୍ରବଳ ଜ୍ୱରରେ ପ୍ରକମ୍ପିତ ହୋଇ ଅଣସରରେ ଯାଆନ୍ତି। ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ଦିନରୁ, ମହାପ୍ରଭୁ ଜଗନ୍ନାଥ, ଭଉଣୀ ସୁଭଦ୍ରା ଭାଇ ବଳରାମ ୧୪ ଦିନ ଧରି ଜ୍ୱରରେ ପଡ଼ିଥାନ୍ତି। ଦଇତାପତି ମାନଙ୍କ ଦ୍ୱାରା ଅସୁସ୍ଥ ମହାପ୍ରଭୁଙ୍କର ଉପଚାର ନୀତି ଆରମ୍ଭ ହୁଏ। ତାପୂର୍ବରୁ ଗଜାନନ ବେଶରେ ପ୍ରଭୂ ଜଗନ୍ନାଥ ସମସ୍ତଙ୍କୁ ଦର୍ଶନ ଦେଇଥିଲେ।

## ଜଗନମୋହନଙ୍କ ଶ୍ରାଦ୍ଧବାର୍ଷିକୀ ଓ ପ୍ରଶାନ୍ତଙ୍କ ଦେହାନ୍ତରେ ଶୋକସଭା



ବ୍ରହ୍ମପୁର,୨୯।୬(ସମିସ): ସ୍ଥାନୀୟ ଗଜପତି ନଗର ଉନ୍ନୟନ କମିଟି ପକ୍ଷରୁ ଏକ ଶୋକସଭାର ଆୟୋଜନ କରାଯାଇଛି। କମିଟିର ପୁରାତନ ତଥା ସକ୍ରିୟ ସଦସ୍ୟ ଫାର୍ମାସିଷ୍ଟ ପ୍ରଶାନ୍ତ ଚୌଧୁରୀଙ୍କର ଆଜି ସକାଳେ ଅକାଳ ମୃତ୍ୟୁ ଘଟିଥିଲା। ଦିର୍ଘଦିନ ଧରି ସେ ଚିକିତ୍ସିତ ହୋଇ ଆସୁଥିଲେ। ଆଜି ପୂର୍ବାହ୍ନରେ ପ୍ରଶାନ୍ତଙ୍କର ଗାନ୍ଧିନଗରସ୍ଥିତ ନିଜ ବାସଭବନରେ ପରଲୋକ ଘଟିଥିଲା। ପ୍ରଶାନ୍ତଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେହିଭଳି ଦୈନିକ 'ସକାଳ' ଖବର କାଗଜର ବ୍ରହ୍ମପୁର ସଂସ୍କରଣର ପୂର୍ବତନ ମୁଖ୍ୟ ତଥା ବରିଷ୍ଠ ସାମ୍ବାଦିକ ଜଗନମୋହନ ମହାପାତ୍ର (ଜିତୁ ଭାଇ)ଙ୍କର ଆଜି ତୃତୀୟ ଶ୍ରାଦ୍ଧବାର୍ଷିକୀ। ଉଭୟ ସ୍ୱର୍ଗୀୟ ଆତ୍ମାର ସଦଗତି କାମନା କରି ଗଜପତିନଗର ଉନ୍ନୟନ କମିଟି ପକ୍ଷରୁ ସ୍ଥାନୀୟ ପୌର ପାଠାଗାରରେ ସ୍ମୃତିସଭା କରାଯାଇଥିଲା। ଯାହାକୁ କମିଟିର ପୂର୍ବତନ ସଭାପତି ରାଜେନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉଭୟ ଜିତୁ ଭାଇ ଓ ପ୍ରଶାନ୍ତ ଚୌଧୁରୀ ଦକ୍ଷିଣଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ କ୍ଲିନ ସିଟିର ସଦସ୍ୟ ଥିଲେ। ଗଜପତିନଗର ଉନ୍ନୟନ କମିଟି ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ଅଞ୍ଚଳବାସୀ ଓ ଟିମ କ୍ଲିନ ସିଟିର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିନୋଦ ମହାପାତ୍ର, କମିଟିର ସାଧାରଣ ସମ୍ପାଦକ ରାଜେଶ କୁମାର ସାହୁ, କର୍ପୋରେଟର ସମୀର ମିଶ୍ର, 'ସକାଳ' ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ରାମଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଅଶୋକ ଚାନ୍ଦ ପରିଛା, ଦେବୀ ଶତପଥୀ, ଅମୀୟ ତ୍ରିପାଠୀ, ରାମମୋହନ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ନିରଞ୍ଜନ ଦାଶ, ରାଜେନ୍ଦ୍ର ସେଠୀ, ଦଣ୍ଡପାଣି ବେହେରା, ସୁଶାନ୍ତ ପାଢୀ, ନିର୍ମଳ ପାଢୀ, ମୁରଲି ପାଢ଼ୀ, ସୂର୍ଯ୍ୟ ଚୌଧୁରୀ, ରଞ୍ଜନ ପଣ୍ଡା, ପ୍ରମୋଦ ଦଳେଇ ଓ ସୀମାଞ୍ଚଳ ଶତପଥୀ ପ୍ରମୁଖ ଉଭୟଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

## ବିବାହର ମିଥ୍ୟା ପ୍ରଲୋଭନ ଦେଇ ଦୁଷ୍କର୍ମ; ଯୁବକ ଗିରଫ



ବ୍ରହ୍ମପୁର,୨୯।୬(ସମିସ): ବିବାହର ମିଥ୍ୟା ପ୍ରଲୋଭନ ଦେଇ ଜଣେ ୨୧ବର୍ଷୀୟା ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ପରବର୍ତ୍ତୀ ସମୟରେ ପ୍ରତାରଣା ଦେବା ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଦେଉଳପଲ୍ଲୀ ଗ୍ରାମର ସାରଥି ବେହେରା(୨୬)। ସୂଚନା ପ୍ରକାରେ, ଗୋଷାଣିନୂଆଗାଁ ଥାନା ଅଞ୍ଚଳର କୌତୁକୀନଗର ପ୍ରଥମ ଗଳିରେ ରହୁଥିବା ଗୋଷାଣିନୂଆଗାଁ ଅଞ୍ଚଳର ପିଡିତା ଯୁବତୀଙ୍କ ସହ ଅଭିଯୁକ୍ତ ସାରଥିଙ୍କ ୪ମାସ ପୂର୍ବେ ପ୍ରେମସମ୍ପର୍କ ଗଢି ଉଠିଥିଲା। ସମ୍ପର୍କର ପ୍ରାୟ ୧୫ଦିନ ପରେ ଅଭିଯୁକ୍ତ ସାରଥି ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କ ଫୋନ୍ ନମ୍ବର ବ୍ଲକ କରିଦେଇ ସମ୍ପର୍କ ଛିନ୍ନ କରିବାକୁ ଚେଷ୍ଟା କରିଥିଲେ। ପ୍ରତାରଣାର ଶିକାର ହୋଇଥିବା ଜାଣି ଯୁବତୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା (୨୫୧/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ଅଭିଯୁକ୍ତ ସାରଥି ବେହେରାକୁ କାବୁ କରି ଡାକ୍ତରୀ ମାଇନା କରାଇଥିଲା। ଆଜି ସାରଥୀକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

ଅଙ୍ଗନବାଡ଼ି କର୍ମୀଙ୍କୁ କବିସୂର୍ଯ୍ୟନଗର ବିଧାୟକଙ୍କ ଅଶୋଭନୀୟ ଆଚରଣ ପ୍ରସଙ୍ଗ

## କ୍ଷମା ପ୍ରାର୍ଥନା ଦାବିକଲା ସଂଘ

ବ୍ରହ୍ମପୁର,୨୯।୬(ସମିସ): ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ପୁରୁଷୋତ୍ତମପୁର ବ୍ଲକଠାରେ ଅନୁଷ୍ଠିତ 'ବିକାଶର ଧାରା ଓଡ଼ିଶା ସାରା'କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ଅଙ୍ଗନୱାଡି କର୍ମୀମାନଙ୍କୁ ଅଶୋଭନୀୟ ଆଚରଣ କରିଥିବା ଭିଡିଓ ଭାଇରାଲ ହୋଇଥିଲା। କର୍ମଚାରୀଙ୍କୁ ନୂତନ ୪ଜି ମୋବାଇଲ୍ ପ୍ରଦାନ କରାଯାଇଥିବା ବେଳେ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ପୁରୁଷୋତ୍ତମପୁର ବ୍ଲକ ସଭାପତି ମମତାଜ ଖୁଣ୍ଟିଆ ୫ଜି ମୋବାଲି ପ୍ରଦାନ କରିବାକୁ ଦାବି କରିଥିଲେ। ଏହାକୁ ନେଇ ବିଧାୟକ ଅଙ୍ଗନୱାଡ଼ି କର୍ମୀଙ୍କୁ ଅଶୋଭନୀୟ ଆଚରଣ କରିଥିଲେ। ଏହି ଘଟଣାକୁ ନେଇ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା। ସେହିପରି ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ତୀବ୍ର ନିନ୍ଦା କରିବା ସହ ସର୍ବସାଧାରଣରେ କ୍ଷମା ମାଗିବାକୁ ଦାବି ହୋଇଛି। ନଚେତ୍ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଧାୟକ ଉପସ୍ଥିତ ରହିଲେ ଅଙ୍ଗନୱାଡି କର୍ମୀମାନେ ବୟକଟ କରିବେ ବୋଲି ପ୍ରେସ୍ ଇସ୍ତାହାରରେ ଜିଲ୍ଲା କମିଟିର ମାଣିକେଶ୍ୱରୀ ପଟ୍ଟନାୟକ, ନର୍ମଦା ନାହାକ ଓ ପ୍ରତିମା ଦାସ ଜଣାଇଛନ୍ତି।

ମାନବଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଡିଇଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ


## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବି




ବ୍ରହ୍ମପୁର,୨୯।୬(ସମିସ)

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚଳିତ ବର୍ଷ ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକରେ ଯେଉଁଭଳି ହଜାର ହଜାର ତ୍ରୁଟି ଉଲ୍ଲେଖ ରହିଛି। ତାହା ସଭ୍ୟ ସମାଜରେ ଆଦୌ ସହଜରେ ଗ୍ରହଣୀୟ ନୁହେଁ। ତେଣୁ ତୁରନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଓ ବୈଜ୍ଞାନିକ ଶିକ୍ଷାବ୍ୟବସ୍ଥା ପ୍ରଚଳନ କରିବାକୁ ମଞ୍ଚ ଦାବି କରିଛି। ପୁସ୍ତକ ଗୁଡିକରେ ନାନା ପ୍ରକାର ଅବୈଜ୍ଞାନିକ ତଥା ମିଥ୍ୟା ତଥ୍ୟ ଉଲ୍ଲେଖ ସହ ଇତିହାସର ବିକୃତିକରଣ କରାଯାଇଛି। ବିଷୟ ଗୁଡିକରେ ନାନା ଆଯୁକ୍ତିକର କଥା ଲେଖାଯିବା ସହ ଆବଶ୍ୟକ ଥିବା ପାଠ୍ୟକ୍ରମକୁ ଉଚ୍ଛେଦ କରଯାଇଛି। ଅଷ୍ଟମ ଶ୍ରେଣୀର ସାହିତ୍ୟ ସୁରଭି ପୁସ୍ତକରେ ୭୮ନମ୍ବର ପୃଷ୍ଠାରେ ମହାତ୍ମାଗାନ୍ଧୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋ ଚିତ୍ର ସହ ଅନ୍ୟମାନଙ୍କ ଫଟୋ ରହିଛି। ଯେଉଁମାନଙ୍କ ଭାରତର ସ୍ୱାଧୀନତା ସଂଗ୍ରାମରେ ବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ କୌଣସି ଭୂମିକା ନଥିଲା ବୋଲି ମଞ୍ଚ ଆବାହକ ଆଇନଜୀବି ଅବନୀ ଗୟା ଦାବି କରିଛନ୍ତି। ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ୍‌ମାନଙ୍କ ବ୍ୟାପକ ଅଭିଯୋଗ ପରେ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ 'ସଂଶୋଧିତ ପୁସ୍ତିକା'ରେ ମଧ ବହୁ ତ୍ରୁଟି ସୁଧୁରି ନାହିଁ, ବରଂ କେତେକ ସ୍ଥାନରେ ନୂଆ ତ୍ରୁଟି ସୃଷ୍ଟି ହୋଇଛି। ତେଣୁ ତ୍ରୁଟିପୂର୍ଣ୍ଣ ପୁସ୍ତକର ତୁରନ୍ତ ପ୍ରତ୍ୟାହାର ଏବଂ ଶିକ୍ଷାରେ ବାଧା ସୃଷ୍ଟି ନକରି ୨୦୨୫-୨୬ ଶିକ୍ଷାବର୍ଷର ପାଠ୍ୟ ପୁସ୍ତକ ଆଧାରରେ ହିଁ ଶିକ୍ଷାଦାନ ଜାରି ରଖାଯିବା, ଏହି ବୃହତ୍ ତ୍ରୁଟି ପାଇଁ ଦାୟୀ ଥିବା ବିଷୟବସ୍ତୁ ଲେଖକ, ଅସତ୍ୟ ଇତିହାସ ସଂଯୋଜନାକାରୀ, ସମୀକ୍ଷକ ଓ ସମ୍ପାଦନା ମଣ୍ଡଳୀର ସମସ୍ତ ସଦସ୍ୟଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ବୈଜ୍ଞାନିକ ଶିକ୍ଷାନୀତି ପ୍ରଣୟନ, ଭବିଷ୍ୟତରେ ଏଭଳି ଅବ୍ୟବସ୍ଥା ନହେବା ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବା, ଶିକ୍ଷାବିତ୍, ବିଷୟ ବିଶେଷଜ୍ଞ ଓ ମନସ୍ତତ୍ତ୍ୱବିତଙ୍କୁ ନେଇ ଏକ ସ୍ଥାୟୀ 'ପାଠ୍ୟକ୍ରମ ସମୀକ୍ଷା ପରିଷଦ' ଗଠନ କରି ବୈଜ୍ଞାନିକ ମନୋଭାବ, ସଠିକ୍ ତଥ୍ୟ, ଯୁକ୍ତିଯୁକ୍ତ ଚିନ୍ତାଧାରା ଓ ସାମାଜିକ ସମାନତାର ଚେତନା ଆଧାରରେ ପାଠ୍ୟକ୍ରମ ପ୍ରସ୍ତୁତ କରିବା ଆଦି ୫ଟି ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏଥିରେ ବରିଷ୍ଠ ସଭ୍ୟ ତଥା ଉପଦେଷ୍ଟା ଆର୍. ସତ୍ୟ ନାରାୟଣ ରାଓ, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ବିରେନ୍ କୁମାର ବେହେରା, ଆଦିତ୍ୟ ନାରାୟଣ ରଥ, ଏସ. ସାମ୍ବଶିବା ରାଓ, ମହେଶ୍ୱର ବାଡତ୍ୟା, କାହ୍ନୁ ଚରଣ ପାତ୍ର, ଗୁଣନିଧି ବେହେରା, ମନୋଜ କୁମାର ତରାଇ ଓ କେଶବ ଲିଙ୍ଗମ୍ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ସମ୍ପାଦକୀୟ



ମାତୃଭାଷା ହିଁ ବିଶ୍ୱର ସବୁଠାରୁ ବଡ଼ ପ୍ରଭାବୀ ପ୍ରଚାର ମାଧ୍ୟମ।
-ମାରଶାଲ୍ ମାକଲୁହାନ୍

ସକାଳ
THE SAKALA

## ଉଦ୍‌ବିଗ୍ନ ମୁହୂର୍ତ୍ତ

ସୂଚନା ପ୍ରଯୁକ୍ତି ବା ଆଇଟି କ୍ଷେତ୍ର ଭାରତ ସମେତ ସମଗ୍ର ବିଶ୍ୱରେ ଅର୍ଥନୀତିକ ଅଭିବୃଦ୍ଧିର ଏକ ବଡ଼ ବାହକ ହୋଇଥିବା ବେଳେ ପ୍ରତିଭା ନିଯୁକ୍ତିରେ ଉଲ୍ଲେଖନୀୟ ଅବଦାନ ରଖିଛି। ଭାରତ ଭଳି ଦେଶ ଯେଉଁଠି ସରକାରୀ ଚାକିରିରେ କୋଟା ରାଜ ବ୍ୟବସ୍ଥା ପ୍ରତିଭାର ସ୍ୱାଭାବିକ ଉଦ୍‌ବର୍ତ୍ତନକୁ ଉଦ୍ଦେଶ୍ୟମୂଳକ ଭାବେ ଜାତିଆଣ ଆଧାରରେ ସଂକୁଚିତ କରି ପଜିଟିଭ ଡିସ୍‌କ୍ରିମିନେସନ ବା ଗଠନମୂଳକ ପାତର ଅନ୍ତର ତତ୍ତ୍ୱକୁ ଅଗ୍ରାଧିକାର ଦିଏ, ସେଠାରେ ଆଇଟି କ୍ଷେତ୍ର ପ୍ରତିଭାଧାରୀଙ୍କ ପାଇଁ ଶେଷ ଗନ୍ତବ୍ୟ। କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଭାରତୀୟ ଆଇଟି ବୃତ୍ତିଧାରୀମାନେ ନିଜର କର୍ମକୁଶଳତା ଓ ନିଷ୍ଠା ଯୋଗୁଁ ପ୍ରତିଷ୍ଠିତ ହୋଇପାରିଛନ୍ତି। ବିଡ଼ମ୍ବନା ହେଲା ଏ କ୍ଷେତ୍ର ଏବେ ମଧ୍ୟ ଏକ ଉଦ୍‌ବିଗ୍ନ ମୁହୂର୍ତ୍ତ ଦେଇ ଗତି କରୁଛି। ପ୍ରଚୁର ଅର୍ଥର ଅଧିକାରୀ ଧନାଢ୍ୟ ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀମାନେ ସେମାନଙ୍କ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ବଡ଼ ଧରଣର ଛଟେଇ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ପ୍ରକ୍ରିୟାରେ ଭାରତୀୟଙ୍କ ସମେତ ବହୁ ପୁରାତନ ପେସାଦାର ବୃତ୍ତିଜୀବୀ ଅସମୟରେ ଚାକିରି ହରାଉଛନ୍ତି। ଏସବୁ କମ୍ପାନୀ ନୂଆ ଯାନ୍ତ୍ରିକତା ଓ ପ୍ରଯୁକ୍ତିକୁ ଅଗ୍ରାଧିକାର ଦେଇ ସ୍ୱୟଂକ୍ରିୟ ଯନ୍ତ୍ରଚାଳିତ ବ୍ୟବସ୍ଥାରେ ନିଜର କାମ କରିବା ସହିତ ମାନବସମ୍ବଳର ଉପଯୋଗକୁ ନିରନ୍ତର ଭାବେ କମାଉଛନ୍ତି। ଏହାଛଡ଼ା ବିଭିନ୍ନ ବୈଶ୍ୱିକ ଓ ଜାତୀୟସ୍ତରର ଅର୍ଥନୈତିକ ମାନ୍ଦା ସମସ୍ୟା ଯୋଗୁଁ କର୍ମଚାରୀ ଛଟେଇ କରିବାକୁ ବାଧ୍ୟ ହେଉଛନ୍ତି।

ଏବେ ଆୟ ବୃଦ୍ଧି ପାଇଁ ଅତିରିକ୍ତ କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଛି। ଅର୍ଥ ପିଶାଚ ଏସବୁ କମ୍ପାନୀ ନିଜର ଆୟ ବୃଦ୍ଧି ପାଇଁ ବିଭିନ୍ନ ବାହାନା କରି କର୍ମଚାରୀ ଛଟେଇ ଆରମ୍ଭ କରିଛନ୍ତି। ଯେଉଁଠି ମେଧାବୀ ପେସାଦାରମାନଙ୍କୁ ଏକ ପ୍ରୋଗ୍ରାମ୍‌ର କୋଡିଂ କରିବାକୁ ହାରାହାରି ଦୁଇମାସ ସମୟ ଲାଗୁଥିଲା ସେଠାରେ ଏବେ ଏଆଇ ମାତ୍ର ୧୦ମିନିଟ୍ ମଧ୍ୟରେ ତାହା ସମ୍ପନ୍ନ କରିପାରୁଛି। ତେଣୁ ଏକ ସଫ୍ଟୱେର ସଂସ୍ଥା ମାନବସମ୍ବଳର ନିଯୁକ୍ତିରେ ବିପୁଳ ଅର୍ଥ ଅପଚୟ କରିବ କାହିଁକି? ଏହି ମାନସିକତାରେ ଏବେ ଆଇଟି କ୍ଷେତ୍ରରେ ମାତ୍ର ଚାରି/ପାଞ୍ଚ ବର୍ଷ ପରେ ପେସାଦାରମାନଙ୍କ ହାତରେ ଗୋଲାପୀ ପତ୍ର(ବହିଷ୍କାର ଆଦେଶ) ଧରାଇ ଦିଆଯାଉଛି। ଆଲ୍‌ଫାବେଟ୍, ମେଟା, ମାଇକ୍ରୋସଫ୍ଟ, ଆମାଜନ, ସେଲ୍ସଫୋର୍ସ, ଗୁଗୁଲ ଓ ସାପ୍ ଆଦି ଆଇଟି କମ୍ପାନୀମାନେ କର୍ମଚାରୀ ଛଟେଇ ଜାରି ରଖିଥିବା ବେଳେ ଆଉ କେତେକ କମ୍ପାନୀ ସମାନ ନୀତି ମଧ୍ୟ ଅନୁସରଣ କରୁଛନ୍ତି।

ଭାରତୀୟ ଆଇଟି କମ୍ପାନୀମାନେ ଏହି ଧାରାରେ ମଧ୍ୟ ସାମିଲ ହୋଇଛନ୍ତି। ମହାମାରୀ ପରେ ଭାରତୀୟ ଆଇଟି କମ୍ପାନୀମାନେ ସେମାନଙ୍କର ନୂଆ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବା ବେଳେ ନୂତନ ବୃତ୍ତିଧାରୀମାନଙ୍କୁ ଅପେକ୍ଷାକୃତ କମ୍ ବେତନ ଦେଉଛନ୍ତି। ଅପରପକ୍ଷରେ ଚାକିରିରେ ଥିବା ମଧ୍ୟମ ଓ ବରିଷ୍ଠ ବର୍ଗର ଉଚ୍ଚ ବେତନ ଭୋଗୀଙ୍କୁ ପ୍ରସ୍ଥାନ ପଥ ବାଧ୍ୟତାମୂଳକ ଭାବେ ଦେଖାଇ ଦିଆଯାଉଛି। ଏସବୁ ଉଦ୍ୟୋଗ ଏପରି ସଂସ୍ଥା, ଯେଉଁଠି ଶ୍ରମିକ ସଂଗଠନ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ବା ନାହିଁ କହିଲେ ଚଳେ। ସେ ବ୍ୟବସ୍ଥାରେ କର୍ମଚାରୀଙ୍କ ବୃତ୍ତିଗତ ସୁରକ୍ଷା ନୀତି ଅତ୍ୟନ୍ତ ଦୁର୍ବଳ। ସରକାରୀ ଆଇନର ସୁଯୋଗ ନେଇ ଏସବୁ ଉଦ୍ୟୋଗ ଏକ ସୁରକ୍ଷିତ ପରିବେଶରେ କାମ କରନ୍ତି ଯେଉଁଠି ଦେଶର ଶ୍ରମ ଆଇନ୍ କାନୁନ୍ ସେମାନଙ୍କୁ ବିଶେଷ ପ୍ରଭାବିତ କରେନାହିଁ।ଭବିଷ୍ୟତରେ ଏହି ସଙ୍କଟ ଆହୁରି ଭୟଙ୍କର ଆକାର ଧାରଣ କରିପାରେ।

ଷ୍ଟକ୍ ମାର୍କେଟରେ ତାଲିକା ଭୁକ୍ତ ହୋଇଥିବା ଆଇଟି କମ୍ପାନୀମାନଙ୍କର ଆୟ ଉପରେ ନଜର ପକାଇଲେ ଏହା ସ୍ପଷ୍ଟ ହୁଏ ଯେ ଆଗଭଳି ଆଉ ସେମାନଙ୍କର ଷ୍ଟକ୍ ପ୍ରାଇମ୍ କମ୍ ରହୁନାହିଁ କି ବେପାର ପ୍ରଭାବିତ ହେଉନି। ସେମାନଙ୍କ ଆୟ ଓ ଲାଭ ବଢ଼ିଛି। ସେମାନେ ଏହି ସୁଯୋଗରେ ନୂଆ ଟେକ୍‌ନୋଲୋଜିର ଉପଯୋଗ କରି ନିଜର କର୍ମଚାରୀ ସଂଖ୍ୟା ହ୍ରାସ କରିବା ସହ ଲାଭ ବଢ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଏସବୁ କମ୍ପାନୀ ଏବେ ନୂଆ ଟେକ୍‌ନୋଲୋଜି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା), ଅଟୋମେସନ୍ ଆଦିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରୁଛନ୍ତି। ଓପନ୍ ଏଆଇ ଚାଟ୍‌ବଟ୍ ଚାଟ୍‌ଜିପିଟିର ସଫଳତା ପରେ ଏବେ ଏକାଧିକ ସଂସ୍ଥା ନିଜସ୍ୱ ଏଆଇ ଚାଟ୍‌ବଟ୍ ବିକଶିତ କରୁଛନ୍ତି, ଯାହାର ସର୍ବାଧିକ ଗ୍ରାହକ ହେଉଛନ୍ତି ଭାରତୀୟ।

ନୂଆ ଯୁଗର ଆବଶ୍ୟକତା ପୂରଣ ପାଇଁ ଏସବୁ ଟେକ୍‌ନୋଲୋଜିର ପ୍ରବର୍ତ୍ତନ ଜରୁରୀ ଏବଂ ଏହା ଆମ ୫-ଜି ସ୍ମାର୍ଟ ଟେଲିଫୋନ୍ ବ୍ୟବସ୍ଥାକୁ ମଧ୍ୟ ପ୍ରୋତ୍ସାହନ ଯୋଗାଇବ। ତେବେ ଏହି ନବ ପ୍ରଯୁକ୍ତି ଓ ଯନ୍ତ୍ରାୟନ ବ୍ୟବସ୍ଥା କ'ଣ ମଣିଷର ବିକଳ୍ପ ହୋଇ ସେମାନଙ୍କ ହାତରୁ ନିଯୁକ୍ତି ଓ ରୋଜଗାର ଛଡ଼ାଇ ନେବ? ବ୍ୟବସାୟରେ ଲାଭ ପରମ ଧର୍ମ। ତେଣୁ ଏଥିରେ ମଣିଷର ଶ୍ରମ, ମାନବିକତା, ନୈତିକତାକୁ ଉପଯୁକ୍ତ ମର୍ଯ୍ୟାଦା ମିଳିବା ସମ୍ଭାବନା କମ୍। ଅର୍ଥନୀତିକୁ ଏବେ ମଣିଷ ନୁହେଁ, ଯନ୍ତ୍ର ଓ ପ୍ରଯୁକ୍ତି ବିଦ୍ୟାର ବିସ୍ତାର ହେଉଛି, ତାହାର ପରିଣତି ଭୟଙ୍କର ହୋଇପାରେ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ନୂତନ କମ୍ପ୍ୟୁଟର, ଯାନ୍ତ୍ରିକ ବ୍ୟବସ୍ଥା, କୃତ୍ରିମ ବୁଦ୍ଧିମତା ଏବଂ ଡାଟା ଇଞ୍ଜିନିୟରିଂ ଆଦି କ୍ଷେତ୍ରରେ ବହୁ ବର୍ଗ ଓ ସଂଖ୍ୟାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହେଉଛି। ଆଗାମୀ ଦିନରେ ଭାରତ ସମେତ ସମଗ୍ର ବିଶ୍ୱର ଆଇଟି କ୍ଷେତ୍ରର ନିଯୁକ୍ତି ଉପରେ ଏହାର ପ୍ରଚଣ୍ଡ ପ୍ରଭାବ ଅନୁଭୂତ ହେବ ଓ ଅନେକ ଲୋକ ଚାକିରି ହରାଇବା ଥୟ। ପୁରୁଣା ଓ ଅଭିଜ୍ଞ କର୍ମୀଙ୍କୁ ନୂତନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇବ। ଭାରତ ସରକାର ଏହି ଉଦ୍‌ବିଗ୍ନ ମୁହୂର୍ତ୍ତ ପ୍ରତି ସତର୍କ ରହିବା ଆବଶ୍ୟକ।

## ମୂଲ୍ୟବୋଧର ଅବକ୍ଷୟ

ସୌଭାଗ୍ୟ ସୁନ୍ଦରରାୟ

କିଛିମାସ ତଳେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଦୁଇ ପୁତ୍ର ସନ୍ତାନ ୯୫ ବର୍ଷୀୟା ମା'ଙ୍କୁ ଜଙ୍ଗଲରେ ଛାଡ଼ିଦେଇ ଆସିଲେ। ପୁଲିସ ସଂପୃକ୍ତ ବୃଦ୍ଧାଙ୍କୁ ଉଦ୍ଧାର କରି ଏକ ଜରାଶ୍ରୟରେ ଆଶ୍ରୟ ପ୍ରଦାନ କଲେ। ବାର୍ଦ୍ଧକ୍ୟ ଅବସ୍ଥାରେ ମା'ଙ୍କ ସେବାଯତ୍ନ ନିମନ୍ତେ ଦୁଇପୁତ୍ର ଅମଙ୍ଗ ଥିବାରୁ ଏପରି ଘଟଣା ଘଟିଛି। ଘଟଣାଟି ଏକ ମାନସିକ କମ୍ପନ ସୃଷ୍ଟି କରିବା ସ୍ୱାଭାବିକ ଏବଂ ନିଶ୍ଚିତ ଭାବେ ସାମାଜିକ ନୈତିକତାର ଅବକ୍ଷୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପ୍ରକାର ଅନେକ ଘଟଣା ବର୍ତ୍ତମାନର ସାମାଜିକ ଚଳଣିରେ ଘଟୁଥିବା ଦେଖାଯାଉଛି। କେବଳ ଯେ ନ ଥିଲାବାଲାଙ୍କ ଘରେ ଏପ୍ରକାର ଘଟଣା ଘଟୁଛି ତାହା ନୁହେଁ, ଥିଲାବାଲାଙ୍କ ଘରେ ମଧ୍ୟ ଏହା ଘଟୁଛି।

ବିଜୟପତ୍ ସିଂଘାଣିଆଙ୍କ ବିଷୟକୁ ଆସିବା। ଦେଶର ବିଶିଷ୍ଟ ଶିଳ୍ପପତି। ରେମଣ୍ଡ ଶିଳ୍ପଗୋଷ୍ଠୀର ମାଲିକ। ଦିନେ ଥିଲେ ୩୬ ମହଲାବିଶିଷ୍ଟ ମୁମ୍ବାଇ ଜେକେ ହାଉସର ଅଧିପତି। ପରବର୍ତ୍ତୀ ସମୟରେ କଂପାନୀରେ ଥିବା ବ୍ୟକ୍ତିଗତ ୩୭% ଅଂଶଧନ ଯେଉଁଦିନ ନିଜ ପୁତ୍ରଙ୍କୁ ହସ୍ତାନ୍ତର କଲେ ତା'ପରଠାରୁ ତାଙ୍କ ଦିନ ଓକିଲଙ୍କ ବାରଣ୍ଡାରେ କଟିଲା। ନିଜର ଏହା ଏକ ଭୁଲ୍ ନିଷ୍ପତ୍ତି ଥିଲା ବୋଲି ଆତ୍ମଜୀବନୀ 'ଆନ ଇନ୍‌କଂପ୍ଲିଟ ଲାଇଫ'ରେ ବିଜୟପତ୍ ଲେଖିଛନ୍ତି। ଶେଷ ସମୟକୁ ନଥିଲା ତାଙ୍କର ରମ୍ୟ ସୌଧ ବା ରାଜକୀୟ ଜୀବନଶୈଳୀ। ୮୭ ବର୍ଷ ବୟସରେ ଏକ ଭଡ଼ା ଘରେ ଏକାକୀ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ବିଜୟପତ୍‌ଙ୍କ ପୁତ୍ର ଗୌତମ ଚାହିଁଥିଲେ କ'ଣ ବାପାଙ୍କୁ ନିଜ ପାଖରେ ରଖିପାରି ନ ଥା'ନ୍ତେ ବା ଏକ ଗୃହ ଯୋଗାଇ ପାରି ନ ଥା'ନ୍ତେ? ଏ ପ୍ରକାର ପରିସ୍ଥିତିରେ ପିତାମାତାଙ୍କ ପ୍ରତି ପୁତ୍ରର କର୍ତ୍ତବ୍ୟ କ'ଣ ରହିବା ଆବଶ୍ୟକ ବୋଲି ପ୍ରଶ୍ନ ଉଠୁଛି। ପ୍ରଶ୍ନଟି ଏବେ ବି ଅସମାହିତ। ଯେମିତି ପିତାଙ୍କ ସତ୍ୟ ରକ୍ଷା ପାଇଁ ପ୍ରଭୁ ଶ୍ରୀରାମ ବନବାସ ଯାଇଥିଲେ ନା ଅସୁରକୁଳ କବଳରୁ ଧରାକୁ ରକ୍ଷା ନିମନ୍ତେ ବନଗମନ କରିଥିଲେ? ସେହିପରି ଦିନେ ପିତା ଯଯାତିଙ୍କ ବାର୍ଦ୍ଧକ୍ୟ ଗ୍ରହଣ କରିଥିଲେ ପୁତ୍ର ପୁରୁ। ପିତାଙ୍କ ଆଶୀର୍ବାଦରେ ପରବର୍ତ୍ତୀ ସମୟରେ ପୁରୁ ପ୍ରତିଷ୍ଠା କରିଥିଲେ ଏକ ବିଶାଳ ତଥା ଦୀର୍ଘ ରାଜବଂଶ। ଜରା ଗ୍ରହଣ ସମୟରେ ପୁରୁ କହିଥିଲେ ଯେ - 'ଯେ ଉତ୍ତମ ପୁତ୍ର ସେ ପିତାଙ୍କ ମନଜାଣି କାର୍ଯ୍ୟ କରିଥାଏ। ଯେ ମଧ୍ୟମ, ପିତା କହିବା ମାତ୍ରେ ସେ ତାହା ପାଳନ କରିଥାଏ। ଯେ ଅଧମ, କହିବା ପରେ ଶ୍ରଦ୍ଧା ନ ଥାଇ ପିତାଙ୍କ ଆଦେଶ ପାଳନ କରିଥାଏ।' ଯେଉଁ ପୁତ୍ର କହିବା ସତ୍ତ୍ୱେ ପିତାଙ୍କ ଆଦେଶ ପାଳନ କରିନଥାଏ, ସେ ପିତାଙ୍କ ମଳମୂତ୍ର ସହ ସମାନ ହୋଇଥାଏ। ଏହା ପୁରାଣ ପୃଷ୍ଠାର କଥା। ଏକଥା ଶୁକମୁନି ପରୀକ୍ଷିତଙ୍କୁ ଶୁଣାଇଥିଲେ।

ଅନ୍ୟ ଏକ ଘଟଣାରେ ଜଣେ ୮୩ ବର୍ଷ ବୟସ୍କ ବିଧବା ମହିଳାଙ୍କ ଭରଣପୋଷଣ ଓ ସେବାଯତ୍ନ ଦାୟିତ୍ୱ ଦୁଇ ପୁଅ ନେବାକୁ ଓଡ଼ିଶା ହାଇକୋର୍ଟ ଗତ ଏପ୍ରିଲ ମାସରେ ଏକ ନିର୍ଦ୍ଦେଶନାମାରେ କହିଛନ୍ତି। ପୁଅଙ୍କ ଦ୍ୱାରା ଅବହେଳାର ଶିକାର ହେଉଥିବା ଅଭିଯୋଗ ଆଣି ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ ଅନୁଯାୟୀ ସଂପୃକ୍ତ ମହିଳା ପ୍ରଥମେ ଅପିଲ ଟ୍ରିବ୍ୟୁନାଲ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ ଅଦାଲତରେ ଅଭିଯୋଗ ଦାଖଲ କଲେ। ଅଭିଯୋଗ ବିଚାର ପାଇଁ ଗ୍ରହଣ କରି ଜଣେ ପୁଅ ମା'ର ଖାଦ୍ୟପେୟ ବୁଝିବା ଏବଂ ଅନ୍ୟ ପୁଅ ମାସିକ ୫୦୦୦ ଟଙ୍କା ପ୍ରଦାନ ନିମନ୍ତେ ଟ୍ରିବ୍ୟୁନାଲ ୨୦୨୪ ମସିହା ଫେବୃୟାରୀ ମାସରେ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ଜଣେ ପୁଅ ଜିଲ୍ଲାପାଳଙ୍କ ନିକଟରେ ପାଲଟା ଅପିଲ କରିଥିଲେ। ଜିଲ୍ଲାପାଳ ପ୍ରଥମ ଅପିଲ ଟ୍ରିବ୍ୟୁନାଲ ଆଦେଶ ଖାରଜ କରି ମାମଲାର ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଂପୃକ୍ତ ମହିଳା ଏହି ଆଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ଏହାର ଶୁଣାଣି କରି ଆଇନ ଅନୁଯାୟୀ ୨୦୦୭ ମସିହା ଆଇନର ଆପିଲେଟ ବ୍ୟବସ୍ଥାକୁ ପୁଅ ଉପଯୋଗ କରିପାରିବ ନାହିଁ ବୋଲି କହିଥିଲେ। ଅର୍ଥାତ ଉପ-ଜିଲ୍ଲାପାଳ ଭରଣପୋଷଣ ନିମନ୍ତେ ଯେଉଁ ଆଦେଶ ଦେଇଥିଲେ ତାହାକୁ କାଏମ ରଖିଥିଲେ। ଜଣାପଡ଼ିଛି ଯେ ଦୁଇ ପୁଅଙ୍କ ମଧ୍ୟରେ ପୈତୃକ ସମ୍ପତ୍ତି ଭାଗବଣ୍ଟା ପରେ ମା'ଙ୍କ କଥା କେହି ବୁଝିନଥିଲେ। ଏପରିକି ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ଦେଇ ନ ଥିଲେ। ଦୁଇ ପୁତ୍ର ବିବାହିତ। ଜଣେ ପରିବା ବିକ୍ରିବଟା କରେ ଏବଂ ଅନ୍ୟ ଜଣେ ଗୃହରକ୍ଷୀ ଭାବେ କାର୍ଯ୍ୟ କରିଥାଏ।

ସେହିପରି ଗତ ମେ' ୧୭ ତାରିଖରେ ଆଉ ଏକ ଖବର ପ୍ରକାଶ ପାଇଥିଲା। ବୃଦ୍ଧ ପିତାମାତାଙ୍କୁ ଖାଇବାକୁ ନଦେଇ ନିର୍ଯାତନା ଦେବା ଅଭିଯୋଗରେ ଉପ-ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦୁଇ ପୁଅଙ୍କୁ ପୁଲିସ ସହାୟତାରେ ଘରୁ ବିତାଡ଼ିତ କରାଯାଇଛି। ଘଟଣାଟି ଘଟିଛି ପୁରୀ ବାୟାବାବା ମଠ ଗଳିରେ। ଦୟାନିଧି ବେହେରାଙ୍କ ଅର୍ଜିତ ବାସଗୃହରେ ତାଙ୍କ ପତ୍ନୀ ଓ ଦୁଇ ପୁଅ ରହୁଥିଲେ। ପରିଣତ ବୟସରେ ବୃଦ୍ଧଦମ୍ପତିଙ୍କୁ ଦୁଇ ପୁଅ ଖାଇବାକୁ ଦେଉ ନ ଥିବା ଅଭିଯୋଗ ହୋଇଥିଲା। ଫଳରେ ପିତାମାତାଙ୍କ ଭରଣପୋଷଣ ପାଇଁ ମାସିକ ୨ ହଜାର ଟଙ୍କା ଲେଖାଁଏ ଦେବାକୁ ଉପ-ଜିଲ୍ଲାପାଳ ଦୁଇ ପୁଅଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁଅ ଦ୍ୱୟ ଏହା ପାଳନ କରିନଥିଲେ। ଫଳରେ ପୁଲିସ ସହାୟତାରେ ଦୁଇ ପୁଅଙ୍କୁ ଘରୁ ବାହାର କରିଦେବାକୁ ଉପ-ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସବୁ ଗଲା ଆଇନ ଅଦାଲତର ବିଷୟ। ନ୍ୟାୟିକ ବ୍ୟବସ୍ଥା। ଆଇନଗତ ଲଢ଼େଇରେ ବୃଦ୍ଧ ଦମ୍ପତିଙ୍କର ବିଜୟ ହେଲା। କିନ୍ତୁ ସାମାଜିକ ଓ ସାଂସ୍କୃତିକ ଦିଗରୁ କ'ଣ ଦମ୍ପତି ନ୍ୟାୟ ପାଇପାରିଛନ୍ତି? ବୋଧହୁଏ ନା। ମୁଣ୍ଡକୁ ହାତ ପାଇବା ପର୍ଯ୍ୟନ୍ତ ଯେଉଁ ସ୍ନେହଶ୍ରଦ୍ଧା ଦେଇ ପିତାମାତା ପିଲାଙ୍କୁ ବଢ଼ାଇ ଆଣିଥିଲେ, ପରିଣତ ବୟସରେ କ'ଣ ସେମାନେ ଅନୁରୂପ ଶ୍ରଦ୍ଧା, ମର୍ଯ୍ୟାଦା ପାଇପାରିଲେ?

ଉପରୋକ୍ତ ଘଟଣାରୁ ଜଣାପଡୁଛି ଯେ ପରିଣତ ବୟସର ପିତାମାତାଙ୍କ ବୋଝ ମୁଣ୍ଡାଇବା ପାଇଁ ପୁତ୍ର, ପୁତ୍ରବଧୂ ବର୍ତ୍ତମାନ ସମୟରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚାକିରି ହେଉ ବା ବ୍ୟବସାୟ, ଉଦ୍ୟୋଗ ଆଦି ବିଭିନ୍ନ ସୂତ୍ରରୁ ରୋଜଗାର କରି ଏକ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନ ବିତାଇବା ନିମନ୍ତେ ନୂତନ ପିଢ଼ି ଅଧିକ ଇଚ୍ଛୁକ। ଗୃହସ୍ଥର ଦାୟିତ୍ୱ ନିର୍ବାହ ନିମନ୍ତେ ଅନିଚ୍ଛୁକ। ପିତାମାତାଙ୍କୁ ଠିକ୍ ଭାବେ ଜାଣିପାରୁ ନାହାନ୍ତି। ମା'ର ପଣତକାନି ଓ ବାପାର ଛତ୍ର ଚିରଦିନ ସନ୍ତାନଙ୍କ ସୁରକ୍ଷା କବଚ ହୋଇ ରହିଥାଏ। ପିତମାତାଙ୍କ ଅନୁଭବ, ଅଭିଜ୍ଞତା, ଦୁଃଖ-କଷ୍ଟ, ଧୈର୍ଯ୍ୟ, ସହନଶୀଳତା ପିଲାଙ୍କୁ ଆଗେଇ ଯିବାରେ ବାଟ ଦେଖାଇଥାଏ। ଏପ୍ରକାର ଗୁରୁଙ୍କୁ ପରିତ୍ୟାଗ କରାଯାଉଛି କ'ଣ ପାଇଁ? ନିଜର ସମସ୍ତ ପୁତ୍ରଙ୍କୁ ଅଯୋଗ୍ୟ ମନେ କରି ରାଜା ଭରତ ଦିନେ ଭରଦ୍ୱାଜଙ୍କୁ ପତ୍ର ରୂପେ ଗ୍ରହଣ କରିଥିଲେ। କିନ୍ତୁ ବିଜୟପତ୍ ସିଂଘାଣିଆ ପୁତ୍ରଙ୍କୁ ଯୋଗ୍ୟ ମନେ କରି ସମସ୍ତ ସମ୍ପତ୍ତି ଅର୍ପଣ କରିଥିଲେ। ପୁତ୍ର ପ୍ରତି ଅଧିକ ଆସ୍ଥା, ସ୍ନେହ ଓ ମମତାରୁ ତାଙ୍କ ଶେଷଜୀବନ ଦୁର୍ବିସହ ହୋଇଥିଲା। ପୁତ୍ର ରହିଲେ ଭୋଗବିଳାସରେ।

ଦେଶରେ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଘରର ବରିଷ୍ଠ ସଦସ୍ୟ କ୍ରମଶଃ ଅବହେଳାର ଶିକାର ହେଉଥିବା ଘଟଣା ପଦାକୁ ଆସୁଛି। ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ ୨୦୩୦ ମସିହା ସୁଦ୍ଧା ବିଶ୍ୱରେ ୬୦ ବା ତଦୂର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା ୧୦ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟାଠାରୁ ଅଧିକ ହୋଇଯିବ। ଏହା ବିଶ୍ୱର ବିକାଶମୁଖୀ ଅଞ୍ଚଳ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିବ। ଜନ୍ମ ହାର ହ୍ରାସ ଓ ଜୀବନ ଧାରଣ ଅବଧି ବୃଦ୍ଧି ଯୋଗୁଁ ଏହି ସମସ୍ୟା ଏବେ ତୀବ୍ର ହେବାରେ ଲାଗିଛି। ଭାରତର ଜନସଂଖ୍ୟାକୁ ଦେଖିଲେ ଦେଶ ଜନସଂଖ୍ୟାର ୧୧% ହେଉଛନ୍ତି ୬୦ରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି। ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୧.୧%। ବିହାର, ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶକୁ ବାଦ ଦେଲେ ଦେଶର ଅନ୍ୟ ସବୁରାଜ୍ୟରେ ଜନ୍ମହାର ହ୍ରାସ ପାଇଛି। ଏଥିପାଇଁ ଆନ୍ଧ୍ରପ୍ରଦେଶ ସରକାର 'ତିନିସନ୍ତାନ' ନୀତିକୁ ପ୍ରୋତ୍ସାହିତ କରିଛନ୍ତି। ତେବେ ଅଧିକ ସନ୍ତାନ ପ୍ରସବ ଦ୍ୱାରା ବୃଦ୍ଧ ପିତାମାତାଙ୍କ ପ୍ରତି ପୁତ୍ରର ଉଚିତ୍ ଦାୟିତ୍ୱ ନିର୍ବାହ କରିପାରିବାର କିଛି ନିଶ୍ଚିତତା ନାହିଁ।

ବରିଷ୍ଠ ନାଗରିକଙ୍କ ପାଇଁ ଆଇନ ରହିଛି। ଏହା ସତ୍ତ୍ୱେ ବୃଦ୍ଧ ପିତାମାତା ଅବହେଳାର ଶିକାର ହେଉଥିଲେ ମଧ୍ୟ ପରିବାରର ମର୍ଯ୍ୟାଦା ଦୃଷ୍ଟିରୁ ଆଇନର ଉପଯୋଗ କରିବାକୁ ଚାହୁଁନାହାନ୍ତି। ଆଉ କେତେକଙ୍କର ଅଦାଲତରେ ବୁଲିବା ପାଇଁ ଆଉ ବଳ ନାହିଁ। ଅନ୍ୟ ଦିଗରୁ ଦେଖିଲେ ଆଇନ ବା ଜରାଶ୍ରମ ଏ ସମସ୍ୟାର ବିଶେଷ ସମାଧାନ କରିପାରିବା ଭଳି ମନେ ହୁଏ ନାହିଁ। ପିତୃ-ମାତୃ ଦିବସ ପାଳନ ଏକ ଉତ୍ସବ। ବାସ୍ତବରେ ଦେଖିଲେ ସମସ୍ୟାଟି ମାନବିକ ମୂଲ୍ୟବୋଧର। ନୈତିକ ଦାୟିତ୍ୱବୋଧ ଏଥିସହ ଜଡ଼ିତ ରହିଛି। ଏଣୁ ପରିଣତ ବୟସର ପିତାମାତାଙ୍କ ମାନସିକତାକୁ ଶିକ୍ଷିତ ଆଧୁନିକ ସମାଜ ବୁଝିବା ଆବଶ୍ୟକ। ପୁତ୍ର ପରିବାରରେ ପିତାମାତାଙ୍କ ସ୍ଥାନ ଅନିବାର୍ଯ୍ୟ। ଏଥିରେ ଅର୍ଥନୈତିକ ଅବସ୍ଥା ଏକ ବାଧକ ନୁହେଁ। ଏକଥା ଆମେ ବୁଝିପାରିଲେ ଏ ସଂସାର ସୁନ୍ଦର, ତଥା ଶୃଙ୍ଖଳିତ ହୋଇପାରିବ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## ଦେଶର ସୁରକ୍ଷା, ନାଗରିକତ୍ୱ ରକ୍ଷା

ଗୋସ୍ୱାମୀ ଅନାମ ଚରଣ ଦାଶ

ଏହା କେବଳ ଏକ ସ୍ଲୋଗାନ ନୁହେଁ; ଏକ ଗଭୀର ପ୍ରଶ୍ନ। ଯଦି ରାଷ୍ଟ୍ର ଦୁର୍ବଳ ହୋଇଯାଏ, ତାହାର ସାର୍ବଭୌମତ୍ୱ ପ୍ରତି ଆହ୍ୱାନ ସୃଷ୍ଟି ହୁଏ, ସମାଜ ଭିତରୁ ଭାଙ୍ଗିବାକୁ ଲାଗେ ତେବେ ନାଗରିକଙ୍କ ସ୍ୱାଧୀନତା, ଅଧିକାର ଓ ସୁରକ୍ଷା ଅକ୍ଷୁର୍ଣ୍ଣ ରହିପାରିବ? ଆମେ ସାଧାରଣତଃ ନାଗରିକ ଅଧିକାର ବିଷୟରେ କଥା ହେଉ। ମତପ୍ରକାଶର ସ୍ୱାଧୀନତା, ନ୍ୟାୟ, ସୁରକ୍ଷା, ଉନ୍ନତି, ସୁଯୋଗ, ଗରିମା। କିନ୍ତୁ ଏକ ମୌଳିକ ପ୍ରଶ୍ନ ଅନେକ ସମୟରେ ଅଲୋଚନାରୁ ବାହାରେ ରହିଯାଏ - ଏହି ସବୁ ଅଧିକାର କାହାର ଛତା ତଳେ ସମ୍ଭବ? ଏକ ସୁସଂଗଠିତ, ସୁରକ୍ଷିତ ଓ ସ୍ଥିର ରାଷ୍ଟ୍ର ବିନା ନାଗରିକତ୍ୱର ଅର୍ଥ କିଛି ରହିଥାଏ?

ଭାରତୀୟ ଚିନ୍ତନ ପରମ୍ପରା ଏହି ପ୍ରଶ୍ନକୁ ନୂଆ ଭାବେ ଦେଖିବାକୁ ଆମକୁ ଆମନ୍ତ୍ରଣ କରେ। ମହାଭାରତରେ ରାଜଧର୍ମ କେବଳ ଶାସନ ନୁହେଁ; ଏହା ଲୋକରକ୍ଷା, ନ୍ୟାୟ ଓ ସମାଜ ସମନ୍ୱୟର ଧର୍ମ। ରାମାୟଣରେ ରାମଙ୍କ ଶକ୍ତି କେବଳ ରାଜଶକ୍ତି ନୁହେଁ; ସେହି ଶକ୍ତି ଧର୍ମ ଦ୍ୱାରା ନିୟନ୍ତ୍ରିତ ଶକ୍ତି। ଅନ୍ୟପଟେ ରାବଣଙ୍କ ପାଖରେ ମଧ୍ୟ ଶକ୍ତି ଥିଲା, ଜ୍ଞାନ ଥିଲା, ସମ୍ପଦ ଥିଲା; କିନ୍ତୁ ଧର୍ମବୋଧର ଅଭାବ ତାଙ୍କୁ ଅବଶେଷରେ ବିନାଶର ପଥକୁ ନେଇଗଲା। ସେହିପରି ରାଷ୍ଟ୍ରଶକ୍ତିର ଆଲୋଚନା ମାନେ ଆକ୍ରମଣଶୀଳତାର ଆଲୋଚନା



ନୁହେଁ। ଏହା 'ରାବଣ ପଥ', 'କଂସ ପଥ', 'ଦୁର୍ଯ୍ୟୋଧନ ପଥ'ର ପକ୍ଷ ସମର୍ଥନ ନୁହେଁ। ବରଂ ଏହା ଧାର୍ମିକ ଶକ୍ତିର ଚିନ୍ତନ, ଯେଉଁଠାରେ ଶକ୍ତିର ଲକ୍ଷ୍ୟ ହେଉଛି ସୁରକ୍ଷା, ସ୍ଥିରତା, ନ୍ୟାୟ ଓ ଲୋକକଲ୍ୟାଣ।

କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ମଧ୍ୟ ଏହି ଦୃଷ୍ଟିକୋଣ ସ୍ପଷ୍ଟ। ସୁରକ୍ଷା, ସମ୍ପଦ, ପ୍ରଶାସନ, ସୀମାରକ୍ଷା, ଗୁପ୍ତସୂଚନା, ସମାଜିକ ସ୍ଥିରତା - ଏସବୁକୁ ସେ ରାଷ୍ଟ୍ରଜୀବନର ଆବଶ୍ୟକ ଭିତ୍ତି ଭାବେ ସେ ଦେଖିଥିଲେ। କାରଣ ଦୁର୍ବଳ ରାଷ୍ଟ୍ରରେ ସାଧାରଣ ଲୋକଙ୍କ ଜୀବନ ମଧ୍ୟ ଅସୁରକ୍ଷିତ ହୋଇପଡ଼େ। ଆଜିର ବିଶ୍ୱରେ ଏହି ପ୍ରଶ୍ନ ଅତ୍ୟନ୍ତ ପ୍ରାସଙ୍ଗିକ। ସୁରକ୍ଷା କେବଳ ସୀମାରେ ସେନା ରଖିବାର ନାମ ନୁହେଁ। ଏହାର ଅର୍ଥ ହେଉଛି ସାର୍ବଭୌମତ୍ୱର ସୁରକ୍ଷା, ସାମାଜିକ ଏକତା, ଆର୍ଥିକ ସ୍ଥିରତା, ଖାଦ୍ୟ ଓ ଜଳ ସୁରକ୍ଷା, ସୂଚନା ଓ ସାଇବର ସୁରକ୍ଷା ଏବଂ ଏକ ଆତ୍ମବିଶ୍ୱାସୀ ସମାଜର ଗଠନ।

ଏଠାରେ ଆଉ ଏକ ପ୍ରଶ୍ନ ଉଠେ - ରାଷ୍ଟ୍ରର ସୁରକ୍ଷା କ'ଣ କେବଳ ସରକାର, ସେନା ବା ପୁଲିସର ଦାୟିତ୍ୱ? ନା ପ୍ରତ୍ୟେକ ନାଗରିକଙ୍କ ମଧ୍ୟରେ ଏକ ନାଗରିକ ଧର୍ମ ରହିଛି? ଧାର୍ମିକ ଦୃଷ୍ଟିରୁ ଦେଖିଲେ, ନାଗରିକତ୍ୱ କେବଳ ଅଧିକାର ନୁହେଁ; ଏହା ଏକ କର୍ତ୍ତବ୍ୟ। ନିଜକୁ ସକ୍ଷମ କରିବା, ପରିବାରକୁ ସୁଦୃଢ଼ କରିବା, ସମାଜରେ ସହଯୋଗ ଓ ସେବାଭାବ ବଢ଼ାଇବା, ଦେଶର ସମସ୍ୟା ଓ ଆହ୍ୱାନକୁ ବୁଝିବା, ମାନସିକ ଓ ଶାରୀରିକ ଭାବେ ସୁଦୃଢ଼ ହେବା - ଏସବୁ ମଧ୍ୟ ନାଗରିକ ଜୀବନର ଅଂଶ ହୋଇପାରେ। ଏହାର ଅର୍ଥ ଏମିତି ନୁହେଁ ଯେ ଆମେ ଭୟ, ଘୃଣା ବା ଅନ୍ଧ ଜାତୀୟତାର ରାଜନୀତିକୁ ସମର୍ଥନ କରିବା। ଭାରତୀୟ ସଭ୍ୟତାର ଶକ୍ତି ହେଉଛି ତାହାର କରୁଣା, ବିବିଧତା, ସହଅସ୍ତିତ୍ୱ ଓ ଧର୍ମବୋଧ। କିନ୍ତୁ କରୁଣାର ଅର୍ଥ ଦୁର୍ବଳତା ନୁହେଁ; ଶକ୍ତିର ଅର୍ଥ ନିଷ୍ଠୁରତା ନୁହେଁ। ଧାର୍ମିକ ପଥ ଏହି ଦୁଇର ମଧ୍ୟରେ ସନ୍ତୁଳନ ଖୋଜେ।

ଆଜି ଭାରତ ସମ୍ମୁଖୀନ ଅନେକ ପ୍ରଶ୍ନରେ ଯଥା - ସୀମା ସୁରକ୍ଷା, ସାମାଜିକ ସମନ୍ୱୟ, ସୂଚନା ଯୁଦ୍ଧ, ସାଂସ୍କୃତିକ ଆତ୍ମବିଶ୍ୱାସ, ଯୁବପିଢ଼ିର ପ୍ରସ୍ତୁତି, ଉପନିବେଶିକ ମାନସିକତାରୁ ମୁକ୍ତ ଆଦି। ଏହି ପ୍ରଶ୍ନଗୁଡ଼ିକୁ ଆମେ କେବଳ ରାଜନୀତିକ ସ୍ଲୋଗାନ ଭାବେ ନୁହେଁ, ବରଂ ନାଗରିକ ଧର୍ମର ପ୍ରଶ୍ନ ଭାବେ ଦେଖିପାରିବା କି? ଶେଷରେ ପ୍ରଶ୍ନଟି ସରଳ: ଆମେ କ'ଣ କେବଳ ସୁବିଧାଭୋଗୀ ନାଗରିକ ହୋଇ ରହିବାକୁ ଚାହୁଁଛୁ ନା ସଚେତନ, ସକ୍ଷମ, କରୁଣାଶୀଳ ଓ ଦାୟିତ୍ୱବାନ ନାଗରିକ ଭାବେ ଏକ ସୁଦୃଢ଼ ରାଷ୍ଟ୍ର ଗଢ଼ିବାର ସହଭାଗୀ ହେବାକୁ ଚାହୁଁଛୁ? ଦେଶର ସୁରକ୍ଷା, ନାଗରିକତ୍ୱ ରକ୍ଷା ସମ୍ଭବତଃ ଏହି ପ୍ରଶ୍ନର ଏକ ଚିନ୍ତନମୂଳକ ଆରମ୍ଭ।

ବ୍ରହ୍ମପୁର(କେନ୍ଦ୍ରାପଡ଼ା
ମୋ: ୯୯୩୭୨୨୭୯୯୪

## ବିନ୍ଦୁର ସିନ୍ଧୁ ଦର୍ଶନ

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଜଗନ୍ନାଥ ବେହେରା



ଅନନ୍ତକୋଟି ବ୍ରହ୍ମାଣ୍ଡର ଠାକୁର। ନାହିଁ ଆଦି ନାହିଁ ଅନ୍ତ। ଶୂନ୍ୟରେ ସେ, ଜଡ଼ରେ ସେ। ଆକାଶରେ ପାତାଳରେ ସେ। ସେ ଜଗତର ନାଥ ଜଗନ୍ନାଥ। ପତିତ ଉଦ୍ଧାର ପାଇଁ ପତିତପାବନ। ରାଜାଧିରାଜ କାଳିଆ ସାଆନ୍ତ। ମହାବାହୁ ବଳିଆର ଭୁଜ। ଯିଏ ବାଇଶି ପାହାଚ ପରେ ପରେ ଶାଳଗ୍ରାମ ସିଂହାସନରେ ବିଜେ। ସବୁଠୁ ବଡ଼ଦେଉଳରେ ତାଙ୍କର ନିବାସ। ବିଶ୍ୱବିଖ୍ୟାତ ନୀଳାଚଳ ଧାମ। ବିଶାଳ ବଡ଼ଦାଣ୍ଡ। ମର୍ତ୍ତ୍ୟର ସ୍ୱର୍ଗଭୂମି। ପାଦ ପଡ଼ିଲେ ପ୍ରାଣ ହୁଏ ପବିତ୍ର। ବିଶ୍ୱର ବଡ଼ ଯାତରା - ଘୋଷଯାତରା। ଆସ୍ତିକ ନାସ୍ତିକଙ୍କ ମିଶ୍ରଣ ପର୍ବ। ଧନୀନିର୍ଧନ ସଭିଏଁ ସମାନ। ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନରେ ମୋକ୍ଷ ପ୍ରାପ୍ତି। ପାପ ଉପରେ ପୁଣ୍ୟର ବିଜୟ ରଥ। ବିରାଟ ରନ୍ଧାଶାଳ। ଅଭଡ଼ା ନିର୍ମାଲ୍ୟ ପାଟିରେ ପଡ଼ିଲେ ଜୀବନଚକ୍ରରୁ ମୁକ୍ତ। ଉଚ୍ଚ ମୁକ୍ତିମଣ୍ଡପ। ମୋକ୍ଷ ଓ ମୁକ୍ତିର ସିଡ଼ି। ଜଗତଜିତାର ପ୍ରତୀକ। କି ସୁନ୍ଦର ଗୋଲ ଗୋଲ ଆଖି। ଆଖି ନୁହଁ ସେ ସୂର୍ଯ୍ୟ ଓ ଚନ୍ଦ୍ର। ପ୍ରଚଣ୍ଡ ଉତ୍ତାପ ଆଉ ଶାନ୍ତି ଶୀତଳର ପ୍ରତୀକ। ନାଲି ନାଲି ଓଠ। ମୁରୁକି ମୁରୁକି ହସ। ପାହୁଣ୍ଡେ ପାହୁଣ୍ଡେ ଚାଲି। ଭାବିଚିନ୍ତି ଗତି କରିବାର ନିୟମ। ଖଣ୍ଡିଆ ଖଣ୍ଡିଆ ହାତ। କେହି କିଛି ଆଣି ନାହାନ୍ତି କି କେହି କିଛି ନେବେନାହିଁ। ମୁଠାଏ ମାଟି ବି ତୁମର ନାହିଁ। ଆଜି ମାଟି ଉପରେ କାଲି ମାଟି ତଳେ। ଆଜି ଗର୍ବ ଅହଙ୍କାର କାଲି ନିରବ। ସେ ସରଧା ବାଲି ମୁଁ ଟିପେ ଧୂଳି। ଉଡ଼ି ଗଡ଼ି ପଡ଼ି କେବେ କେଉଁଠି। ସ୍ଥିତି ନାହିଁ କି ମୋର ସ୍ଥାନ ନାହିଁ। ସିନ୍ଧୁଙ୍କ ଇଚ୍ଛାରେ କେବେ କାହା ପାଦରେ କେବେ ମଥାରେ।

ସେ ହିଁ ସକଳ ସୃଷ୍ଟିର ଆଧାର। ତାଙ୍କ ଆଜ୍ଞା, ଆଦେଶ, ଉପଦେଶ ଓ ନିର୍ଦ୍ଦେଶରେ ଆକାଶରେ ମାଳ ମାଳ ମେଘ। ସାଗର ସାଗର ଜଳ। ବ୍ରହ୍ମାଣ୍ଡରେ ଆତଯାତ ଯେତେ ଯେତେ ଗ୍ରହ। କୋଟି କୋଟି ନକ୍ଷତ୍ର, ବୃକ୍ଷଲତା, ଜୀବଜନ୍ତୁ। ସେ ହିଁ ଜନ୍ମର କାରଣ। ମୃତ୍ୟୁର ଦାରୁଣ। ସେ ଚାହିଁଲେ ବର୍ଷା ନ ଚାହିଁଲେ ମରୁଡ଼ି। ସେ ଚାହିଁଲେ ଶୀତ, ଖରା, ବସନ୍ତ। ଏଠି ଦୁବ ମଧ୍ୟ କରେ ଦାରୁ ଦର୍ଶନ।

ସେ ପୁଣ୍ୟ ମୁଁ ପାପୀ। ସେ ସତ୍ୟ ମୁଁ ମିଥ୍ୟା। ସେ ପବିତ୍ର ମୁଁ ଅପବିତ୍ର। ସେ କୋଟିଏରେ ଗୋଟିଏ। ମୁଁ ଅଜଣା ଅଶୁଣା ମାନବ ଟିଏ। ସେ ଆଲୋକ ମୁଁ ଅନ୍ଧାର। ସେ ବିଶାଳ ଆକାଶ। ମୁଁ ତୃଷାତୁର ଚାତକ। ସେ ସ୍ୱର୍ଗ ମୁଁ ନର୍କ। ତାଙ୍କର ନଡ଼ା ବାଉଁଶ। ମୁଁ ଆଣି କରିଛି ଘର। ତାଙ୍କର ଇଟା ପଥର। ମୁଁ କେବଳ ବୋହି ଆଣି ଜମା କରିଛି। ତାଙ୍କର ଧାନ, ଚାଉଳ, ମାଣ୍ଡିଆ। ବଞ୍ଚିବା ପାଇଁ ପେଟକୁ ମୁଁ ଖାଉଛି। ପବନ ତାଙ୍କର। ଟିକିଏ ପ୍ରଶ୍ୱାସ ପାଇଁ ମାଗିଛି। ସବୁ ତାଙ୍କର ମୋର କିଛି ନାହିଁ। ଫୁଲ ତାଙ୍କର, ପତ୍ର, ଫଳ ଓ ମୂଳ ମଧ୍ୟ ତାଙ୍କର। ମୁଁ ଏକ ନିର୍ମୁଳି ଲତା। ଚେର ନାହିଁ କି ଶାଖା ନାହିଁ। ପରଜୀବୀଟିଏ। ସେ ଆଶ୍ରୟ ଦାତା ମୁଁ ଆଶ୍ରିତ।

ସେ ନିରାକାର, ଆକାର ମଧ୍ୟ। ସେ ଶୂନ୍ୟବାଦୀଙ୍କ ନିମନ୍ତେ ନିରାକାର। ପ୍ରକୃତି ଉପାସକ ନିମନ୍ତେ ଦାରୁ। ମୂର୍ତ୍ତି ପୂଜକ ନିମନ୍ତେ ଚତୁର୍ଦ୍ଧା ମୂର୍ତ୍ତି। ଜୈନ ଓ ବୌଦ୍ଧିଷ୍ଟି ପାଇଁ ମହାବୀର, ବୁଦ୍ଧ। କାଠରେ, ପଥରରେ, ମାଟି, ପାଣି, ପବନରେ ସର୍ବତ୍ର ସେ ହିଁ ସେ। ସେ ସର୍ବବିଦ୍ୟମାନ ଏବଂ ସର୍ବଶକ୍ତିମାନ। ଏକ ବ୍ରହ୍ମ ଦ୍ୱିତୀ ନାସ୍ତି। ନାଦରେ ସେ ନାଦ ବ୍ରହ୍ମ। ରାମ ପାଇଁ ଯେତିକି ରାମିଆଁ ପାଇଁ ସେତିକି। ତପି ପାଇଁ ଯାହା ପାପୀ ପାଇଁ ତାହା। ବାଳୁତ ପାଇଁ ଯେମିତି ବୃଦ୍ଧ ପାଇଁ ସେମିତି। ଯେଉଁ ରୂପରେ ଚାହିଁବ, ଯେଉଁ ସ୍ଥାନରେ ଡାକିବ ସେ ଦର୍ଶନ ଦେବେ। ବର୍ଷା ରୂପରେ ମୃଗଣୀକୁ। ନୃସିଂହ ରୂପରେ ପ୍ରହଲ୍ଲାଦଙ୍କୁ। ଯୁଦ୍ଧ ଭୂମିରେ ଅର୍ଜୁନଙ୍କୁ। ସେ ହିଁ ଅବତାର ଓ ଅବତାରୀ। ନିଜକୁ ବିନ୍ଦୁ କରି ଦିଅ। ସିନ୍ଧୁଦର୍ଶନ କରିବ। ସେ ହିଁ ଜଣେ। ସେ ସକଳ ସୃଷ୍ଟିର ଆଧାର - 'ଶ୍ରୀ ଜଗନ୍ନାଥ'।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଣସର ପିଣ୍ଡିରେ...

ଦୁର୍ଲଭ ହାତୀବେଶ ଧାରଣ କରିଛନ୍ତି ଶ୍ରୀଜୀଉ । ସ୍ନାନବେଦୀରେ ଦାରୁବିଗ୍ରହଙ୍କ ଗଜାନନ ବା ହାତୀବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଭକ୍ତ । ମହାପ୍ରଭୁଙ୍କ ଏହି ବିଶ୍ୱପ୍ରସିଦ୍ଧ ଏବଂ ଦୁର୍ଲଭ ହାତୀବେଶ ଦର୍ଶନ ଲାଗି ସକାଳୁ ସକାଳୁ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର । ବଡ଼ଦାଣ୍ଡରେ ଲାଗିଥିଲା ଗହଳିଚହଳି । ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଭକ୍ତଙ୍କ ଗହଳିରେ ଉଚ୍ଛୁଳି ପଡ଼ିଥିଲା ସିଂହଦ୍ୱାର ଓ ବଡ଼ଦାଣ୍ଡ । ପହଣ୍ଡି ଆରମ୍ଭରୁ ମାତ୍ର ୧୫ ମିନିଟ୍ ବିଳମ୍ବ ହୋଇଥିବା ବେଳେ ମଙ୍ଗଳ ଆଳତି ବେଳକୁ ପୁଣି ସଠିକ ହୋଇଥିଲା ନୀତିକାନ୍ତି । ତେବେ ସୁରୁଖୁରୁରେ ଶେଷ ହୋଇଛି ରଥଯାତ୍ରାର ଏହି ଆଦ୍ୟ ପର୍ବ ।

ଆରମ୍ଭରୁ ଅଧଘଣ୍ଟା ନୀତି ବିଳମ୍ବ ହୋଇଥିଲା । ଭୋର୍ ୪ଟା ୩୦ରେ ମଙ୍ଗଳାର୍ପଣ ସମୟ ରହିଥିବାବେଳେ ୫ଟା ୫ରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ ଡୋରଲାଗି, ପୁଷ୍ପାଞ୍ଜଳି ହୋଇ ସାରିଥିଲା ଏହି ନୀତି ବେଳେ କାହାଣୀ । ଭୋର ୫ଟା ୧୫ରେ ଆରମ୍ଭ ହୋଇଥିଲା ସ୍ନାନ ପହଣ୍ଡି । ଧାଡ଼ି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ବିଜେ କରିଥିଲେ । ସକାଳ ୭ଟା ସୁଦ୍ଧା ପହଣ୍ଡି ଶେଷ ହେବାକୁ ନୀତି ନିର୍ଘଣ୍ଟ ହୋଇଥିବା ବେଳେ ମାତ୍ର ୨୫ ମିନିଟ୍ ବିଳମ୍ବ ଅର୍ଥାତ୍ ୭ଟା ୨୫ରେ ପହଣ୍ଡି ସରିଥିଲା । ୭ଟା ୩୫ରେ ରୁନ୍ଧା ବଢ଼ିବା ପରେ ମଦନମୋହନ ସକାଳ ୭ଟା ୪୦ରେ ବିଜେ କରିଥିଲେ । ମଦନମୋହନଙ୍କୁ ମହାଜନ ସେବକ ସ୍ନାନମଣ୍ଡପକୁ ବିଜେ କରାଇଥିଲେ । ସକାଳ ୯ଟାରେ ମଙ୍ଗଳ ଆଳତି ଲାଗି ନୀତିକାନ୍ତି ସ୍ଥିର ହୋଇଥିବା ବେଳେ ୫୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୮ଟା ୧୦ରେ ସ୍ନାନବେଦୀରେ ହୋଇଥିଲା ମଙ୍ଗଳ ଆଳତି । ମଇଲମ, ତଡ଼ପଲାଗି, ଅଧରପୋଛା ନୀତି ସରି ପୂର୍ବାହ୍ଣ ୧୦ଟା ୫୦ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ ରୋଷହୋମ ବଢ଼ି ନିର୍ଘଣ୍ଟ ସମୟରେ ୧୧ଟା ୨୫ରେ ଠାକୁରଙ୍କ ବେଶ ସରିଥିଲା ।

ପୂର୍ବରୁ ସୁନା ଗୋସାଇଁ ସୁନା କୂଅରୁ ୧୦୮ ଗଡୁ ଜଳ ଆଣି ଜଳ ଗୃହରେ ରଖିଥିଲେ । ସେଥିରେ ଚନ୍ଦନ, କର୍ପୂର, ଅଗୁରୁ, ସୁଗନ୍ଧିତ ପୁଷ୍ପ ପକାଯାଇ ଅଧିବାସ କରାଯାଇଥିଲା । ପୂର୍ବାହ୍ଣ ୧୧ଟା ୧୫ରେ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଲାଗି ଅଧିବାସ ଜଳ ସ୍ନାନବେଦୀକୁ ବିଜେ କରାଇଥିଲେ । ୧୦୮ ଗଡୁ ଜଳ ସ୍ନାନ ମଣ୍ଡପରେ ବିଜେ କରିବା ପରେ ଜଳଲାଗି ପୂଜା ବଢ଼ିଥିଲା । ଏହାପରେ ପ୍ରତୀକ୍ଷାର ଅନ୍ତ ଘଟି ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ସ୍ନାନ । ପୂଜାପଣ୍ଡା ସାମନ୍ତ ରୂପା ପିଙ୍ଗଣରେ ପୂଜା ହୋଇଥିବା ସୁବାଷିତ ଜଳରେ ଠାକୁରଙ୍କୁ ସ୍ନାନ କରାଇଥିଲେ । ପ୍ରତ୍ୟହ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହ ସ୍ନାନବେଦୀରେ କରିଥିଲେ ପ୍ରତ୍ୟକ୍ଷ ସ୍ନାନ । ଶ୍ରୀବଳଭଦ୍ର ୩୩ ଗଡୁ, ଦେବୀ ସୁଭଦ୍ରା ୨୨ ଗଡୁ, ଶ୍ରୀଜଗନ୍ନାଥ ୩୫ ଗଡୁ ଏବଂ ଶ୍ରୀସୁଦର୍ଶନ ୧୮ ଗଡୁ ଜଳରେ ସ୍ନାନ କରିଥିଲେ । ନୂଆ ଲୁଗା ଲାଗି ବେଶ ପରେ ଗଜପତିଙ୍କ ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ନୀତି ନିମନ୍ତେ ସ୍ନାନମଣ୍ଡପକୁ ବିଜେ କରିଥିଲେ । ଅପରାହ୍ଣ ସାଢ଼େ ୩ଟା ସୁଦ୍ଧା ଛେରାପହଁରା ସରିବାକୁ ସ୍ଥିର ହୋଇଥିବାବେଳେ ଏହା ନିର୍ଘଣ୍ଟ ସମୟ ଅର୍ଥାତ୍ ୩ଟା ୩୫ରେ ସରିଥିଲା । ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରିଥିଲେ । ଏହାପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ହାତୀବେଶ (ଗଜାନନ ବେଶ)ରେ ସଜ୍ଜିତ କରିଥିଲେ । ଅପରାହ୍ଣ ୪ଟାରେ ହାତୀବେଶ ଲାଗି ନୀତି ନିର୍ଘଣ୍ଟ ହୋଇଥିବା ବେଳେ ଠିକ୍ ୪ଟାରେ ବେଶ ଆରମ୍ଭ ହୋଇଥିଲା । ପ୍ରାୟ ୪୦ ମିନିଟ୍ ଧରି ଏହି ବେଶ ଚାଲି ୪ଟା ୪୦ରେ ସମ୍ପୂର୍ଣ୍ଣ ହୋଇଥିଲା ।

### ଓଡ଼ିଶା ଭଣ୍ଡାରରେ...

ଜଳଭଣ୍ଡାରରେ ୬୬.୧୧ ବିଏମସି ଜଳ ଗଚ୍ଛିତ ରହିଥିଲା । ଉତ୍ତର ଭାରତରେ ୧୧ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୧୯.୮ ବିଏମସି (ବିଲିଅନ୍ କ୍ୟୁବିକ୍ ମିଟର) ଥିବା ବେଳେ ଅଛି ମାତ୍ର ୬.୬ ବିଏମ୍ସି । ଉତ୍ତର ଭାରତରେ ୨୭ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୨୧.୭ ବିଏମ୍ସି ଥିବା ବେଳେ ୪.୩ ବିଏମ୍ସି ଜଳ ଗଚ୍ଛିତ ରହିଛି । ପଶ୍ଚିମ ଭାରତରେ ସର୍ବାଧିକ ୫୩ଟି ଜଳଭଣ୍ଡାର ରହିଛି । ଏହାର ଜଳଧାରଣ କ୍ଷମତା ୩୮.୦୯ ବିଏମ୍ସି ଥିବା ବେଳେ ଅଛି ୧୦.୮୬ ବିଏମ୍ସି । କେନ୍ଦ୍ରାଞ୍ଚଳରେ ୨୮ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୪୮.୫୮ ବିଏମ୍ସି ଥିବା ବେଳେ ଜଳ ରହିଛି ୧୫.୬୭ ବିଏମ୍ସି । ସେହିଭଳି ଦକ୍ଷିଣ ଭାରତରେ ୪୭ଟି ଜଳଭଣ୍ଡାରରେ ୫୫.୨୮ ମଧ୍ୟରୁ ପାଣି ରହିଛି ମାତ୍ର ୧୧.୪୭ ବିଏମ୍ସି । କ୍ଷତିଗ୍ରସ୍ତ ରାଜ୍ୟ ମଧ୍ୟରେ ଓଡ଼ିଶା ସମେତ ୬ଟି ରାଜ୍ୟରେ ପରିସ୍ଥିତି ଭୀଷଣ ଖରାପ । ଏହି ରାଜ୍ୟମାନଙ୍କରେ ଜଳସ୍ତର ଚିନ୍ତାଜନକ ଭାବେ ହ୍ରାସ ପାଇଛି ବୋଲି ଜାତୀୟ ଜଳ କମିସନ ପକ୍ଷରୁ କୁହାଯାଇଛି । ଏହି ସୂତ୍ର ଅନୁଯାୟୀ ସବୁଠାରୁ ଖରାପ ସ୍ଥିତିରେ ରହିଛି ପଶ୍ଚିମ ବଙ୍ଗ । ଏଠାରେ ଜଳଭଣ୍ଡାର ଜଳସ୍ତର ୧୩.୮୧ ପ୍ରତିଶତକୁ ଖସିଯାଇଛି । ଏହା ଉପରକୁ ରହିଛି ତେଲେଙ୍ଗାନା (୧୩.୯୨%) ଏବଂ କର୍ଣ୍ଣାଟକ (୧୪.୭୧%) । ଓଡ଼ିଶା ଜଳଭଣ୍ଡାର ମାନଙ୍କରେ ଗଚ୍ଛିତ ପରିମାଣ ୧୫.୨୮ ପ୍ରତିଶତକୁ ଖସିଯାଇଛି । ଉତ୍ତରାଖଣ୍ଡରେ ୧୫.୬୨ ଏବଂ ମହାରାଷ୍ଟ୍ରରେ ୨୧.୮୬ ପ୍ରତିଶତକୁ ଖସି ଆସିଛି ଜଳଭଣ୍ଡାର ସ୍ତର । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ ଜୁନ ୨୫ ତାରିଖ୍ ପର୍ଯ୍ୟନ୍ତ ଦେଶରେ ୪୨ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି । ଏଥିରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି କେନ୍ଦ୍ରାଞ୍ଚଳ । ଦେଶର ୭୬ ଭାଗ ଅଞ୍ଚଳ ପ୍ରାୟ ଶୁଖିଲା ପଡ଼ିଛି । ତେବେ ଚଳିତ ସପ୍ତାହ ଶେଷ ଆଡ଼କୁ ପରିସ୍ଥିତିରେ ସୁଧାର ଆସିପାରେ ବୋଲି ଅନୁମାନ କରାଯାଉଛି । ୨୦୦୯ ରେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ସେହିବର୍ଷ ଜୁନ ମାସରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା । ସମଗ୍ର ବର୍ଷରେ ସ୍ୱାଭାବିକ ଠାରୁ ୨୨ ପ୍ରତିଶତ କମ୍ ବର୍ଷା ହୋଇଥିଲା ।

### ମୌସୁମୀର ବଦମିଜାଜ୍...

ବାକି ଥିବା ରାଜ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଆବୃତ୍ତ କରିବ । ବର୍ତ୍ତମାନ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିୟାଣା ଏବଂ ଦିଲ୍ଲୀରେ ମୌସୁମୀ-ପୂର୍ବ ବର୍ଷା ଜାରି ରହିଛି । ପାଣିପାଗ ବିଭାଗ ଆଜି ଆସାମ, ମେଘାଳୟ, ସିକିମ୍ ଏବଂ ପଶ୍ଚିମବଙ୍ଗର ତଳିଆ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା ଜାରି କରିଛି । ଇତିମଧ୍ୟରେ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା, ଦିଲ୍ଲୀ, ବିହାର, ଗୁଜରାଟ ସମେତ ୭ଟି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆଗାମୀ ଦୁଇ ଦିନରେ ଛତିଶଗଡ଼, ତେଲେଙ୍ଗାନା, ଓଡ଼ିଶା, କେରଳ, ଗୋଆ, ତାମିଲନାଡୁ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ।

### ଅଯୋଧ୍ୟା ଛାଡ଼ିବାକୁ...

ହୋଇଛି । ଆନୁଷ୍ଠାନିକ ଭାବେ ପୁଲିସ୍ ନିକଟରେ ଅଭିଯୋଗ ହେବା ଏବଂ ସ୍ୱତନ୍ତ୍ର ପଦାଧିକାରୀ ଦଳ (ଏସ୍ଆଇଟି) ତଦନ୍ତ ଆରମ୍ଭ କରିବା ପୂର୍ବରୁ ହିଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅଭିଯୁକ୍ତଙ୍କଠାରୁ ୫୮ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଥିବା ଜଣାପଡ଼ିଛି । ବାକି ଅର୍ଥ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଫେରସ୍ତ କରାଯାଇଛି । ଆଇନଗତ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏଭଳି ଗୋପନୀୟ ଅର୍ଥ ଆଦାୟକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂତ୍ର ଅନୁଯାୟୀ, ଗତ ଜୁନ୍ ୪ ତାରିଖରେ ଟ୍ରଷ୍ଟ ପାଖରେ ପାଣ୍ଠି ଚୋରି ସମ୍ପର୍କିତ ସୂଚନା ପହଞ୍ଚିଥିଲା । ଏହା ପରଦିନ ଅର୍ଥାତ୍ ଜୁନ୍ ୫ ତାରିଖରେ, ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ନିର୍ଦ୍ଦେଶରେ କିଛି ସଦସ୍ୟ ପୁଲିସ୍ କର୍ମଚାରୀଙ୍କ ସହ ମିଶି ମୁଖ୍ୟ ଅଭିଯୁକ୍ତ ଅବିନାଶ ଶୁକ୍ଳାଙ୍କ ବାସଭବନରେ ପହଞ୍ଚିଥିଲେ । ସେଠାରୁ ପ୍ରାୟ ୫୮ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଥିଲା । ଏହା ପରେ ଜୁନ୍ ୫ରୁ ୮ ତାରିଖ ମଧ୍ୟରେ ବାକି ଟଙ୍କା ଅଭିଯୁକ୍ତମାନେ ବ୍ୟାଙ୍କ ଜମା ଜରିଆରେ ଟ୍ରଷ୍ଟକୁ ଫେରସ୍ତ କରିଥିଲେ । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଜନସାଧାରଣଙ୍କ ସାମ୍ନାକୁ ଆସିବା ପୂର୍ବରୁ ହିଁ ଶେଷ ହୋଇଯାଇଥିଲା । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ସିସିଟିଭି ଚିତ୍ରରେ ଅଭିଯୁକ୍ତ ଜଣକ କଳା ବ୍ୟାଗ୍ ଧରି ପୁଲିସ୍ ସହ ଯାଉଥିବା ଦେଖିବାକୁ ମିଳିଛି ।

ଗତ ଜୁନ୍ ୭ ତାରିଖରେ ଏହି ଚୋରି ଖବର ସାମ୍ନାକୁ ଆସିବା ପରେ ଉତ୍ତର ପ୍ରଦେଶ ସରକାର ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିଥିଲେ । ଏହି ଅନୁସନ୍ଧାନ ଆଧାରରେ ବର୍ତ୍ତମାନ ସୁଦ୍ଧା ଅବିନାଶ ଶୁକ୍ଳାଙ୍କ ସମେତ ଆଠ ଜଣଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଛି । ଅନ୍ୟପଟେ, ଏହି ବିବାଦ ଉଗ୍ର ରୂପ ନେବା ପରେ ମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଅନ୍ୟତମ ସଦସ୍ୟ ଅନିଲ ମିଶ୍ର ନୈତିକତା ଦୃଷ୍ଟିରୁ ନିଜ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ସ୍ୱତନ୍ତ୍ର ତଦନ୍ତ ଦଳ ନିଜ ରିପୋର୍ଟରେ ଦର୍ଶାଇଛି ଯେ, ମନ୍ଦିରର ଦାନ ପରିଚାଳନା, କର୍ମଚାରୀ ଚୟନ ଏବଂ ସିସିଟିଭି ନଜର ରଖିବା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ରହିଥିଲା । ବାହ୍ୟ ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀମାନେ ଏହି ହେରଫେର୍‌ରେ ସାମିଲ ଥିଲେ । ଏହି ଘଟଣାକୁ ନେଇ ଏବେ ରାଜନୀତି ଜୋର୍ ଧରିଛି । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ସରକାରଙ୍କ ସୁରକ୍ଷା ଓ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିବା ବେଳେ, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହି ମାମଲାରେ ସ୍ୱଚ୍ଛ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଆଇନଗତ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଟ୍ରଷ୍ଟ କେଉଁ ଆଧାରରେ ଏବଂ କିଭଳି ଭାବେ ଅର୍ଥ ଉଦ୍ଧାର କଲା, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ପାଲଟିଛି ।

### ସରକାରରେ ଗଣିତ...

ଏହି ମନ୍ତବ୍ୟ ପରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ । ବିଳମ୍ବରେ ହେଲେ ମଧ୍ୟ ତ୍ରୁଟିଶୂନ୍ୟ ବହି ମିଳିବ ବୋଲି ପିଲା ଓ ଅଭିଭାବକ ଆଶା କରିଥିଲେ । ମାତ୍ର ଆଜି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଗଣମାଧ୍ୟମରେ ବିପରୀତ କଥା କହିଛନ୍ତି । ସେ କହିଛନ୍ତି ଯେ ବିଦ୍ୟାଳୟକୁ ସଂଶୋଧିତ ପୁସ୍ତକ ପ୍ରଦାନ କରାଯିବ । ଶିକ୍ଷକମାନେ ତାକୁ ଦେଖି ପିଲାଙ୍କୁ ପାଠ ପଢ଼ାଇବେ । ଅର୍ଥାତ୍ ନୂତନ ପୁସ୍ତକ ସମସ୍ତ ପିଲାଙ୍କୁ ନୁହେଁ, ବରଂ କେବଳ ଶିକ୍ଷକଙ୍କୁ ପ୍ରଦାନ କରାଯିବ ବୋଲି ଏକ ପ୍ରକାର ପରୋକ୍ଷ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ତ୍ରୁଟିପୂର୍ଣ୍ଣ ପୁସ୍ତକ ଫେପସ୍ତ କରାଯିବ ବୋଲି କହୁଥିବାବେଳେ ଶିକ୍ଷାମନ୍ତ୍ରୀଙ୍କ ଏଭଳି ପ୍ରତିକ୍ରିୟା ପୁଣିଥରେ ବିବାଦ ବଢ଼ାଇଛି । ଯୁଦ୍ଧକାଳୀନ ଭିତ୍ତିରେ ତ୍ରୁଟିଶୂନ୍ୟ ପୁସ୍ତକ ଛାପି ପିଲାଙ୍କୁ ଯୋଗାଇବାକୁ ଦାବି ବଢ଼ୁଥିବାବେଳେ ସରକାର ତୁରନ୍ତ ଏନେଇ ସ୍ପଷ୍ଟୋକ୍ତି ଦିଅନ୍ତୁ ବୋଲି ସାଧାରଣରେ ଦାବି ହୋଇଛି ।

### ୯ ନାମକୁ ନେଇ...

ରାମାନନ୍ଦ ସାଗରଙ୍କ ରାମାୟଣରେ ରାମ ଚରିତ୍ରରେ ଅଭିନୟ କରିଥିବା ମେରଠ ସାଂସଦ ଅରୁଣ ଗୋଭିଲଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ପଞ୍ଜାବର ବରିଷ୍ଠ ବିଜେପି ନେତା ଓ ନବନିର୍ବାଚିତ ରାଜ୍ୟସଭା ସାଂସଦ ତରୁଣ ଚୁଘଙ୍କ ନାମ ମଧ୍ୟ ଆଲୋଚନା ପରିଧିରେ ରହିଛି । ଆଗକୁ ପଞ୍ଜାବରେ ବିଧାନସଭା ନିର୍ବାଚନ ଥିବାରୁ ତାଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି କୁହାଯାଉଛି । ଦୀର୍ଘ ଦିନ ଧରି ଦଳର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ତରୁଣଙ୍କୁ ପଞ୍ଜାବରେ ଦଳୀୟ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିପାରେ । ପୁନଶ୍ଚ ମହାରାଷ୍ଟ୍ରର କଲ୍ୟାଣ ଲୋକସଭା ସାଂସଦ ଶ୍ରୀକାନ୍ତ ଶିନ୍ଦେଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି । ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପୁଅ ଶ୍ରୀକାନ୍ତ ଶିବସେନାର ସାଂଗଠନିକ ରଣନୀତିରେ ସକ୍ରିୟ ଭୂମିକା ନେଇଥିବାରୁ ତାଙ୍କୁ କେନ୍ଦ୍ରରେ ସୁଯୋଗ ମିଳିପାରେ । ଅନୁରୂପ ଭାବରେ ମହାରାଷ୍ଟ୍ରର ଅନ୍ୟ ଜଣେ ସାଂସଦ ସଞ୍ଜୟ ଦୀନା ପାଟିଲଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି । ଏନସିପିରୁ ରାଜନୀତି ଆରମ୍ଭ କରି ପରେ ଶିବସେନା (ଶିନ୍ଦେ ଗୋଷ୍ଠୀ)ରେ ଯୋଗ ଦେଇଥିବା ପାଟିଲଙ୍କୁ ମହାଯୁତି ମେଣ୍ଟକୁ ଅଧିକ ସୁଦୃଢ଼ କରିବା ପାଇଁ ମନ୍ତ୍ରୀ ପଦ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି । ଏହାବ୍ୟତୀତ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ପ୍ରହ୍ଲାଦ ଯୋଶୀଙ୍କ ବିଭାଗ ପରିବର୍ତ୍ତନ କରାଯାଇପାରେ । ଉଭୟଙ୍କୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିପାରେ ବୋଲି କୁହାଯାଉଛି ।

### ଲୁହାଛଡ଼ରେ ପିଟପିଟି...

ସୂଚନା ଅନୁସାରେ, ସୋରଡ଼ାର ହିମାଂଶୁଙ୍କ ସମ୍ପର୍କୀୟ ଭିଣୋଇଙ୍କ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କର କୋଳଥିଆ ଛକରେ ଏକ ଜମି ରହିଛି । ସେହି ଜମିରେ ରହିଥିବା ୩/୪ ବଖରା ଆଜବେଷ୍ଟସ ଘରେ ହିମାଂଶୁ ପ୍ରାୟ ୨୧ ବର୍ଷ ହେବ ସେଠାରେ ରହୁଛନ୍ତି । ହିମାଂଶୁ ପୂଜକ ଭାବେ ପରିବାର ପୋଷଣ କରୁଥିବା ବେଳେ ପୁଅ କୃଷ୍ଣଚନ୍ଦ୍ର ଯୁକ୍ତ ୩ ବିଜ୍ଞାନର ଛାତ୍ର ଥିଲେ । ସେହିପରି ଝିଅ ତାପସୀ ବେସରକାରୀ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ବେଳେ କୋଳଥିଆ ସ୍ଥିତ ଘରକୁ ଆସନ୍ତି । ଗତକାଲି ରାତି ପ୍ରାୟ ୨ଟା ସମୟରେ ୨/୩ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ପାଚେରି ଡେଇଁ ବାଡ଼ି ଭିତରକୁ ପଶିଥିଲେ । ସମସ୍ତେ ଶୋଇ ପଡ଼ିଥିବା ବେଳେ ଦୁର୍ବୃତ୍ତ ମାନେ ଲଗାତାର କବାଟ ବାଡ଼େଇ ଥିଲେ ।

କୃଷ୍ଣ କବାଟ ଖୋଲି ବାହାରକୁ ଆସିବା କ୍ଷଣି ଦୁର୍ବୃତ୍ତ ମାନେ ଲୁହା ଛଡ଼ ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । କୃଷ୍ଣ କାକୁତି ମିନତି କରିଥିଲେ ମଧ୍ୟ ଦୁର୍ବୃତ୍ତ ମାନେ ଲଗାତାର ଆକ୍ରମଣ କରି ଚାଲିଥିଲେ । ପୁଅର ଚିତ୍କାର ଶୁଣି ହିମାଂଶୁ ଘର ବାହାରକୁ ଆସିଥିଲେ । ମୁଖା ପିନ୍ଧା ଦୁର୍ବୃତ୍ତ ମାନେ ପୁଅକୁ ନିର୍ମମ ଭାବେ ଆକ୍ରମଣ କରୁଥିବା ବେଳେ ହିମାଂଶୁ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ । ହେଲେ ଦୁର୍ବୃତ୍ତ ମାନେ ହିମାଂଶୁଙ୍କୁ ମଧ୍ୟ ଛାଡ଼ି ନଥିଲେ । ଲୁହା ଛଡ଼ରେ ହିମାଂଶୁଙ୍କୁ ମୁଣ୍ଡକୁ ଲଗାତାର ପିଟିଥିଲେ । ବାପା ଓ ଭାଇଙ୍କୁ ଅମାନୁଷିକ ଭାବେ ଆକ୍ରମଣ ହେଉଥିବା ଦେଖି ତାପସୀ ନେହୁରା ହୋଇଥିଲେ । କିନ୍ତୁ ଦୁର୍ବୃତ୍ତ ମାନେ ତାପସୀଙ୍କ ଗୁହାରି ଶୁଣିବା ବଦଳରେ ତାଙ୍କୁ ଆକ୍ରମଣ କରିଥିଲେ । ପ୍ରାୟ ଅଧଘଣ୍ଟା ଧରି ଆତଙ୍କ ଖେଳାଇବା ପରେ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ । ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ହିମାଂଶୁ, କୃଷ୍ଣ ଓ ତାପସୀଙ୍କୁ ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ହେଲେ ସକାଳୁ କୃଷ୍ଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ । ସୋମବାର ସକାଳୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି । କ୍ରାଇମ୍ ସ୍ପଟରୁ ଆକ୍ରମଣରେ ବ୍ୟବହୃତ ଲୁହା ଛଡ଼, ରକ୍ତ ଓ ବିଭିନ୍ନ ନମୁନା ସଂଗ୍ରହ କରିଥିଲା । ତଦନ୍ତରେ ସହଯୋଗ ପାଇଁ ଘଟଣାସ୍ଥଳକୁ ଡଗ୍ ସ୍କ୍ୱାର୍ଡ ମଧ୍ୟ ଅଣାଯାଇଥିଲା ।

ସେପଟେ ଘଟଣାସ୍ଥଳଟି ପ୍ରାଇମ୍ ଲୋକେସନରେ ଥାଇ ମଧ୍ୟ ସେପରି କୌଣସି ନିର୍ମାଣ ହୋଇନଥିବାରୁ ବିବାଦ ଓ ପଜେସନକୁ ନେଇ ଏପରି ଘଟିଯାଇପାରେ ବୋଲି ପୁଲିସ ସନ୍ଦେହ କରୁଛି । କିନ୍ତୁ ୨୦ ବର୍ଷୀୟ ଯୁବକଙ୍କୁ ହତ୍ୟା କରାଯାଇଥିବାରୁ ପ୍ରେମ ବ୍ୟାପାରକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ । ଏହାସହିତ କିଛିଦିନ ତଳେ ହିମାଂଶୁ ଘର କରିବାକୁ ଗାଁକୁ ଯାଇଥିଲେ । ହେଲେ ସେଠାରେ ମଧ୍ୟ ଜମିବାଡ଼ି ବିବାଦ ଉପୁଜିବାରୁ ଘର ନିର୍ମାଣ କାମ ହୋଇପାରିନଥିଲା । ଏସବୁ ତଥ୍ୟ ପୁଲିସ ହାତରେ ଲାଗିବା ପରେ ଜମିବାଡ଼ି ନା ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ ଘଟିଛି ତା'କୁ ନେଇ ପୁଲିସ ଦ୍ୱନ୍ଦରେ ପଡ଼ିଛି ।" ସେପଟେ କୃଷ୍ଣଙ୍କର କଲ୍ ଡିଟେଲ ରେକର୍ଡ (ସିଡିଆର୍) ମଗାଇ ଯାଞ୍ଚ କରିଛି ପୁଲିସ । କୃଷ୍ଣଙ୍କ ସହ ପ୍ରାୟ ସମୟ କଥା ହେଉଥିବା ଜଣେ ଯୁବତୀଙ୍କୁ ଥାନାକୁ ଡ଼କାଇ ପୁଲିସ ପଚରାଉଚରା କରିଛି । ତାଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଏହାସହ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାସ୍ଥଳରୁ ଖଣ୍ଡଗିରି ଛକ ଓ ଡୁମୁଡୁମା ଆଡ଼କୁ ଯାଇଥିବା ରାସ୍ତାରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ସେହିପରି ଘଟଣାସ୍ଥଳରୁ ଫେରାର ହେବାକୁ ସମ୍ଭାବ୍ୟ ରାସ୍ତା ଗୁଡ଼ିକର ମଧ୍ୟ ସିସିଟିଭି ଯାଞ୍ଚ କରାଯାଇଥିଲା । ସବୁ ଆଡ଼ୁ ମିଳିଥିବା ତଥ୍ୟ ଆଧାରରେ ତଥ୍ୟ ଆଧାରରେ ସବୁ ଯାକ ଦିଗକୁ ନେଇ ପୁଲିସ ତଦନ୍ତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି । ସେମାନଙ୍କୁ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା ଚଳାଇଛି । କେଉଁଥିପାଇଁ ଏଭଳି କାଣ୍ଡ ଭିଆଇଲେ, ତା'ର କାରଣ ଜାଣିବାକୁ ଜେରା କରୁଛି ।

### ପୁଲିସ ମାଡ଼ରେ...

ସମୟରେ ଥାନାକୁ ଆଣିଥିଲା । ଥାନା ପକ୍ଷରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ରାତି ପ୍ରାୟ ୮ଟାରେ ପରିବାର ଲୋକ ପହଞ୍ଚିଥିଲେ । ଥାନାରେ ତୋଫାନଙ୍କ ପିତାମାତା ଗ୍ରାମବାସୀଙ୍କ ବିରୋଧରେ କୌଣସି ଅଭିଯୋଗ କରିବାକୁ ମନା କରିଥିଲେ । ଏହାପରେ ସେମାନେ ତାଙ୍କୁ ପ୍ରାୟ ସାଢ଼େ ୮ଟା ସମୟରେ ଘରକୁ ନେଇ ଯାଇଥିଲେ । ଆଜି ସକାଳୁ ତୋଫାନ ହଠାତ ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ ବାଣପୁର ସିଏଚସିକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ପୂର୍ବାହ୍ଣ ୧୦ଟା ୨୫ ମିନିଟ୍ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ଏବଂ ତଦନ୍ତ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି ।


**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

ନଂ. W/623/5/1/NIT — **ଇ-ଟେଣ୍ଡର ବିଜ୍ଞପ୍ତି** — ତାରିଖ: ୨୬.୦୬.୨୦୨୬

**ବିଭିନ୍ନ ପ୍ରକାରର ଇଞ୍ଜିନିୟରିଂ କାର୍ଯ୍ୟ**

ରତଲାମ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ (WA) www.ireps.gov.in ୱେବସାଇଟ୍ ମାଧ୍ୟମରେ 'ଓପେନ୍ ଇ-ଟେଣ୍ଡର' ଆହ୍ୱାନ କରୁଛନ୍ତି । ବିବରଣୀ ନିମ୍ନପ୍ରକାର:- କ୍ରମିକ ସଂଖ୍ୟା-୧ : ଇ-ଟେଣ୍ଡର ନଂ. RTM-2026-27-8R । କାର୍ଯ୍ୟର ନାମ : ଜୋନ୍ ନଂ. 4A ରତଲାମ ରେଳବାଇ କଲୋନୀ କ୍ୱାର୍ଟର୍ସ (ବି.ଜି. ଲାଇନର ପୂର୍ବ ପାର୍ଶ୍ୱ ବ୍ୟତୀତ), ଅଫିସର ବଙ୍ଗଳା/କ୍ୱାର୍ଟର୍ସ, ସର୍ଭିସ୍ ବିଲ୍ଡିଂ ଓ ରେଳବାଇ ହସ୍ପିଟାଲ୍ । ଏହି ଜୋନ୍‌ରେ SSE/W-1/RTM ଅଧୀନରେ ସାନିଟାରି ଓ ଆଭ୍ୟନ୍ତରୀଣ ପ୍ଲମ୍ବିଂ କାର୍ଯ୍ୟ ଅନ୍ତର୍ଭୁକ୍ତ । ଆନୁମାନିକ ମୂଲ୍ୟ : ଟ.1,92,09,339.99 । ଜମାନତ ରାଶି : ଟ.3,84,200.00 । କ୍ରମିକ ସଂଖ୍ୟା-୨ : ଇ-ଟେଣ୍ଡର ନଂ. RTM-2026-27-10R । କାର୍ଯ୍ୟର ନାମ : ଜୋନ୍ ନଂ. 4-C ରତଲାମରେ ସର୍ଭିସ୍ ବିଲ୍ଡିଂ, ଷ୍ଟାଫ୍ କ୍ୱାର୍ଟର୍ସ ଓ କୁରେଲ ଡ୍ୟାମରେ ହ୍ୱାଇଟ୍ ୱାଶ୍, କଲର୍ ୱାଶ୍ ଇତ୍ୟାଦି କାର୍ଯ୍ୟ, SSE/Works-1 ଓ 2 (East), ରତଲାମ ଅଧୀନରେ । ଆନୁମାନିକ ମୂଲ୍ୟ : ଟ.2,05,41,175.06 । ଜମାନତ ରାଶି : ଟ.4,10,800.00 । କ୍ରମିକ ସଂଖ୍ୟା-୩ : ଇ-ଟେଣ୍ଡର ନଂ. RTM-2026-27-12R । କାର୍ଯ୍ୟର ନାମ : ଜୋନ୍ ନଂ. 5, ରତଲାମ - ବି.ଜି. ଲାଇନର ପୂର୍ବ ପାର୍ଶ୍ୱ, ଅର୍ଥାତ୍ ଲୋକୋ, ଜାଓରା ରୋଡ୍, ଘାଟଲା କଲୋନୀ, ଆର୍.ଇ. ବିଲ୍ଡିଂ, କୋଟା ବିଲ୍ଡିଂ, ଅନ୍ୟାନ୍ୟ ସର୍ଭିସ୍ ବିଲ୍ଡିଂ ଏବଂ ଡିଜେଲ୍ ଶେଡ୍ । ଏହି ଜୋନ୍‌ରେ SSE/W/2/Ratlam ଅଧୀନରେ ସାନିଟାରି ଓ ଆଭ୍ୟନ୍ତରୀଣ ପ୍ଲମ୍ବିଂ କାର୍ଯ୍ୟ ଅନ୍ତର୍ଭୁକ୍ତ । ଆନୁମାନିକ ମୂଲ୍ୟ : ଟ.1,23,03,530.81 । ଜମାନତ ରାଶି : ଟ.2,46,100.00 । କ୍ରମିକ ସଂଖ୍ୟା-୪ : ଇ-ଟେଣ୍ଡର ନଂ. RTM-2026-27-13R । କାର୍ଯ୍ୟର ନାମ : ଜୋନ୍ ନଂ. 22 ଅଧୀନରେ ରତଲାମ ଅଞ୍ଚଳର ସମସ୍ତ ମୁଖ୍ୟ ଜଳ ଯୋଗାଣ ସମ୍ପତ୍ତି, କୁରେଲ, ଭୈରୋଗଡ଼, ବାହାର ଭବନଗୁଡ଼ିକର ମୁଖ୍ୟ ପାଇପ୍ ଲାଇନ୍ ଏବଂ ସମଗ୍ର ରତଲାମ ଅଞ୍ଚଳର ବୋରୱେଲ୍‌ଗୁଡ଼ିକ, SSE/W-2/Ratlam ଅଧୀନରେ । ଆନୁମାନିକ ମୂଲ୍ୟ: ଟ.87,93,521.73 । ଜମାନତ ରାଶି : ଟ.1,75,900.00 । ସମସ୍ତ ଟେଣ୍ଡର ପାଇଁ ଆନୁମାନିକ ପରିମାଣ : ଟେଣ୍ଡର ସୂଚୀ ଅନୁଯାୟୀ । ସମସ୍ତ ଟେଣ୍ଡର ପାଇଁ କାର୍ଯ୍ୟ ସମାପ୍ତି ଅବଧି : 12 ମାସ । ସମସ୍ତ ଟେଣ୍ଡର ୱେବସାଇଟରେ ଅପଲୋଡ୍ ତାରିଖ : ୨୬.୦୬.୨୦୨୬ । ସମସ୍ତ ଟେଣ୍ଡର ଖୋଲିବା ତାରିଖ : ୨୦.୦୭.୨୦୨୬ । ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ ଅଛି ।

Apex/116

Like us on: facebook.com/WesternRly

**PUBLIC NOTICE**

It is declared that the property/ies, Mutation Khata No.1057/2559, Plot No.622, Extent of A0.322dec., Mutation Khata No.1057/2154, Plot No.710/4280, Extent of A0.007dec., Plot no.622/2468/4281, Extent of A0.002dec. total A0.009dec., Mutation Khata No.1057/1256, Plot No.710/3435, Extent of A0.079dec., Plot No.622/2468/3436, Extent of A0.007dec. total A0.086dec., Mutation Khata No.1057/1257, Plot No.710, Extent of A0.064dec., Plot No.622/2468, Extent of A0.111dec. total A0.175dec., MOUZA/VILLAGE: Bhubaneswar Sahara Unit no.32, Govinda Prasad, P.S.: New-Capital, P.S. No. 46, TAHASIL: Bhubaneswar, TAHASIL No.244, DIST: Khurda, in respect of Project named and styled as "KHUSHI ALTAIR" belongs to the developer M/s. KHUSHI REALCON PVT. LTD. a Company, having its office at Plot No.S-2/A, Mancheswar Industrial Estate, Bhubaneswar, Odisha represented by its Director Sri Pradeep Thacker, PAN: AAECK8235G, CIN. U45201OR2012PTC015524, Attorney Holder of Mr. Aditya Patra, Mrs. Sanjeeta Pattnaik & Mr. Surendra Nath Pattnaik, G.P.A. vide No. 11081914031 dt.17.12.2019, No.11081914033 dt.17.12.2019 & No.11081914032 dt. 17.12.2019 already availing the Inventory Funding Loan and has been Equitably mortgaged with DCB Bank Ltd., Chandrasekharpur Branch, Bhubaneswar, Dist. Khurda. The said developer further availing another Inventory Funding Loan from the same Bank. 9 unsold units alongwith the project land (as mentioned above) is getting mortgaged for the said loan. The above properties are already with the bank and charge has been created. Any person/s having objection may contact Sri Parthendu Ray, Advocate, Mob: 9776328828 within 15 days.

**NOTICE (above 18 years of age)**

By virtue of an affidavit sworn before Notary Public, Udala, Mayurbhanj , dated 14-05-2026 I, Umakanta Sahu, Address At-Dhanghera, Po- Dhanghera, Ps - Udala, Dist- Mayurbhanj, PIN-757087, Odisha declare that I have changed my name from Sipusahu to Umakanta Sahu. Henceforth, I shall be known as Umakanta Sahu for all purposes.

(Umakanta Sahu)

**AFFIDAVIT**

By virtue of an affidavit CF No.108, sworn before the Executive Magistrate, Bhubaneswar, dated: 23.06.2026, I, **Badani Dehuri,** resident of At/PO: Nimabahali, P.S: Balimi, Dist: Dhenkanal, Odisha, PIN-759121, declare that I have changed the name of my son from Pravat Kumar Murmu to Pravat Kumar Sahoo. Henceforth, he shall be known as **Pravat Kumar Sahoo** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar C.F. No. 08, dated 17/06/2026, I **SAROJINI SAHOO** W/o Gangadhar Sahoo resident of Village At- Kendupalli, Dist- Cuttack, Odisha, Pin- 754009 declare that I have changed my name from **SINI SAHOO** (Old Name) to **SAROJINI SAHOO** (New Name). I further declare that **SINI SAHOO** and **SAROJINI SAHOO** refer to one and the same person, that is myself. Henceforth, I shall be known as **SAROJINI SAHOO** for all future purposes.

Sd- **SAROJINI SAHOO**

**AFFIDAVIT**

I, Sandip Guha Roy, aged about 59 years, S/o- Late Ashok Guha Roy, resident of Assotech World, Flat No: B1-1308, Avenue 01, Plot No.274, NH-16, Rudrapur, Bhubaneswar, Balianta, Khorda, Pin-752101, Odisha declared by this affidavit CF No. 80, dtd- 29.06.2026 that now onwards I shall be known as **SANDEEP GUHA ROY** for all future purposes.

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

13001/11013/2627

ପତ୍ର ସଂଖ୍ୟା ୧୩୭୦୪/ ଭୁ.ଉ.କ., ଭୁବନେଶ୍ୱର — **ସୂଚନା** — ତା. ୨୩.୦୬.୨୦୨୬ରିଖ

MA-B-33/78

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ ହାଉସିଂ ସ୍କିମ୍, ବରଗଡ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MA-41 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୭୧୨ ତା-୧୫.୦୪.୨୦୨୬ ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ଆବଣ୍ଟନଗ୍ରାହୀ ଅମୂଲ୍ୟ କୁମାର ପଣ୍ଡାଙ୍କ ନାମରୁ (୧) ସଞ୍ଜୁ ପଣ୍ଡା (ସ୍ତ୍ରୀ), (୨) ସ୍ୱଚ୍ଛ ସଲିଳ ପଣ୍ଡା (ପୁତ୍ର), (୩) ଅପରାଜିତା ପଣ୍ଡା (ବିବାହିତା କନ୍ୟା), (୪) ସଞ୍ଜୁ ସମୀର ପଣ୍ଡା (ପୁତ୍ର) ଓ (୫) ଶାନ୍ତ ସାଗର ପଣ୍ଡା (ପୁତ୍ର)ଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଚମ୍ପାବତୀ ସେନାପତି, ସ୍ୱାମୀ -ସ୍ୱର୍ଗତ ଅପର୍ତ୍ତି ଚରଣ ସେନାପତି, ବାସସ୍ଥାନ-ପ୍ଲଟ୍ ନଂ-୨୫୧୯/୩୧୧୦/୪୯୯୭ ଶତ୍ରୁଶତି ନଗର, ପୋଷ୍ଟ -ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା-ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃ ପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନ ର ୧୫ ( ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/26-27/0078

**Government of Odisha " e " Procurement Notice**

25001/575/2627

**Bid Identification No. : Online-AGL-10 of 2026-2027**

1. Name of the Work : Road Works
2. Estimated Cost. : Rs. 5.08 to 46.61 Lakhs
3. Period of Completion : 2(Two) Calendar Months
4. Date & time of availability of : From 02.07.2026. to 15.07.2026 upto 5.00 PM
5. Last Date/time for receipt of bids In the portal : 15.07.2026 upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**

Executive Engineer
R.W. Division, Angul.

OIPR-25001/25096/1/26-27/0007

25001/570/2627 — E-Mail: rw_rourkela@yahoo.co.in

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
TENDER CALL NOTICE
BID IDENTIFICATION NO. ONLINE EERKL-16 of 2026-27

1. Name of the Work: Building Works
2. Total No. of Works: 02 (Two) Nos.
3. Estimated Cost: Rs. 62.60 Lakhs
4. Class of Contractor: "B" Class
5. Period of Completion: 09 (Nine) Months
6. Type of Tender: Double Cover
7. Other details:

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender (Technical) |
|---|---|---|---|---|---|
| | | From: | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Sundargarh | Online EERKL-16 of 2026-27 | 30.06.2026, 10:00 AM | 07.07.2026, 05:00 PM | 06.07.2026 up to 05:00 PM | 08.07.2026 at 11:00 AM |

Further details can be seen from the website **www.tendersorissa.gov.in**. For more information, please visit the office.

Executive Engineer
RW Division-II, Sundargarh

OIPR-25001/25193/1/26-27/0025

25001/579/2627 — rwdivision_jaraka@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, JAJPUR
'E' PROCUREMENT NOTICE NO.RWD-II/JJPR-06/2026-27

1. Name of work : Special Repair to Road works in the District of Jajpur for the year 2026-27
2. Total No of Work : 01 no. of works.
3. Estimated Cost(Approx.) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

Other details as follows:
a) Procurement officer : Superintending Engineer Rural Works Division-II, Jajpur at Jaraka
b) Availability of tender online & submission of bid : 03.07.2026 at 11.00 AM to 13.07.2026 upto 5.00 PM
c) Last date & time of seeking of tender clarification : 10.07.2026 upto 4.00 PM
d) Opening of Tender : 14.07.2026 at 11.00 AM

Further details can be seen from the Govt. website www.tendersodisha.gov.in

Superintending Engineer
Rural Works Division-II
Jajpur at Jaraka

OIPR-25001/25080/1/26-27/0006

13001/11018/2627

**OFFICE OF THE MUNICIPAL COUNCIL: KHORDHA**
H & UD Department, Govt. of Odisha
Khordha – 752055
E-mail: khurda_municipality@yahoo.co.in
Phone No.: 06755-220674
**"e" Procurement Notice**

No.: 2012 — Date: 23/06/2026

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Tender Reference No. : KMPLTY/02/2026-27
2. Name of the Work : Civil Construction works as mentioned in DTCN
3. No. of Works : 32 Nos.
4. Estimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : From 29.06.2026 at 11:00 AM
8. Last Date & Time for Receipt of Bids in the Portal : 10.07.2026 up to 05:30 PM
9. Bids Received Online Shall be Opened On : 13.07.2026 from 11:00 AM
10. Name and Address of the Officer Inviting Bid : O/o Executive Officer, Khordha Municipality

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.

Executive Officer
Khordha Municipality

OIPR-13001/13082/1/26-27/0004

GOVERNMENT OF ODISHA — 25001/571/2627
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
Letter No.: 4574, Date: 25.06.2026
**1st Corrigendum to Bid Identification No. Online – EERKL-13/2026-27**

Due to some unavoidable circumstances in respect of the tender for **Building Works** invited in **Tender Call Notice Bid Identification No. Online – EERKL-13/2026-27** by the Executive Engineer, Rural Works Division-II, Sundargarh, the schedule for online bidding and opening of the tender, which was earlier fixed from **25.06.2026 to 06.07.2026**, has been revised as follows:

| Availability of Tender Online for bidding | | Last Date & Time for Seeking Tender Clarification | Date & Time of Opening of Tender (Technical Bid) |
|---|---|---|---|
| From | To | | Online-EERKL-13/2026-27 |
| 02.07.2026 at 11:00 A.M. | 09.07.2026 up to 5:00 P.M. | 08.07.2026 up to 5:00 P.M. | 10.07.2026 at 11:00 A.M. |

Executive Engineer
R.W. Division-II, Sundargarh

OIPR-25001/25193/1/26-27/0026

GOVERNMENT OF ODISHA — 34001/411/2627
OFFICE OF THE SUPERINTENDING ENGINEER
PHULBANI (R&B) DIVISION, PHULBANI
AT/PO./PS- PHULBANI, PIN-762001
E-MAIL: - eeplbrb@gmail.com, Tel-06842-2532102
INVITATION FOR BID (IFB)/ NOTICE INVITING TENDER (NIT)
e-Procurement Tender Call Notice
**Bid Identification No.: - SE-R&B-PLB-03/2026-27, DATE: - 25.06.2026**

Letter No. 4030 — Date. 25.06.2026

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"D", "C" & "B"** Class **Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Name/Type of Work | : | "Building Works" |
| 2. | No. of Tender | : | 05 (Five) Nos. |
| 3. | Estimated Cost put to Tender. (T.S Amount) | : | Rs.5.86 Lakhs to Rs.36.04 Lakhs |
| 4. | E.M.D. | : | Rs.5,900/- to Rs. 36,100/- |
| 5. | Period of completion | : | 02 (Two) & 05 (Five) Calendar Months. |
| 6. | Class of Contractor or Eligibility of the bidders | : | "D", "C" & "B" Class |
| 7. | Tender Cost or Cost of participation in on line Bid | : | Rs. 4000/- to Rs. 6000/- (Non-refundable) for Bid Documents. |
| 8. | Availability of Bid document for on line bidding | : | From 01.07.2026 at 10:00 AM to 15.07.2026 up to 05:00 PM |
| 9. | Clarification regarding bidding online | : | From 01.07.2026 at 10:00 AM to 14.07.2026 up to 05:00 PM |
| 10. | Date, Time and Place of opening of the Technical & Financial Bid document | : | On 17.07.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamal |

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

Superintending Engineer
Phulbani (R&B) Division, Phulbani

OIPR-34001/34066/1/26-27/0004

# ଭତ୍ତା ଓ ରାସନ କାର୍ଡ ପ୍ରଦାନ ଦାବିରେ ବିକ୍ଷୋଭ




ବ୍ରହ୍ମପୁର,୨୯।୬(ସମିସ): ବୃଦ୍ଧ, ବିଧବା ଓ ଅସହାୟ ଭତ୍ତା ଅର୍ଥକୁ ୩ହଜାର କର, ପ୍ରତିମାସରେ ଭତ୍ତା ଦିଅ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାଡର୍ ତୁରନ୍ତ ପ୍ରଦାନ, ସହରର ରାସ୍ତାଘାଟ ଓ ଡ୍ରେନ ନିର୍ମାଣ ଏବଂ ପାର୍କ ଗୁଡ଼ିକର ମରାମତି ଦାବିରେ ସିପିଆଇଏମ ପକ୍ଷରୁ ବିଏମସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ଉଦବୋଧନ ଦେଇ ରାଜ୍ୟର ଡବଲ ଇଂଜିନ ସରକାରର ୨ବର୍ଷରେ ଉତ୍ତମ ଶାସନ ଦେବାରେ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ। ସର୍ବନିମ୍ନ ଅସହାୟ ଭତ୍ତା ଦେଇନପାରିବା ଏହାର ନଗ୍ନ ଉଦାହରଣ ବୋଲି ସେ କହିଥିଲେ। ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷାର ପ୍ରତୀକ ରାସନ କାଡର୍ ଯୋଗାଣ କ୍ଷେତ୍ରରେ ମଧ ସମାନ ଅବସ୍ଥା। ସ୍ୱଚ୍ଛଳଙ୍କ ନାମରେ ଥିବା ରାସନ କାଡର୍ ଗୁଡିକୁ ବାଜ୍ୟାପ୍ତ କରିବା, ନୂଆ କାଡର୍ ନଦେବା ଓ ନୂଆ ନାମ ସଂଯୋଗ ନ କରିବା ଭଳି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦଳ ଦାବି କରିଛି। ସେହିଭଳି ମହାନଗର ନିଗମର ଅବହେଳା ଯୋଗୁଁ ବ୍ରହ୍ମପୁର ସହରରେ ରାସ୍ତାଘାଟ, ଡ୍ରେନ ଓ ପାର୍କଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡିଛି। ସରକାରୀ ଜମିରେ ବସବାସ କରୁଥିବା ଗରୀବ ଲୋକଙ୍କୁ ମାଗଣାରେ ଜମି ପଟ୍ଟା ଏବଂ ଆବାସ ଯୋଜନାରେ ଘର ଯୋଗାଣ କ୍ଷେତ୍ରରେ ଥିବା ସମସ୍ୟାକୁ ଯଥାଶୀଘ୍ର ଦୂର କରି ଗରୀବ ଲୋକଙ୍କ ଧନଜୀବନ ସୁରକ୍ଷା ଦିଗରେ ସରକାର ଓ ବିଏମସି କର୍ତ୍ତୃପକ୍ଷ କାର୍ଯ୍ୟ କରିବା ପାଇଁ ଦଳ ପକ୍ଷରୁ ଦାବୀ କରାଯାଇଛି। ଦଳ ପକ୍ଷରୁ ୬ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଅତିରିକ୍ତ କମିଶନରଙ୍କୁ ପ୍ରଦାନ କରି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଧର ଜେନା, ବାବୁଲା ନାୟକ, କେଶବ ଗୌଡ଼, କୃଷ୍ଣ ନାୟକ, ହରି ନାହାକ, ରାଜା ରାଓ, ଚିଟ୍ଟି ବାବୁ, ଗୋକୁଳ ତ୍ରିପାଠୀ, ଲକ୍ଷ୍ମୀ ରେଡି, ମଧୁ ବେହେରା, କାଳି ମିଶ୍ର, ନୀଳମାଧବ ରଥ, ଗୋପାଳ ପାଣିଗ୍ରାହୀ, ଲୋକନାଥ ଖୁଣ୍ଟିଆ, ବିଷ୍ଣୁପ୍ରିୟା ସାହୁ ଓ ବାପିନି ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବେଲଗୁଣ୍ଠାରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା



ବେଲଗୁଣ୍ଠା,୨୯।୬(ସମିସ): ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ବେଲଗୁଣ୍ଠା ସହର ସମେତ ଏହି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ରୀତିନୀତି ମୁତାବକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଲଗୁଣ୍ଠାର ପେଣ୍ଠ ସାହି, ବାଲିଡି ସାହିର ଜଗନ୍ନାଥ ମନ୍ଦିର, ପାଇଲିପଡ଼ା, ଜୟନ୍ତିଗଡ ଏବଂ ମାଧବରିଡାର ଜଗନ୍ନାଥ ମନ୍ଦିର ଏବଂ ଗୋବରା ଗ୍ରାମର ଦଧିବାମନ ଜୀଉ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ନିର୍ଦ୍ଧାରିତ ନୀତିନିର୍ଘଣ୍ଟରେ ସମାପନ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କ ହାତୀ ବେଶ ଦେଖିବା ପାଇଁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଆଜି ବେଲଗୁଣ୍ଠାରେ ଭୋର୍ ୫ ଟାରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ପରେ ମହାପ୍ରଭୁ ଦଧି ବାମନ, ମଦନ ମୋହନ ଏବଂ ମାଧବଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ଏହାପରେ ୧୦୮ ସୁବାସିତ ଜଳରେ ମହାପ୍ରଭୁଙ୍କ ସ୍ନାନ ଅନୁଷ୍ଠିତ ହୋଇଥିଲା। ଏହାପରେ ଅପରାହ୍ଣ ୪ ଘଣ୍ଟା ସମୟରେ ଶ୍ରୀ ଜିଉ ଅଣସର ପିଣ୍ଡିକୁ ବିଜେ କରିଥିଲେ। ଏହି ଅବସରରେ ପାରମ୍ପରିକ ବାଦ୍ୟ ବାଜଣା, ଘଣ୍ଟ ବାଦ୍ୟ, ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପୂଜକ ଶ୍ୟାମ ସୁନ୍ଦର ପଣ୍ଡା, ରାଧା ମୋହନ ଦାସ, ଅନୀଲ କୁମାର ପାତ୍ର, ବଳରାମ ପଣ୍ଡା, ପୁରୋହିତ ଦୁର୍ଗା ପ୍ରସାଦ ପତି, ଶୁଭକାନ୍ତ ପତି, ବଜେନ୍ଦ୍ର ନାଥ ପତି, ଗୌରୀଶଙ୍କର ପତି, ହାଡିବନ୍ଧୁ ପତି, ଦଇତାପତି ଅର୍ଜ୍ଜୁନ ପଣ୍ଡା, ବୁବୁନୁ ପଣ୍ଡା, ଗୌରାଙ୍ଗ ସାହୁ, ମହେଶ୍ୱର ପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜମି ଭାଗବଣ୍ଟାକୁ ନେଇ ସାନ ଭାଇକୁ ବଡ଼ ଭାଇର ଆକ୍ରମଣ

ବେଲଗୁଣ୍ଠା,୨୯।୬(ସମିସ): ଜମି ଭାଗବଣ୍ଟାକୁ ନେଇ ବଡ଼ଭାଇର ଆକ୍ରମଣରେ ସାନ ଭାଇ ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି। ସୂଚନା ପ୍ରକାରେ ଆଜି ବାବୁଲା ମେକାପ(୫୦) ନାମକ ଜଣେ ବ୍ୟକ୍ତି ନିଜ ଜମିର ଡିମାର୍କେସନ୍ ବିଷୟରେ ବୁଝାସୁଝା କରିବା ପାଇଁ ବେଲଗୁଣ୍ଠା ତହସିଲ୍ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟରେ ବାବୁଲାଙ୍କ ବଡ଼ ଭାଇ ସୁରେଶ ମେକାପ (୫୫) ବେଲଗୁଣ୍ଠା ତହସିଲ୍ କାର୍ଯ୍ୟାଳୟରେ ପହଞ୍ଚି ବାବୁଲାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ସୁରେଶଙ୍କ ସହିତ ତାଙ୍କ ପୁଅ ରାଜ୍ କିଶୋର ମେକାପ (୨୫) ମଧ୍ୟ ଏକ କାଠ ଫାଳିଆରେ ବାବୁଲାଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଏହି ଆକ୍ରମଣ ସମୟରେ ଭିଡିଓ ରେକର୍ଡିଂ କରିବାରୁ ଉଭୟ ବାପା ପୁଅ ବାବୁଲାଙ୍କୁ ଛାଡ଼ି ଦେଇ ପଳାଇଥିଲେ। ବାବୁଲା ଆହତ ହୋଇଥିବା ଖବର ପାଇ ବାବୁଲାଙ୍କ ସ୍ତ୍ରୀ ଏବଂ ପୁଅ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ବାବୁଲାଙ୍କୁ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ବାବୁଲାଙ୍କ ଡାହାଣ ହାତ ଏବଂ ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ବେଲଗୁଣ୍ଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ପଠାଇ ଦେଇଥିବା ଜଣାପଡିଛି।



## ବ୍ରହ୍ମାକୁମାରୀ ପ୍ରଭୁ ଉପହାର ରିଟ୍ରିଟ୍ କେନ୍ଦ୍ରରେ ଆଧ୍ୟାତ୍ମିକ ସମାରୋହ



ବ୍ରହ୍ମପୁର,୨୯।୬(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ରାମଚନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ କେନ୍ଦ୍ରରେ ଆଜି ମାଉଣ୍ଟ ଆବୁସ୍ଥ ଅନ୍ତଃରାଷ୍ଟ୍ରୀୟ ପ୍ରେରକ ବକ୍ତା ତଥା ମନ ଏବଂ ସ୍ମୃତି ପ୍ରଶିକ୍ଷକ ଡା. ବ୍ରହ୍ମାକୁମାର ଭ୍ରାତା ଶକ୍ତିରାଜଙ୍କ ବ୍ରହ୍ମପୁର ଗସ୍ତ ଉପଲକ୍ଷେ 'ସେଲିବ୍ରେଟିଂ ଲାଇଫ୍' ଅର୍ଥାତ୍ ''ଜୀବନକୁ ଆନନ୍ଦମୟ କରିବା' ସମ୍ପର୍କରେ ଏକ ଆଧ୍ୟାତ୍ମିକ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସମାରୋହକୁ ଟାଟା ଗ୍ରୁପର ସୁରକ୍ଷା ବିଭାଗୀୟ ମୁଖ୍ୟ ଅଶୋକ ରାୟ, ସ୍ୱସ୍ତି ସୋଲାରର ବିଭାଗୀୟ ମୁଖ୍ୟ ସନ୍ତୋଷ ସିଂ, ଲୋହିୟା ବ୍ରଦର୍ସ ଏବଂ ତନିଷ୍କର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ଲୋହିୟା, ଦୈନିକ ଇଂରାଜୀ ଖବରକାଗଜ ଡେକାନ କ୍ରୋନିକଲର କପି ମ୍ୟାନେଜର ରମେଶ ପଟ୍ଟନାୟକ, ଅବସରପ୍ରାପ୍ତ ସ୍ତ୍ରୀ ଏବଂ ପ୍ରସୂତିରୋଗ ବିଶେଷଜ୍ଞ ଡା. ଭାରତୀ ମିଶ୍ର ଏବଂ ବ୍ରହ୍ମପୁର ସବଜୋନ୍ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମାଳାଙ୍କ ଗହଣରେ ବ୍ରହ୍ମାକୁମାର ଡା. ଶକ୍ତିରାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଯେକୌଣସି ପରିସ୍ଥିତିରେ ମଧ୍ୟ ଜୀବନରେ ହତାଶା, ନିରାଶା, ଗ୍ଲାନିଭାବ, ଦୁଃଖ, ଚିନ୍ତା, ଈର୍ଷା। ଓ ଦ୍ୱେଷ ଆଦି ଭାବନାରୁ ମୁକ୍ତ ରହିବା। ଶକ୍ତିରାଜ ବର୍ତ୍ତମାନ ସମାଜରେ ଜଟିଳ, କଠିନ ଏବଂ ନକାରାତ୍ମକ ସମସ୍ୟାରେ ପୀଡିତ ସାଧାରଣ ମନୁଷ୍ୟଙ୍କ ପାଇଁ ସୁଗମ ଜୀବନଚର୍ଯ୍ୟାର ସହଜ ଉପାୟ ଅଭ୍ୟାସ କରାଇଥିଲେ ତଥା ଜୀବନକୁ ଉତ୍ସବ ମୁଖର କରିବା ଓ ବ୍ୟର୍ଥ ଚିନ୍ତନରୁ ମୁକ୍ତ ସୁଖୀ ଜୀବନଯାପନର ମାର୍ଗଦର୍ଶନ କରାଇଥିଲେ। ପ୍ରତ୍ୟେକ ମୁହୂର୍ତ୍ତରେ ସୁଖୀ, ଶାନ୍ତି, ଆନନ୍ଦମୟ ଏବଂ ସନ୍ତୁଷ୍ଟ ଜୀବନଯାପନ ସକାଶେ ପରମାତ୍ମାଙ୍କ ସହ ଯୋଗାଭ୍ୟାସ ଦ୍ୱାରା ଉପଯୁକ୍ତ ସୁଯୋଗ ତିଆରି କରିବା ଆମ ସମସ୍ତଙ୍କର ପ୍ରଥମ ପ୍ରୟାସ ହେବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ରାଜଯୋଗିନୀ ବ୍ରହ୍ମାକୁମାରୀ ମାଳା ଉପସ୍ଥିତ ସମସ୍ତ ଆଧ୍ୟାତ୍ମପ୍ରେମୀ ଜନସାଧାରଣଙ୍କୁ ବିଶେଷ ଧନ୍ୟବାଦ ଅର୍ପଣ କରିବା ପୂର୍ବକ ଆଗାମୀ ୩ଟି ରାଜଯୋଗ ଶିବିରରେ ଅଂଶଗ୍ରହଣ କରି ଚିନ୍ତା ରହିତ ସୁଖମୟ ଜୀବନଯାପନ ଏବଂ ବର୍ତ୍ତମାନର କୈନ୍ଦ୍ରିକ ହୋଇ ଅବଶିଷ୍ଟ ସମୟକୁ ସଫଳ କରିବା ସକାଶେ ପ୍ରେରଣା ପ୍ରଦାନ କରିଥିଲେ। ଉକ୍ତ ଆଧ୍ୟାତ୍ମିକ ସମାରୋହରେ ବ୍ରହ୍ମପୁର ମହାନଗର ସମେତ ନିକଟବର୍ତ୍ତୀ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ବିଭାଗର ପ୍ରତିଷ୍ଠିତ ବ୍ୟକ୍ତିଗଣ ଅଂଶଗ୍ରହଣ କରି ଉପକୃତ ହୋଇଥିଲେ।

## ଆସିକାରେ ସ୍ନାନ ପୂର୍ଣ୍ଣିମା ନୀତି ପାଳିତ

ଆସିକା,୨୯।୬(ସମିସ): ଆସିକା ସହର ଏବଂ ଆଖପାଖ ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସୋମବାର ସ୍ନାନ ପୂର୍ଣ୍ଣିମା ନୀତି ମହା ଆଡମ୍ବର ସହ ପାଳନ କରାଯାଇଛି। ସକାଳୁ ସକାଳୁ ଦ୍ୱାରା ଫିଟା, ମଙ୍ଗଳଆରତୀ, ଅବକାଶ, ନୀତି ପରେ ସ୍ନାନ ମଣ୍ଡପ କୁ ଚତୁର୍ଦ୍ଧାମୂର୍ତ୍ତିକୁ ବିଜେ କରାଇଥିଲେ। ସହରର ସୁନାମ୍ବ ବ୍ରାହ୍ମଣ ସାହି, ଲାଲଗୋର୍ଜି ଛକ, ମୁଜି ସାହି, ଖମ୍ବେଶ୍ୱରୀ ପାଟଣା ସମେତ କାଳକଣ୍ଠେପୁର, ନଳବଣ୍ଟା, ଚିନିଶିଳ୍ପ ନୂଆଗାଁ, ସିଦ୍ଧନୟୀ ଓ ଅନ୍ୟାନ୍ୟ ଗ୍ରାମର ଜଗନ୍ନାଥ ମନ୍ଦିରରେ ଏହି ପବିତ୍ର ନୀତି ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ ପୂଜକ ଓ ସେବାୟତମାନଙ୍କ ଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପବିତ୍ର ଅଭିଷେକ ଜଳରେ ସ୍ନାନ କରାଯାଇଥିଲା।



ଏହାପରେ ପ୍ରଭୁମାନଙ୍କୁ ନୂତନ ବସ୍ତ୍ର, ଚନ୍ଦନ, କର୍ପୂର, ପୁଷ୍ପ ଓ ତୁଳସୀରେ ସୁସଜ୍ଜିତ କରାଯାଇ ଆରତି ଓ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ବହୁ ସଂଖ୍ୟକ ଭକ୍ତ ଉପସ୍ଥିତ ରହି ପ୍ରଭୁଙ୍କ ଗଜାନନ ବେଶରେ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପରମ୍ପରା ଅନୁଯାୟୀ ଅଣବସର ଘରକୁ ବିଜେ କରାଯାଇଥିଲା। ସ୍ନାନ ପୂର୍ଣ୍ଣିମା ପରେ ପ୍ରଭୁ ଜ୍ୱରରେ ପୀଡ଼ିତ ହେଉଥିବା ବିଶ୍ୱାସ ଅନୁସାରେ ଆଜିଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ଦିର ପକ୍ଷରୁ ସୂଚନା ମିଳିଛି।

## ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଛତ୍ରପୁର,୨୯।୬(ସମିସ): ଛତ୍ରପୁର ବ୍ଲକ ପ୍ରାଥମିକ ଶିକ୍ଷକସଂଘ ପକ୍ଷରୁ ନୂତନଭାବେ ଯୋଗଦେଇଥିବା ବିଇଓ ସୁଚିତ୍ରା ପାଣିଗ୍ରାହୀ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦା କରିଥିଲେ କ୍ଷ ଏଥିରେ ଏକ୍ସକ୍ୟାଡର ସଂଘର ଜିଲ୍ଲା ସଭାପତି ବିଷ୍ଣୁ ନାରାୟଣ ପଣ୍ଡା, ବରିଷ୍ଠ ଶିକ୍ଷକ ପଞ୍ଚାନନ ରଥ, କୈଳାସ ଚନ୍ଦ୍ର ବେହେରା, ରବିନାରାୟଣ ବେହେରା, ଏୟୁପିଟିଏଫ୍ ସଭାପତି ରାଜେନ୍ଦ୍ର କୁମାର ବେହେରା, ସମ୍ପାଦକ ଲକ୍ଷ୍ମୀଚରଣ ବେହେରା, ଏନପିଏସ୍ ସଂଘର ସଭାପତି କୃଷ୍ଣ ଚନ୍ଦ୍ର ଦାସ ସମ୍ପାଦକ ମନୋଜ କୁମାର ତ୍ରିପାଠୀ, ଏକ୍ସ କ୍ୟାଡର ସଂଘର ସଭାପତି ସୁରେଶ କୁମାର ମହାନ୍ତି ପୀତାମ୍ବର ବେହେରା, ଶିବଶଙ୍କର ଗୌଡ଼, ବିଭୁଦତ୍ତ ଶତପଥୀ, ପ୍ରଭଞ୍ଜନ ଶତପଥୀ. ନିରଞ୍ଜନ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ପି ଭେଙ୍କେଟେଶ୍ୱର, କୃଷ୍ଣଚନ୍ଦ୍ର ବେହେରା, ବି ଆର ଟି ଅଶ୍ୱିନୀ ପାଇକରାୟ ଓ ଅନ୍ୟମାନେ ସୌଜନ୍ୟମୂଳକ ସାକ୍ଷାତ କରିବାସହ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ କ୍ଷ ସମସ୍ତ ବିଷୟରେ ବିଇଓ ଆଲୋଚନା କରିବାସହ ଅତିଶୀଘ୍ର ସମାଧାନ ପାଇଁ ପ୍ରୟାସ କରିବେ ବୋଲି ମତପ୍ରକାଶ କରିଥିଲେ।


## ଜିଲ୍ଲାସ୍ତରୀୟ ଦ୍ୱିଦିବସୀୟ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟ

ବୁଗୁଡ଼ା,୨୯।୬(ସମିସ) : ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଶ୍ରୀକର ଭଞ୍ଜ ସ୍ପୋର୍ଟସ୍ ଏଣ୍ଡ କଲଚୁରାଲ ଆସୋସିଏସନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଦ୍ୱିଦିବସୀୟ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀକର ଭଞ୍ଜ ସ୍ପୋର୍ଟସ୍ ଏଣ୍ଡ କଲଚୁରାଲ ଆସୋସିଏସନ ସଭାପତି ଡ.ସୁବାସ ଚନ୍ଦ୍ର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପିପୁଲ୍ସ କଲେଜ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପିଇଓ ରବି ଚରଣ ମିଶ୍ର, ଶୋଭନୀୟ ପବ୍ଲିକ୍ ସ୍କୁଲ୍ ଏମଡି ଉନା ଅରବିନ୍ଦ ପାତ୍ର, ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଏସ୍.କେ. ଅଂଶୁଦିନ୍, ସୁଧାକର ବିଷୋୟୀ, ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ମାର୍ଗ ଦର୍ଶନ ପୂର୍ବକ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ୧୯ଟି ମ୍ୟାଚ ଅନୁଷ୍ଠିତ ହେବାନେଇ ଫିକସର ପ୍ରସ୍ତୁତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚଟି ନାଉଳି ଟିମ୍ ଓ ବରଗାଁ ଟିମ୍ ମଧ୍ୟରେ ଖେଳା ଯାଇଥିବା ବେଳେ ରେଫେରି ଏମ୍.ଶ୍ରୀନିବାସ ଦୋରା, ଆମ୍ପାୟର ଅଂଶୁମାନ ବିଷୋୟୀ ଓ ସୁନୀଲ କୁମାର ନାୟକ ମ୍ୟାଚକୁ ପରିଚାଳନା କରିଥିଲେ ଏବଂ ସ୍କୋରର୍ ଭାବେ ଦିପକ କୁମାର ସାହୁ, ସହାୟକ ସ୍କୋରର ଭାବେ ବିଭୁ ପ୍ରସାଦ ବେହେରା ଓ ଅକ୍ଷୟ କୁମାର ନାଇକ ନିୟୋଜିତ ରହିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚଗୁଡିକୁ ବହୁ ଦର୍ଶକ ମନଭରି ଉପଭୋଗ କରିଥିଲେ।



## ସୋରଡ଼ା ଜଗନ୍ନାଥ ମନ୍ଦିରରେ ସ୍ନାନ ଯାତ୍ରା

ସୋରଡା,୨୯।୬(ସମିସ): ସୋରଡାରେ ଦେବସ୍ନାନ ପୂର୍ଣ୍ଣିମା ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଛି। ଆଜି ସକାଳୁ ସକାଳୁ ମହାପ୍ରଭୁଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଦଇତାପତି ସେବକମାନେ ବିଜେ କରାଇଥିଲେ। ପୂର୍ବ ପ୍ରସ୍ତୁତି ମୁତାବକ ମନ୍ଦିର ପରିଚାଳନା ସଭାପତି ତଥା ତହସିଲଦାର ଗୋପାଳ କୃଷ୍ଣ ରାଉତରାୟଙ୍କ ପୌରୋହିତ୍ୟରେ ରଜନୀକାନ୍ତ ମହାପାତ୍ର, ସଞ୍ଜୀବ କୁମାର ପଟ୍ଟନାୟକ, ପ୍ରମୋଦ କୁମାର ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରମ୍ପରା ଅନୁଯାୟୀ ଓଡ଼ିଶାର ଗଙ୍ଗା ପବିତ୍ର ଋଷିକୂଲ୍ୟା ନଦୀରୁ ୧୦୮ ଢାଳ ଜଳଆଣି ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପରେ ସ୍ନାନ କରାଯାଇଥିଲା। ମୁକ୍ତ ଭାବରେ ଏହି ସ୍ନାନ ଜାତ ଦେଖିଥିବାରୁ ଭକ୍ତ ମାନେ ଚଳିତ ବର୍ଷ ମହାପ୍ରଭୁଙ୍କ ଏହି ସ୍ନାନ ଯାତ୍ରାକୁ ମନଭରି ଦର୍ଶନ କରି ପରମ ତୃପ୍ତି ଲାଭକରିଛନ୍ତି। ଏପରିକି ଆଜିର ଏହି କାର୍ଯ୍ୟରେ ସୋରଡା ରାଜା ଦେବଦତ୍ତ ସିଂହଦେଓ ଉପସ୍ଥିତ ରହି ସମସ୍ତ ପ୍ରକାରର ଜାତ ନୀତିରେ ଭାଗ ନେଇଥିଲେ। ମହାପ୍ରଭୁଙ୍କ ଛେରାପହଁରା ଠାରୁ ଆରମ୍ଭ କରି ପ୍ରତିଟି କାର୍ଯ୍ୟରେ ସେବକ ତୁଲ୍ୟ ନିଜର ସେବା କାର୍ଯ୍ୟ କୁ ସମାପନ କରିଥିଲେ। ମନ୍ଦିର ବାହାରେ ରହି ସେମାନେ ପ୍ରଭୁଙ୍କ ସ୍ନାନ ଯାତ୍ରା ଦର୍ଶନ କରିଥିଲେ। ସ୍ନାନ କାର୍ଯ୍ୟ ପରେ ପ୍ରଭୁଙ୍କ ପାଖରେ ରାଜ ଭୋଗ ଲାଗିବା ସହ ଆଳତି ହୋଇଥିଲା। ଆଜିର ଏହି ପର୍ବ ସରିବା ପରେ ଆଜି ଠାରୁ ଅଣସରରେ ରହିବେ ମହାପ୍ରଭୁ।



## ଓମ୍ ଶାନ୍ତିର ଅଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଆସିକା,୨୯।୬(ସମିସ): ଆସିକା ବ୍ରହ୍ମାକୁମାରୀ ପକ୍ଷରୁ ଆସନ୍ତା ବୁଧବାର ଦିନ ଆସିକା ହରି ହର ହାଇ ସ୍କୁଲ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମାଇଣ୍ଡ ମେମୋରି ଟ୍ରେନର୍, ପ୍ରେରଣାଦାୟକ ବକ୍ତା ତଥା ରାଜଯୋଗୀ ଡା. ଶକ୍ତିରାଜ ଭାଇଙ୍କ ବିଶାଳ ଆଧ୍ୟାତ୍ମିକ ପ୍ରେରଣାଦାୟକ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ରର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ। ସେ ଏହି ଅବସରରେ ପ୍ରକାଶ କରିଥିଲେ ଯେ ସାମ୍ପ୍ରତିକ ପରିସ୍ଥିତିରେ ବିଚାରଧାରାରେ ପରିବର୍ତ୍ତନ ଓ ସୁସଂହତ ଜୀବନ ଶୈଳୀ ଦ୍ୱାରା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ପରିଚାଳନା ଦିଗରେ ରାଜଯୋଗୀ ଡଃ ଶକ୍ତିରାଜ ଭାଇଙ୍କ ପ୍ରେରଣାଦାୟି ବକ୍ତବ୍ୟ ଆଜି ସାରା ଭାରତରେ ରାଜନୈତିକ, ପ୍ରଶାସନିକ,ପ୍ରତିରକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀ ବିଶେଷକରି ବୁଦ୍ଧିଜୀବୀ, ଛାତ୍ର, ଶିକ୍ଷାବିତ୍ ତଥା ସମାଜର ସମସ୍ତ ବର୍ଗକୁ ଆକର୍ଷିତ କରିପାରିଛି କ୍ଷ ଅତଏବ ଆସିକା ସହରରେ ରାଜଯୋଗୀ ଡା. ଶକ୍ତିରାଜ ଭାଇଙ୍କ ବହୁ ପ୍ରତୀକ୍ଷିତ ଏହି କାର୍ଯ୍ୟକ୍ରମ ସହରବାସୀଙ୍କୁ ସକାରାସକ ଜୀବନଶୈଳୀର ଅମୂଲ୍ୟ ବାର୍ତ୍ତା ପ୍ରଦାନ କରିବେ।



# ଅପଶବ୍ଦ ବ୍ୟବହାର ଅଭିଯୋଗରେ ଗଣ୍ଡସମାଜର ବିରୋଧ ପ୍ରଦର୍ଶନ

ତୁମୁଡିବନ୍ଧ,୨୯।୬(ସମିସ)

ଗତ ୨୦ ତାରିଖରେ ରାଜ୍ୟର ଏକ ପ୍ରତିଷ୍ଠିତ ଖବରକାଗଜ ଗଣ୍ଡ ସମାଜକୁ ଆକ୍ଷେପ କରି ଅପଶବ୍ଦ ବ୍ୟବହାର କରିଥିବା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ତୁମୁଡ଼ିବନ୍ଧ ଗଣ୍ଡ ସମାଜ ତରଫରୁ ଦୁଇ ହଜାରରୁ ଉର୍ଦ୍ଧ୍ୱ ଗଣ୍ଡ ସମାଜ ଜନଜାତି ରାସ୍ତାକୁ ଓହ୍ଲାଇ ବିରୋଧ ପ୍ରଦର୍ଶନ ପୂର୍ବକ ଶୋଭାଯାତ୍ରା କରିଛନ୍ତି। ଏହି ଶୋଭାଯାତ୍ରାରେ ତୁମୁଡିବନ୍ଧ ଗଣ୍ଡ ସମାଜ ବ୍ଲକ ସଭାପତି ରାଜେନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ପାତ୍ର, ରବି ପାତ୍ର କନ୍ଧମାଳ ଜିଲ୍ଲା ସଚିବ ନବୀନ ପାତ୍ର, ପ୍ରକାଶ ପାତ୍ର ମୁଣ୍ଡିଗଡ଼ ଆଞ୍ଚଳିକ ସଭାପତି ପୂର୍ଣ୍ଣଚନ୍ଦ୍ର ପାତ୍ର ଲଙ୍କାଗଡ଼ ଆଞ୍ଚଳିକ ସଭାପତି ଶୁକଦେବ ପାତ୍ର ଭଣ୍ଡରଙ୍ଗୀ ଆଞ୍ଚଳିକ ସଭାପତି ମହେଶ୍ୱର ପାତ୍ର ଓ ଝିରିପାଣି ଆଞ୍ଚଳିକ ସଭାପତି ରାମଚନ୍ଦ୍ର ପାତ୍ର ସମେତ ବିଭିନ୍ନ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ସୂଚନା ଅନୁଯାଇ ଚଳିତ ଶିକ୍ଷା ବର୍ଷ ପାଇଁ ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ପାଇଁ ଛପାଯାଇଥିବା ବହିରେ ଶହ ଶହ ତ୍ରୁଟି ଥିବା ଯୋଗୁଁ ବର୍ତ୍ତମାନ ରାଜ୍ୟ ରାଜନୀତି ହଲଚଲ ହେବାରେ ଲାଗିଛି। ଏହି ସଂକ୍ରାନ୍ତରେ ଶାସନରେ ଗାଦିରେ ବସିଥିବା ସରକାରକୁ ରାଜ୍ୟର ଏକାଧିକ ବିରୋଧୀ ଦଳ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡକୁ ବିରୋଧ କରି ଇସ୍ତଫା ଦାବି କରିବା ଆଳରେ ଓଡିଶାର ସମଗ୍ର ଗଣ୍ଡ ସମାଜ ପ୍ରତି ଅପଶବ୍ଦ ବା ଅପମାନିତଜନତ ଶବ୍ଦ ବ୍ୟବହାର କରିଛନ୍ତି। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣ୍ଡସମାଜ ଶ୍ରେଣୀରୁ ଆସୁଥିବା ହେତୁ ମନ୍ତ୍ରୀଙ୍କୁ ବିରୋଧ କରି ଏଭଳି ଅପଶବ୍ଦ ବ୍ୟବହାର କରି ଖବର ପ୍ରକାଶ କରିଛନ୍ତି ଯାହାକି ସମଗ୍ର ଗଣ୍ଡ ସମାଜକୁ ଅପମାନିତ ଓ ଆଘାତ କରିଛି। ତେଣୁ ରାଜ୍ୟ ସ୍ତରୀୟ ଗଣ୍ଡସମାଜ କମିଟି ନିର୍ଦ୍ଦେଶ କ୍ରମେ ସୋମବାର ଦିନ ତୁମୁଡିବନ୍ଧ ମଣ୍ଡଳୀ ଗଣ୍ଡସମାଜ ସଭାପତି ରାଜେନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ହଜାର ହଜାର ଗଣ୍ଡ ସମ୍ପ୍ରଦାୟର ଜନଜାତି ଏକତ୍ର ହେଇ ବିଭିନ୍ନ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ପାରମ୍ପରିକ ସ୍ଲୋଗାନ ଦେଇ ତୁମୁଡିବନ୍ଧ ସ୍ଥିତ ଆମ୍ବେଦକର ଛକ ରୁ ଏକ ବିଶାଳ ରାଲି ବାହାର କରି ତୁମୁଡିବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ହରପାଲଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ମାନ୍ୟବର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରି ଓଡିଶା ସରକାର ଓ ରାଷ୍ଟ୍ରପତିଙ୍କ ଉଦେଶ୍ୟ ରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଖବର ପ୍ରକାଶ କରିଥିବା ଖବର କାଗଜ ସଂସ୍ଥା ବିରୋଧ ରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଓଡିଶା ପ୍ରଦେଶର ଗଣ୍ଡ ସମାଜ କୁ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛନ୍ତି। ଆଗାମୀ ଦିନରେ ଅନ୍ୟ କୋଣସି ଖବର କାଗଜ ଗୁଡିକ ରେ କୋଣସି ବିଷୟ କୁ ନେଇ ଗଣ୍ଡସମାଜକୁ ଆକ୍ଷେପ କରି ଏପରି ଅପଶବ୍ଦ ଯେମିତି ବ୍ୟବହାର କରିବେ ନାହି ସେନେଇ ସରକାର ଗୋଟେ ଆଦେଶନାମା ଜାରି କରନ୍ତୁ ବୋଲି ଦାବି କରାଯାଇଛି। ଗଣ୍ଡ ସମାଜ ସଦାସର୍ବଦା ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ବିଶ୍ୱାସ କରିଆସିଛି। କିନ୍ତୁ ଗଣ୍ଡସମାଜ କୁ ଆଘାତ କଲାପରି ଏପରି ଅପଶବ୍ଦ ଓ ବ୍ୟବସ୍ଥା କୁ ଗଣ୍ଡ ସମାଜ ଆଦୌ ଗ୍ରହଣ କରିବନି କି ବରଦାସ୍ତ କରିବନି ତେଣୁ ଏଭଳି ଘଟଣା କୁ ନିନ୍ଦା କରି ସରକାର ତୁରନ୍ତ ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ନଚେତ ଆଗାମୀ ଦିନରେ ସାରା ଓଡିଶାର ଗଣ୍ଡ ସମାଜ ର ଲକ୍ଷ ଲକ୍ଷ ଜନଜାତି ମାନେ ଓଡିଶାର ରାଜଧାନୀ ର ରାଜରାସ୍ତା ରେ ଗର୍ଜନ କରିବେ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ପାତ୍ର ଚେତାବନୀ ଦେଇଛନ୍ତି।



# ପାରଳାଖେମୁଣ୍ଡିରେ ଦେବସ୍ନାନ ପୂର୍ଣ୍ଣିମା, ଗଜାନନ ବେଶ ଦର୍ଶନ



ପାରଳାଖେମୁଣ୍ଡି,୨୯।୬(ସମିସ): ଉପାନ୍ତ ଶ୍ରୀକ୍ଷେତ୍ର ପାରଳାଖେମୁଣ୍ଡିସ୍ଥିତ ଜଗନ୍ନାଥ ମନ୍ଦିର ପରିସର'ରେ ଥିବା ସ୍ନାନ ମଣ୍ଡପ ଠାରେ ଆଜି ଚତୁର୍ଦ୍ଧାମୂର୍ତ୍ତି'ଙ୍କ ପାରମ୍ପରିକ ରୀତିନୀତି ପ୍ରକାରେ ପବିତ୍ର ଦିବ୍ୟ ଦେବସ୍ନାନ ପୂର୍ଣ୍ଣିମା ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ସମୟରେ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପୂଜାର୍ଚ୍ଚନା ହୋଇ ସେନାପଟା ଲାଗି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଠାକୁର ମାନଙ୍କ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ମନ୍ଦିରରୁ ସ୍ନାନ ମଣ୍ଡପ'କୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି କାର୍ଯ୍ୟକ୍ରମ ହୋଇଥିଲା। ଏହା ସମ୍ପନ୍ନ ହେବା ପରେ ବଡ଼ ଠାକୁରଙ୍କ ଦକ୍ଷିଣ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ମାଟି କଳସୀରେ ସୁବାସିତ ଚନ୍ଦନ ଜଳ ଦ୍ୱାରା ଠାକୁରଙ୍କୁ ସ୍ନାନ କରାଯିବା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ୧୦୮ ଲେଖାଏଁ ପଇଡ଼ ଜଳରେ ସ୍ନାନ କରା ଯାଇଥିଲା। ମନ୍ଦିରର ସମସ୍ତ ସେବାୟତମାନଙ୍କ ଦ୍ୱାରା ଏହି ଦିବ୍ୟ ଦେବସ୍ନାନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପରେ ପରେ ପାରମ୍ପରିକ ରୀତିନୀତି ପ୍ରକାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଚନ୍ଦନ ଲାଗି ଓ ବସ୍ତ୍ରଲାଗି କାର୍ଯ୍ୟ ସମ୍ପନ୍ନ ହେବା ପରେ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ସମୟେ ତିନି ଠାକୁର'ଙ୍କ ବିଭିନ୍ନ କାର୍ଯ୍ୟ ସମ୍ପନ୍ନ ହେବା ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ'ଙ୍କୁ ସେବାୟତ ମାନେ ପାରମ୍ପରିକ ରୀତିନୀତି ପ୍ରକାରେ ପୂଜକ ସଞ୍ଜୟ କୁମାର ପାଢୀଙ୍କ ତତ୍ୱାବଧାନରେ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଗଜାନନ ବେଶରେ ଦର୍ଶନ ଦେଇଥିଲେ। ବର୍ଷକେ ମାତ୍ର ଥରେ ଏହି ଦିନର ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ବଡ ଠାକୁର ତଥା ଶ୍ରୀ ଜଗନ୍ନାଥ ମହାପ୍ରଭୁ, ଭାଇ-ଭଉଣୀଙ୍କ ସହିତ ଜଳସ୍ନାନ କରୁଥିବା ଯୋଗୁଁ ଏହି ପବିତ୍ର ଆଧ୍ୟମିକ ପରିବେଶ ମୟ ମହାପ୍ରଭୁ'ଙ୍କ ପ୍ରଥମ ସ୍ନାନ-ଲୀଳା କାର୍ଯ୍ୟକ୍ରମ ଦର୍ଶନ କରିବା ଏବଂ ମହାପ୍ରଭୁଙ୍କ ଆକର୍ଷଣୀୟ ଗଜାନନ ବେଶ ଦେଖିବା ପାଇଁ ପ୍ରବଳ ଭିଡ ଜମିଥିଲା।

ଏହାପରେ ଆରମ୍ଭ ହୋଇଥିଲା ଅଣସର ନୀତି। ସ୍ନାନ ପରେ ଜ୍ୱରରେ ପଡିବେ ମହାପ୍ରଭୁ। ଏହାପରେ ଉପଶମ ପାଇଁ ଚାଲିବ ଉପଚାର। ସେବକମାନେ ଏହି ଗୁପ୍ତ ସେବା କରିବେ। ମହାପ୍ରଭୁ ସୁସ୍ଥ ହେବା ପରେ ଜୁଲାଇ ୧୬ ତାରିଖରେ ରଥରେ ବସି ଯିବେ ଜନ୍ମବେଦୀକୁ। ଆଜି ଏପରି ଦିବ୍ୟ ସ୍ନାନ ଯାତ୍ରାରେ ସାମିଲ ହେବା ଲାଗି ପ୍ରଶାସକଙ୍କ ଠାରୁ ଆରମ୍ଭ କରି ରାଜନେତାଙ୍କ ସମେତ ସହରାଞ୍ଚଳ ଓ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା।

**ଧରାକୋଟ:** ଧରାକୋଟ ଗଡ଼ରେ ଦେବସ୍ନାନ ପୂର୍ଣ୍ଣିମା ପୂର୍ବ ପ୍ରଚଳିତ ପରମ୍ପରା ଅନୁଯାୟୀ ପାଳନ ହୋଇଯାଇଛି। ରବିବାର ରାତ୍ରରେ ସେନାପଟା ଲାଗି ହେବାପରେ ସୋମବାର ପ୍ରଭାତରୁ ତିନି ଠାକୁରଙ୍କୁ ମଙ୍ଗଳା ଅର୍ପଣ କରାଯିବା



ପରେ ନଅ ଘଣ୍ଟ ସମୟରେ ତିନି ଠାକୁରଙ୍କୁ ଗୋଟି ପହଣ୍ଡିରେ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ଠାକୁରମାନଙ୍କୁ ନୂଆଁ ବସ୍ତ୍ର ପରିଧାନ ପରେ ସୁନା କୂଅର ୧୦୮ ଗରା ଜଳରେ ସ୍ନାନ କରାଯାଇଥିଲା। ଏହା ପରେ ଠାକୁର ମାନେ ଗଜାନନ ବେଶ ଧାରଣ କରିଥିଲେ। ରାଜା ସୁଲକ୍ଷଣା ଗୀତାଞ୍ଜଳି ଙ୍କୁ ପଗଡ଼ି ଓ ଫୁଲମାଳ ପିନ୍ଧାଯିବା ପରେ ସେ ତିନି ଠାକୁରଙ୍କୁ ପଞ୍ଚାମୃତ ରେ ମହାସ୍ନାନ କରାଇ ଛେରା ପହଁରା କରି ଆଳତି ପ୍ରଦାନ କରିଥିଲେ। ଏହା ପରେ ଠାକୁର ମାନଙ୍କୁ ନିତିଦିନିଆ ଭୋଗ ଅର୍ପଣ କରାଯାଇଥିଲା। ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ପରେ ସନ୍ଧ୍ୟାରେ ତିନି ଠାକୁର ଙ୍କୁ ପହଣ୍ଡି କରି ମନ୍ଦିର ବିଜେ କରାଯାଇଥିଲା। ସେଠାରେ ବିଭୀଷଣ ଓ ଗରୁଡ଼ ଦର୍ଶନ ପରେ ତିନି ଠାକୁର ଅଣସର ଘରକୁ ଯାଇଥିଲେ। ଆଜିର ତିଥିର ସମସ୍ତ ଦେବନୀତି ତ୍ରିନାଥ ବଡ଼ପଣ୍ଡା, ସ୍ୱାଧୀନ ପଣ୍ଡା ଓ ସାଗର ଶତପଥୀ ସମ୍ପନ୍ନ କରିଥିବା ବେଳେ ପୁଟୁ ଓ ନନ୍ଦିଗୋର ର ପଣ୍ଡା ମାନେ ତିନି ଠାକୁରଙ୍କୁ ପହଣ୍ଡି କରାଇଥିଲେ। ଗୁମାସ୍ତା କାଳିଆ ବେହେରା, ଟହଲିଆ ଭଗବାନ ଗୌଡ଼, ଶ୍ରୀକାନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ ପ୍ରଦାନ କରିଥିବା ବେଳେ ଜାନବିଲିର ରାଧାକୃଷ୍ଣ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ହରିନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଆଜିର ସ୍ନାନ ପୂର୍ଣ୍ଣିମା ଅବସରରେ ଅଞ୍ଚଳର ଶହ ଶହ ଲୋକଙ୍କ ସମାଗମ ହୋଇଥିଲା।



**ଫିରିଙ୍ଗିଆ:** କନ୍ଧମାଳ ଜିଲ୍ଲାର ଦ୍ୱତୀୟ ବୃହତମ ବ୍ଲକ ଫିରିଙ୍ଗିଆ ଠାରେ ଚଳିତ ବର୍ଷ ଫିରିଙ୍ଗିଆ ଶଙ୍ଖ କ୍ଷେତ୍ର ଠାରେ ଆଜି ପ୍ରଭୁ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ସ୍ନାନ ପୂର୍ଣିମା ପାଳିତ ହୋଇଛି। ସକାଳ ଆଠଟାରୁ ଏହି ମହାପ୍ରଭୁଙ୍କ ମହାସ୍ନାନ ଯାତ୍ରାରେ ଶହେଆଠ ଲାଗିଗରାରେ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା ଏହା ପରେ ଚତୁର୍ଦ୍ଧା ମୂରତିଙ୍କୁ ଗଜାନନ ବେଶରେ ସଜିତ କରାଯାଇଥିଲା। ବ୍ରାହ୍ମଣ ସମାଜର ସଭାପତି ବାଲୁଙ୍କେଶ୍ୱର ଆଚାର୍ଯ୍ୟଙ୍କ ସହ ସମସ୍ତ ବ୍ରାହ୍ମଣ ଏବଂ ଜଗନ୍ନାଥ ମନ୍ଦିର ପୂଜକ କାଳିଆ ପଣ୍ଡାଙ୍କ ସହ ସମସ୍ତ ସେବାୟତ ଏହି ସ୍ନାନ ପୁର୍ଣିମା ରେ ସହଯୋଗ କରିଥିଲେ। ଦିନ ତମାମ ଅଞ୍ଚଳର ଶତାଧିକ ଭକ୍ତ ମାନେ ଗଜାନନ ବେଶକୁ ଦର୍ଶନ କରିଥିଲେ।



**ରାଇକିଆ:** କନ୍ଧମାଳ ଜିଲ୍ଲା ରାଇକିଆ ଜଗନ୍ନାଥ ମନ୍ଦିର ରେ ଦେବ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏଥିରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଛି। ପୂର୍ବାହ୍ନରେ ମନ୍ଦିର ପରିସରସ୍ଥ ସ୍ନାନମଣ୍ଡପକୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ବିଜେ କରାଯାଇଥିଲା। ସକାଳୁ ପାରମ୍ପରିକ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବାବେଳେ ପ୍ରଥମେ ସୁଦର୍ଶନ, ପରେ ସୁଭଦ୍ରା, ବଳଭଦ୍ର ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ସ୍ନାନମଣ୍ଡପକୁ ଅଣାଯାଇଥିଲା। ମଧ୍ୟାହ୍ନରେ ବିଶେଷ ସ୍ନାନନୀତି ଓ କଳସ ଲାଗି ଅନୁଷ୍ଠିତ ହେବା ପରେ ମହାପ୍ରଭୁ ହାତୀବେଶରେ ଦର୍ଶନ ଦେଇଥିଲେ। ପରିଚାଳନା କମିଟି ଏବଂ ସଦସ୍ୟ ନିତିକାନ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ରାୟଗଡ଼(ଗଜପତି):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ଚଳିତ ବର୍ଷ ବହୁ ଆଡ଼ମ୍ବରରେ ଦେବ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି କ୍ଷ ପୁରୋହିତ ମଣି ପାଢ଼ୀ,ପ୍ରତାପ ପାଢୀ ଙ୍କ ଦ୍ୱାରା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଦେବସ୍ନାନ ମଣ୍ଡପରେ ଅଣାଯାଇଥିବା ସମୁଦ୍ର ଜଳରେ ଠାକୁରଙ୍କ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବହୁ ଆଡ଼ମ୍ବର ସହକାରେ ଆନନ୍ଦ ଉଲ୍ଲାସରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ହାତି ବେଶରେ ଦର୍ଶନ ଦେଇଥିଲେ। ଉକ୍ତ ସ୍ନାନୋତ୍ସବ କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟିର ସଭାପତି ପ୍ରସାଦ ଘଡ଼ାଇ, ସମ୍ପାଦକ ବି. କୃଷ୍ଣ ଚନ୍ଦ୍ର ପାତ୍ର ଓ କୋଷାଧକ୍ଷ ଦିଲ୍ଲୀପ କୁମାର ନାୟକ ପରିଚାଳନା କରିଥିବାବେଳେ ପୂଜକ ଶିବ ପ୍ରସାଦ ପାତ୍ରଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ। ଏଥିରେ ଅଞ୍ଚଳର ବହୁ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଥିଲେ। ସେହିପରି ଜିରାଙ୍ଗ ବଳଦେବଜିଉ, ଗଣ୍ଡାହାତୀ, ନାରାୟଣପୁର, ଅମେଡ଼ା, ମଣ୍ଡଳ ସାହି ଆଦି ବିଭିନ୍ନ ସ୍ଥାନରେ ଦେବ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ



ପାରଳାଖେମୁଣ୍ଡି, ୨୯।୬ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୨୦ ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ଭାରତରେ ଆଧୁନିକ ପରିସଂଖ୍ୟାନ ପ୍ରଣାଳୀ ଏବଂ ଅର୍ଥନୈତିକ ଯୋଜନାର ଅଗ୍ରଦୂତ ପ୍ରଫେସର ପି. ସି. ମହଲାନୋବିସଙ୍କ ଜନ୍ମ ଜୟନ୍ତୀ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଅଛି। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଦ୍ୱାରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜିଲ୍ଲାରେ ଚାଲିଥିବା ବିଭିନ୍ନ କୃଷି ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକରେ ଯୋଜନା ଓ ପର୍ଯ୍ୟେକ୍ଷଣ କାର୍ଯ୍ୟାଳୟର ଭୂମିକା ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଅର୍ଥଶାସ୍ତ୍ର ଅଧ୍ୟାପକ ପ୍ରିୟବ୍ରତ ଶତପଥୀ ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ପ୍ରକାଶ ରାଉତ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ନିର୍ଣ୍ଣୟ ପାଇଁ ସଠିକ୍ ତଥ୍ୟ ଏବଂ ପ୍ରଗତିଶୀଳ ରାଷ୍ଟ୍ର ପାଇଁ ଉନ୍ନତ ପରିସଂଖ୍ୟାନର ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରିନିଧି ଓ ବିଦ୍ୟାର୍ଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲାସ୍ତରୀୟ 'ଛାତ୍ରୋ କି ଗୁଞ୍ଜ' ସମାବେଶ

ନୂଆଗଡ଼;୨୯।୬(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଖଜୁରୀପଦା କଲ୍ୟାଣୀ ମଣ୍ଡପ ଠାରେ ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଏବଂ କଂଗ୍ରେସ ଜିଲ୍ଲା ସଭାପତି ଶଙ୍କର ପ୍ରଧାନ ନେତୃତ୍ୱରେ ବ୍ଲକ୍ କଂଗ୍ରେସ ପକ୍ଷରୁ "ଜିଲ୍ଲା ସ୍ତରୀୟ ଛାତ୍ରୋ କି ଗୁଂଜ' ସମାବେଶ ଓ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରସ ଜିଲ୍ଲା ପର୍ଯ୍ୟବେକ୍ଷକ କୃଷ୍ଣ ଚନ୍ଦ୍ର ପତି, କଂଗ୍ରେସର ରଶ୍ମୀ ରଞ୍ଜନ ପଟନାୟକ, ରାଷ୍ଟ୍ରୀୟ ଛାତ୍ର କଂଗ୍ରସ ସଂଯୋଜକ ବିଶ୍ୱ ଭୂଷଣ ମହାପାତ୍ରଙ୍କ ସମେତ ବିଭିନ୍ନ ବ୍ଲକର ସଭାପତି ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଶିକ୍ଷା ବଞ୍ଚାଅ ଭବିଷ୍ୟତ ବଞ୍ଚାଅ ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ସମୟରେ ଏନଇଇଟି/ସିବିଏସଇ ପ୍ରଶ୍ନ ପେପର ଲିକ ହେବା। ଓଡ଼ିଶାରେ ପାଠ୍ୟ ପୁସ୍ତକରେ ଅନେକ ତ୍ରୁଟି କରି ବର୍ତ୍ତମାନ ସରକାର ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ଖେଳୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ଦୃଢ ନିନ୍ଦା କରିଥିଲେ କଂଗ୍ରେସର ନେତୃବୃନ୍ଦ। ତେଣୁ ଏହା ବିରୋଧରେ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ଛାତ୍ର ଆନ୍ଦୋଳନ କରାଯାଉଛି। ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାପାଇଁ ସମସ୍ତଙ୍କୁ ଆଭାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର କଂଗ୍ରେସ ବରିଷ୍ଠ କର୍ମୀ ଯାକୁବ ରାଇକା, ମୀନ ମଣ୍ଡଳ, ମାଫିଏଲ ସ୍ୱାଲସିଂ, ଏନୋସ ରଇତ, ଅଭି ଗମାଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ କୁଇ ଭାଷା ସାହିତ୍ୟ ପୁସ୍ତକ ଉନ୍ମୋଚନ ଉତ୍ସବ

ଫିରିଙ୍ଗିଆ,୨୯।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଠାରେ ଥିବା ଆଦିବାସୀ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ କୁଇ ଭାଷା ସାହିତ୍ୟ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଇ ସମାଜସେବା ସମିତି ଫୁଲବାଣୀର ସଭାପତି ସୁଦର୍ଶନ କହଁର ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ବ୍ରହ୍ମପୁରର ସ୍ୱତନ୍ତ୍ର ସଚିବ ପୀତାମ୍ବର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଲାଙ୍ଗୀରର ଗୁଣନିଧି ମଲିକ, କନ୍ଧମାଳ ଜିଲ୍ଲା ଆଦିବାସୀ ମହାସଂଘ ସଭାପତି ମନୋଜ କୁମାର ମଲିକ, ଅବସରପ୍ରାପ୍ତ ରିଲିଫ କମିଶନର ମିହିରଚାନ୍ଦ ମଲିକ, କୁଇ ସମାଜ ସେବା ସମିତିର ସମ୍ପାଦକ ଅବନୀ କୁମାର କହଁର, ସଦସ୍ୟ ଗୌତମ କହଁର, କୁଇ ଭାଷା ସାହିତ୍ୟ ସମିତିର ରାଜ୍ୟ ସଭାପତି ଦୀନବନ୍ଧୁ କହଁର, ଫିରିଙ୍ଗିଆ ସେବା ସମିତିର ସଭାପତି ମୁକୁନ୍ଦ କହଁର, ସମ୍ପାଦକ ଏସିଆ କହଁର, କୁଇ ସମାଜର ସାଂସ୍କୃତିକ ସମ୍ପାଦକ ବୀରେନ୍ଦ୍ର କହଁର, କୁଇ ସମାଜ ଯୁବ ପରିଷଦର ସଭାପତି ଦେବାଶିଷ କହଁର, ଉପ ସଭାପତି ଆଲୋକ କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଆଦିବାସୀ କୁଇ ମଞ୍ଚ ଉଦ୍‌ଘୋଷକ ବିଶ୍ୱମ୍ବର ପ୍ରଧାନ ପରିଚାଳନା କରିଥିଲେ। କୁଇ ଭାଷା ସାହିତ୍ୟ ଲେଖକ ସୁଦର୍ଶନ କହଁର ଙ୍କ ଲିଖିତ କୁଇ ଦିନା ଗାଣି, ସାରଙ୍ଗଗଡ଼ ର



ଲେଖକ ଗଞ୍ଜା ପ୍ରଧାନ ଙ୍କ ଲିଖିତ କୁଇ ବାକେଣି ଏଙ୍ଗା ଡଗ ପୁସ୍ତକ, ଜି ଉଦୟଗିରିର ଲେଖକ ରଗସୀ ଏକେଶା ଜା ଲୁଙ୍ଗୁରି, ଫିରିଙ୍ଗିଆ ବନ୍ଧଗଡ଼ର ଲେଖକ ଚଙ୍ଗଲା କହଁରଙ୍କ ତାର୍କାଲି ଓ କୁଇ ପତ୍ରିକା କୁଇ ଦିନା ଡିଟି ଅନୁଷ୍ଠାନିକ ଭାବରେ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଆଦିବାସୀ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଥଣ୍ଡା ପିଇଲେ, ପଇସା ମାଗିବାରୁ ଆକ୍ରମଣ କଲେ; ୨ ଗିରଫ

ଦିଗପହଣ୍ଡି,୨୯।୬(ସମିସ): ଦିଗପହଣ୍ଡି ବ୍ଲକ୍ ଆଙ୍କୋରଡ଼ା ଗାଁ ଛକରେ ପାନ ଦୋକାନ କରିଥିବା ରୁଦ୍ର ପ୍ରଧାନ ଏବଂ ତାଙ୍କ ବାପା ସଞ୍ଜୟ ପ୍ରଧାନଙ୍କୁ ଗତ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ ଟାରେ ଚୁଡୁଙ୍ଗପୁର ଗ୍ରାମର ବି. କୃଷ୍ଣ ପାତ୍ର ଓରଫ ଗୋପୀ(୨୮) ଏବଂ ବି. ଉମା ପାତ୍ର ଏବଂ ଅନ୍ୟ ଜଣେ ଯୁବକ ଛୁରୀ ରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ଏ ନେଇ ରୁଦ୍ର ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଥାନା ଅଧିକାରୀ କିଶୋର କୁମାର ସାମଲ ମାମଲା ନଂ.୨୬୯/୨୬ ଭାରତୀୟ ନ୍ୟାୟ ସଂହିତାର ଦଫା - ୩୨୯(୪)/୨୯୬/୧୧୫/୧୧୮(୧)/୧୧୭(୨)/୧୦୯/୩୦୩(୨)/୩୫୧(୨)/୩(୫) ଅନୁଯାୟୀ ଅଭିଯୁକ୍ତ ମାନଙ୍କ ନାଁ ରେ ମକଦ୍ଦମା ରୁଜୁ କରିଥିଲେ। ସୋମବାର ଅଭିଯୁକ୍ତ ବି. କୃଷ୍ଣ ଏବଂ ବି. ଉମାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଘଟଣା ଦିନ ରୁଦ୍ର ତାଙ୍କ ପାନ ଦୋକାନ ରେ ବସିଥିବା ବେଳେ ବାଇକ ଯୋଗେ ଅଭିଯୁକ୍ତ ଦ୍ୱୟ ଏବଂ ଅନ୍ୟ ଜଣେ ଅଚିହ୍ନା ଯୁବକ ଆସି ତାଙ୍କୁ ଥଣ୍ଡା ପାନୀୟ ବୋତଲ ମାଗିଥିଲେ। ରୁଦ୍ର ୯୦ ଟଙ୍କା ମାଗିବାରୁ ଗୋପୀ ତାଙ୍କୁ ୭୦ ଟଙ୍କା ଦେଇଥିଲେ। ବଳକା ଟଙ୍କା ମାଗିବାରୁ ସେ ତାଙ୍କୁ ଗାଳି କରିଥିଲେ। ଅନ୍ୟ ଜଣେ ଯୁବକ ତାଙ୍କୁ ପିସ୍ତଲ ଦେଖାଇ ମାରିଦେବାକୁ ଧମକ ଦେଇଥିଲେ। ରୁଦ୍ର ପ୍ରତିବାଦ କରିବାରୁ ଗୋପୀ ତାଙ୍କୁ ଏକ ଛୁରିରେ ମାରିବାରୁ ତାଙ୍କ ହାତ ଆଙ୍ଗୁଠି କଟି ରକ୍ତ ବାହାରିଥିଲା। ରୁଦ୍ର ପାଟିକରି ତାଙ୍କ ବାପା ଙ୍କୁ ଡାକିଥିଲେ। ବାପା ସଞ୍ଜୟ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଗୋପୀ ତାଙ୍କୁ ମଧ ଅଶ୍ଳିଳ ଭାଷା ରେ ଗାଳି କରି ଛୁରିରେ ହତ୍ୟା ଉଦ୍ୟମ କରି ଭୁସି ଦେବା ସହ ତାଙ୍କ ବେକରୁ ସୁନା ଚେନ ଏବଂ ୨ ଟି ମୋବାଇଲ ଫୋନ୍ ଛଡ଼ାଇ ନେଇ ବାଇକ ଯୋଗେ ୩ ଅଭିଯୁକ୍ତ ଚମ୍ପଟ ମାରିଥିଲେ ବୋଲି ପୁଲିସର ତଦନ୍ତରୁ ଜଣାପଡ଼ିଛି।

## ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘର ବୈଠକ

ପାରଳାଖେମୁଣ୍ଡି,୨୯।୬(ସମିସ) : ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘ ଗଜପତି ଜିଲ୍ଲା ଶାଖା ଆନୁକୂଲ୍ୟରେ ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଅନୁଷ୍ଠାନର ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଷ୍ଟମ ବେତନ କମିଶନ ସୁପାରିସ ଆଧାରରେ ପେନ୍‌ସନ ଠାରୁ ଅନ୍ୟାନ୍ୟ ୯ ଦଫା



ଦାବି ନେଇ ଆଲୋଚନା ହୋଇଥିଲା। ୯ ଦଫା ଦାବିକୁ ସମସ୍ତ ଗଜପତିର ସେବା ନିବୃତ୍ତ ସରକାରୀ କର୍ମଚାରୀ ସମର୍ଥନ କରିଥିବାର ଜଣାପଡିଛି। ଆଗାମୀ ଅଗଷ୍ଟ ୧୯ ତାରିଖ ଦିନ ନାର୍ଯ୍ୟ ଦାବି ଗୁଡ଼ିକୁ ନେଇ ଭୁବନେଶ୍ୱରଠାରେ ଧର୍ମଘଟ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିରେ ଜିଲ୍ଲାର ସମସ୍ତ ବ୍ଲକରେ ଥିବା ସମସ୍ତ ଅବସରପ୍ରାପ୍ତ କର୍ମଚାରୀମାନେ ଯୋଗଦେବେ ବୋଲି ସୂଚନା ପ୍ରଦାନ କରାଯାଇଛି। ଏହି ବୈଠକରେ ସଂଘର ଜିଲ୍ଲା ସଭାପତି ଅଶ୍ୱିନୀ ପାଢ଼ୀ, ସମ୍ପାଦକ ସୁରେଶ ବେହେରା, ଆଶାଲତା ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

**ଅବ୍ୟବସ୍ଥାରେ ଉଦ୍ୟୋଗୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ**

## ସଚେତନତା ସଭାକୁ ଆସୁନାହାନ୍ତି ପ୍ରଶିକ୍ଷାର୍ଥୀ

ପାରଳାଖେମୁଣ୍ଡି,୨୯।୬(ସମିସ): ଶିଳ୍ପବିହୀନ ଗଜପତି ଜିଲ୍ଲାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆରମ୍ଭ ହୋଇଛି ଉଦ୍ୟୋଗୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ। ୨୭ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଆରମ୍ଭରୁ ଏହି କାର୍ଯର୍ୟକ୍ରମରେ ଚରମ ଅବହେଳା ଦେଖିବାକୁ ମିଳିଛି। ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ହେଉଥିବା ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ ସଚେତନତା ଅଭାବରୁ ଏହା କେବଳ ପ୍ରହସନ ପାଲଟିଥିବାର ଆଲୋଚନା ହେଉଛି।

ପ୍ରକାଶ ଯୋଗ୍ୟ ଯେ ପ୍ରଶାସନର ସଚେତନତାର ଅଭାବ ଯୋଗୁଁ ଉଦ୍ୟୋଗୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ତିନି ଦିନ ମଧ୍ୟରେ କୌଣସି ଜିଲ୍ଲାସ୍ତରୀୟ ବ୍ୟବସାୟୀ କିମ୍ବା ସ୍ଥାନୀୟ ଲୋକ କେହି ଉପସ୍ଥିତ ନଥିବା ଅଭିଯୋଗ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମ ଲାଗି ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଖୋଲାଯାଇଛି ୨୦ରୁ ଊର୍ଦ୍ଧ୍ୱ ଷ୍ଟଲ। ସୂଚନାପ୍ରକାରେ ଏହି ଉଦ୍ୟୋଗୀ ଓଡିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷ ୫ଲକ୍ଷ ୨୫ ହଜାର ଟଙ୍କା ବ୍ୟୟବରାଦ



ହୋଇଛି। ହେଲେ ଏହି ଷ୍ଟଲରେ ଗୋଟିଏ ବି କାର୍ଯ୍ୟକ୍ରମ କିମ୍ବା ସଚେତନତା ପାଇଁ କୌଣସି ନିୟୋଜିତ କର୍ମଚାରୀଙ୍କ ଦେଖା ନଥିବା ବେଳେ ହାତଗଣତି ଷ୍ଟଲରେ ଗୋଟିଏ ଦୁଇଟି ପୋଷ୍ଟର ମରାଯାଇ ସଚେତନତା କରାଯାଉଛି। ସେହିଭଳି ଏନେଇ ହେଉଥିବା ସଚେତନତା ସଭା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ମାନଙ୍କ ବ୍ୟତୀତ ଜିଲ୍ଲାର କିଛି କ୍ଷୁଦ୍ର ବ୍ୟବସାୟୀଙ୍କୁ ଛାଡ଼ିଦେଲେ ଚେୟାର ଗୁଡିକ ଖାଲିପଡୁଛି। ଆଉ ଏହି ଚେୟାର ଗୁଡିକୁ ପୂରଣ କରିବାକୁ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କୁ ଡକାଯାଇ ବସାଯାଇ ଚେୟାର ପୂରଣ କରାଯାଉଛି। ହେଲେ ଏମାନଙ୍କ କଲେଜ ବା କ୍ଲାସ ରହିଥିବା ଦିନ ସେମାନଙ୍କୁ ଡକାଯାଇ ଦିନ ତମାମ ବସାଯାଉଥିବାରୁ ସେମାନଙ୍କ ଶିକ୍ଷାରେ ପ୍ରଭାବ ପଡ଼ିବା ନିଶ୍ଚିତ ବୋଲି ଆଲୋଚନା ହେଉଛି। ଯାହାର କି ସଦ୍ୟତମ ଉଦାହରଣ ଏହି ସଚେତନତା ବୈଠକରେ ଦେଖିବାକୁ ମିଳିଥିଲା

ଏପରିସ୍ଥଳେ ପ୍ରଶିକ୍ଷାର୍ଥିଙ୍କ ଲାଗି କୌଣସି ଅତିରିକ୍ତ କ୍ଲାସ କରାଯିବାର କୌଣସି ବ୍ୟବସ୍ଥା ମଧ୍ୟ ନାହିଁ। ଯାହାକି ଏହି ଅନୁଷ୍ଠାନରେ ତାଲିମ ନେଉଥିବା ପ୍ରଶିକ୍ଷଣାର୍ଥିଙ୍କ ଉପରେ ସିଧାସଳଖ ପ୍ରଭାବ ପଡୁଥିବାର ଅଭିଯୋଗ ହୋଇଛି। ବିଶେଷକରି ୩୧ ଦିନିଆ ସିଲେଇ ପ୍ରଶିକ୍ଷଣ ଭଳି ପାଠ୍ୟକ୍ରମରୁ ସମୟ ବାହାର କରି ସଭାରେ ବସାଇବା ଦ୍ୱାରା ପ୍ରଶିକ୍ଷଣର ଗୁଣବତ୍ତା ପ୍ରଭାବିତ ହେଉଥିବା କୁହାଯାଉଛି। ତେବେ ଏହି ଅଭିଯୋଗକୁ ନେଇ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ତ୍ରିନାଥ ନାଗ କହିଛନ୍ତି ଯେ, ପ୍ରଶିକ୍ଷାର୍ଥୀଙ୍କୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କେବଳ ସ୍ୱଳ୍ପ ସମୟ ପାଇଁ କାର୍ଯ୍ୟକ୍ରମରେ ଯୋଗଦେବାକୁ କୁହାଯାଇଥିଲା। ସେମାନଙ୍କୁ ଦୀର୍ଘ ସମୟ ଧରି ସଭାରେ ବସାଇବା ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇନଥିବା ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଭାରପ୍ରାପ୍ତ ଜିଲ୍ଲା ଶିଳ୍ପ ଅଧିକାରୀ ବିଭୁ ପ୍ରସାଦ ସ୍ୱାଇଁ କହିଛନ୍ତି ଯେ, କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଭିନ୍ନ ବିଭାଗ, ଅନୁଷ୍ଠାନ ଓ ସମ୍ପୃକ୍ତ ପକ୍ଷଙ୍କୁ ପୂର୍ବରୁ ଲିଖିତ ଭାବେ ସୂଚନା ଓ ନିମନ୍ତ୍ରଣ ପଠାଯାଇଥିଲା।

**● ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

## ୬୭ ଅଭିଯୋଗପତ୍ର ଦାଖଲ; ମଦ ଦୋକାନ ସ୍ଥାନାନ୍ତର ଦାବି

ଫିରିଙ୍ଗିଆ,୨୯।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର ଗୋଷ୍ଠି ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବେଦଭୂଷଣଙ୍କ ସହ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଉପଜିଲ୍ଲାପାଳ ଭିକାରି ସାହୁ, ଫୁଲବାଣୀ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶୁଭ୍ରଜିତ ବିଶ୍ୱାଳ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ, ସ୍ୱାସ୍ଥ୍ୟ ବିଭାଗ, ଅବକାରୀ ବିଭାଗ, ଜଳ ଓ ପରିମଳ ବିଭାଗ, ବନ ବିଭାଗ, ପୁଲିସ ବିଭାଗ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ଓ ଜନଶୁଣାଣିରେ ସମୁଦାୟ ୬୭ଟି ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିଶେଷ କରି ଅଧିକାଂଶ ଅଭିଯୋଗ ରାସ୍ତା, ରାସନ କାର୍ଡ, ଆବାସ ଗୃହ, ଉପରେ ଅଭିଯୋଗ ପତ୍ର ଦାଖଲ ହୋଇଥିଲା। ସେପଟେ ଫିରିଙ୍ଗିଆ ମେଡିକାଲର ଦୀର୍ଘ ଦିନ ଧରି ଅତ୍ୟାଧୁନିକ ଏକ୍ସରେ ଅଚଳ ଏବଂ ମେଡିକାଲରେ କର୍ମଚାରୀ ଗୃହ ସମସ୍ୟାକୁ ନେଇ ଅଭିଯୋଗ ହୋଇଥିଲା। ଏହାସହ ଦୀର୍ଘ ଦିନ ଧରି ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା କ୍ରାଣ୍ଡିବାଲି, ପକାରୀ, ଡିଣ୍ଡିରାଗାଁ ଓ ବନ୍ଧଗଡ଼ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ ବେହେରା ପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ବ୍ଲକ କାର୍ଯ୍ୟାଳୟକୁ ଆସୁନଥିବାରୁ ପଞ୍ଚାୟତ ଅଧୀନରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି ହେଉଛି। ଏହାକୁ ନେଇ କିଛି ଲୋକ ଯେଇଙ୍କ ମନମୁଖୀ କାର୍ଯ୍ୟକଳାପ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ବେଳେ ଜିଲ୍ଲାପାଳ ମଧ ସମ୍ପୃକ୍ତ ଯନ୍ତ୍ରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଅନ୍ୟପଟେ ଫିରିଙ୍ଗିଆ ଗୋଛାପଡ଼ା ମୁଖ୍ୟ ରାସ୍ତାର କେନ୍ଦୁପତ୍ର ଫଡି ନିକଟରେ ନୂତନ ଭାବରେ ଖୋଲା ଯାଉଥିବା ସରକାରୀ ମଦଦୋକାନକୁ ସ୍ଥାନାନ୍ତର ଦାବି କରି ଫିରିଙ୍ଗିଆ ମହିଳା ମହାସଂଘର ସଭାପତି ମାମୁନି ପ୍ରଧାନଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ମହିଳା ଜିଲ୍ଲାପାଳ ଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏହାସହ ସଲାଗୁଡା ପଞ୍ଚାୟତର ସରପଞ୍ଚ ରୋହିତ କହଁର ତାଙ୍କ ପଞ୍ଚାୟତରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କର ଦସ୍ତଖତର ନକଲ କରି ତାଙ୍କର ବିନା ଅନୁମତିରେ ତାଙ୍କର ସରପଞ୍ଚଙ୍କ ସିଲର ଅପବ୍ୟବହାର କରୁଛନ୍ତି କହି ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ପରେ ଜନ ଶୁଣାଣି ସରିବା ପରେ ଜିଲ୍ଲାପାଳ ଫିରିଙ୍ଗିଆ ବ୍ଲକ ପାଙ୍ଗା ଠାରେ ଥିବା ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ପଣସ ପ୍ରକ୍ରିୟା କରଣ ପ୍ଲାଣ୍ଟ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ର କ୍ଷେତ୍ର ପ୍ରଦର୍ଶନ କରିଥିଲେ।

### ଆଜି ପୂରିବ ରବି ଧାନ ଉଠାଣ କଣ୍ଟ

# ଏବେ ବି ଧାନ ଧରି ବସିଛନ୍ତି ହଜାର ହଜାର ଚାଷୀ

ଭୁବନେଶ୍ୱର,୨୯।୬(ସମିସ): ଚାଷୀଙ୍କଠାରୁ ସୁବ୍ୟବସ୍ଥିତ ଢଙ୍ଗରେ ସବୁ ଉତ୍ପାଦିତ ବଳକା ଧାନ ନିର୍ଦ୍ଧାରିତ ସମୟ ଓ କ୍ୱିଣ୍ଟାଲ ପ୍ରତି ୩୧୦୦ଟଙ୍କା ମୂଲ୍ୟରେ କ୍ରୟ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲା ବିଜେପି। କିନ୍ତୁ ଗଲା ଦୁଇ ବର୍ଷ ହେବ ସରକାରଙ୍କ କଥା ଓ କାମକୁ ଦେଖିଲେ ଫଳ ସମ୍ପୂର୍ଣ୍ଣ ଓଲଟା ଲାଗୁଛି। ଚଳିତ ବର୍ଷ ଖରିଫ୍ ଋତୁରେ ଚାଷୀ ନାହିଁ ନ ଥିବା ଅସୁବିଧା ଭୋଗିଥିବା ବେଳେ ରବି ହେଲା ନାହିଁ। ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ଭିଜୁଛି। ଟୋକନ ଥାଇ ମଧ ଶହ ଶହ ଚାଷୀଙ୍କଠାରୁ ଧାନ କିଣାଗଲା ନାହିଁ କିମ୍ବା ମଣ୍ଡିରୁ ଧାନ ଉଠିଲା ନାହିଁ। ମିଲର ଧାନକିଣାରେ ମନମାନି କଲେ। ଚାଷୀ ନିର୍ଦ୍ଧାରିତ ଏମଏସପି ପାଇବା ତ ଦୂରର କଥା ପ୍ରତି କ୍ୱିଣ୍ଟାଲରେ ଚାଷୀଙ୍କଠାରୁ ବାଧ୍ୟତାମୂଳକ ଭାବେ ୫ରୁ ୧୦ କେଜି ପର୍ଯ୍ୟନ୍ତ କଟନି ଛଟନି କରାଗଲା। ଯେଉଁଠି ୫୦ କ୍ୱିଣ୍ଟାଲ କ୍ରୟ କରିବା ପାଇଁ ଟୋକନ

## କ୍ରୟ ସମୟସୀମା ଜୁଲାଇ ୧୫ ପର୍ଯ୍ୟନ୍ତ ବୃଦ୍ଧି ଦାବି

ଋତୁରେ ସ୍ଥିତି ଆହୁରି ଉଦ୍‌ବେଗଜନକ ହୋଇଛି। ଫଳସ୍ୱରୂପ ମଙ୍ଗଳବାର ରବି ଧାନ କ୍ରୟର ଶେଷ ଦିନ ହୋଇଥିଲେ ମଧ ଏବେ ବି ହଜାର ହଜାର ଚାଷୀ ଧାନ ଧରି ମଣ୍ଡି ଆଗରେ ବସିଛନ୍ତି।

ରବ ଋତୁରେ ସରକାର ଜୁନ୍ ୩୦ ସୁଦ୍ଧା ୨୦ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। କିନ୍ତୁ ଅଦ୍ୟାବଧି ଲକ୍ଷ୍ୟଧାର୍ଯ୍ୟ ପୂରଣ ଦିଆଯାଇଛି ସେଠାରେ ମାତ୍ର ୧୦ କ୍ୱିଣ୍ଟାଲ କ୍ରୟ କରାଯାଇଛି। ଫଳରେ ସରକାରଙ୍କ ରବିଧାନ କ୍ରୟ ଲକ୍ଷ୍ୟଧାର୍ଯ୍ୟ ୨୦ ଲକ୍ଷ ମେଟ୍ରିକ୍ ଟନ୍ ପରେ ଏବେ ଚାଷୀଙ୍କ ପାଖରେ ଆହୁରି ପ୍ରାୟ୨୫ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ବଳକା ଧାନ ରହିଛି। ଜୁନ୍ ୩୦ରେ କଣ୍ଟ ପୁରୁଥିବାରୁ ଏବେ ଚାଷୀଙ୍କ ମୁଣ୍ଡରେ ଚଢ଼କ ପଡ଼ିଛି।

ଏହି ଘଟଣାକୁ ନେଇ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଥିବା ବେଳେ ଏପରି ନୀତିକୁ ଦୃଢ଼ ସମାଲୋଚନା କରିଛନ୍ତି। ପୁନଶ୍ଚ ସେ କହିଛନ୍ତି ଯେ, ବହୁ ପରିଶ୍ରମ ଓ ଅର୍ଥ ବିନିଯୋଗରେ ଗତ ଖରିଫ୍ ଓ ରବିରେ ଚାଷୀ ପ୍ରଚୁର ଧାନ ଉତ୍ପାଦନ କଲେ। ସରକାର ପ୍ରତିଶ୍ରୁତି ମୁତାବକ ଚାଷୀର ସମସ୍ତ ବଳକା ଧାନ କିଣିବା ଉଚିତ୍। ପୂର୍ବବର୍ଷଗୁଡ଼ିକ ତୁଳନାରେ ଏହି ସରକାରରେ ଚାଷୀ ସବୁଠାରୁ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ସରକାରଙ୍କୁ ଭରଷା କରି ଚାଷୀକୁଳ ଦୁଶ୍ଚିନ୍ତାରେ ପଡ଼ିଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଖରେ ଥିବା ସବୁ ବଳକା ଧାନ କିଣିବା ପାଇଁ ଜୁନ୍ ୩୦ ତାରିଖ ପରିବର୍ତ୍ତେ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି। ବରଗଡ଼, ବଲାଙ୍ଗିର, ସମ୍ବଲପୁର, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ପ୍ରଭୃତ ଜିଲ୍ଲାର ଏବେ ବି ଚାଷୀମାନେ ମଣ୍ଡି ଆଗରେ ବସିଛନ୍ତି। ଆଗକୁ ବର୍ଷା ବଢ଼ିବା ଆଶଙ୍କା ରହିଥିବାରୁ ସେଠାରେ ଯୁଦ୍ଧକାଳୀନ ଭିତ୍ତିରେ ସରକାର ଧାନ ଉଠାଇବା ପାଇଁ ଦାବି ହୋଇଛି।

## ଜୁଲାଇ ୪ରେ ଶାହାଙ୍କ ଦୁଇଦିନିଆ ବରଗଡ଼ ଏବଂ ସମ୍ବଲପୁର ଗସ୍ତ

ସମ୍ବଲପୁର,୨୯।୬(ସମିସ): ଆସନ୍ତା ଜୁଲାଇ ମାସ ଓଡ଼ିଶା ଗସ୍ତ ରେ ଆସୁଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହା। ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପ୍ରଦତ୍ତ ସୂଚନା ମୁତାବକ, ଗୃହ ମନ୍ତ୍ରୀ ଶ୍ରୀ ଶାହା ୪ ତାରିଖ ରେ ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିବେ । ସେଠାରୁ ସଡ଼କ ପଥରେ ବରଗଡ଼ ଯିବେ । ବରଗଡ଼ରେ ୧୭୫୦ କୋଟି ଟଙ୍କା ବ୍ୟୟ ରେ ନିର୍ମିତ ଇଥାନଅଲ୍ ପ୍ଲାଣ୍ଟକୁ ଲୋକାର୍ପଣ କରିବେ । ଏହାପରେ ଏକ ସାଧାରଣସଭା ରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ବରଗଡ଼ରୁ କର୍ଯ୍ୟକ୍ରମ ସାରି ସମ୍ବଲପୁର ଆସି ରାତ୍ରିଯାପନ କରିବେ । ୫ ତାରିଖରେ ସମ୍ବଲପୁରରେ ବିଭିନ୍ନ ପ୍ରକଳ୍ପ ର ଶିଳାନ୍ୟାସ କରିବେ । ଏହାପରେ ଏକ ଦଳୀୟ ସାଧାରଣ ସଭା ରେ ଯୋଗ ଦେବେ। ଏହା ପରେ ସେ ନୂଆଁ ଦିଲ୍ଲୀ ଫେରିବାର କାର୍ଯ୍ୟକ୍ରମ ରହିଛି । ବିଭିନ୍ନ କାର୍ଯ୍ୟକ୍ରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ବରଗଡ଼ ସାଂସଦ ପ୍ରଦୀପ କୁମାର ପୁରୋହିତ ଙ୍କ ସମେତ ରାଜ୍ୟ ର ଅନେକ ମନ୍ତ୍ରୀ, ସାଂସଦ, ବିଧାୟକ ସାମିଲ୍ ବୋଲି ଶ୍ରୀ ବକ୍ସି ସୂଚନା ଦେଇଛନ୍ତି ।

## ଗିରଫଦାରୀର କାରଣ ଅଭିଯୁକ୍ତଙ୍କୁ ଲିଖିତ ଜଣାଇବାକୁ ବାଧ: ହାଇକୋର୍ଟ

କଟକ,୨୯।୬(ସମିସ): ଗିରଫ ସମୟରେ ଅଭିଯୁକ୍ତଙ୍କୁ ଗିରଫଦାରୀର କାରଣ ଲିଖିତ ଭାବେ ନ ଜଣାଇବା ଏକ ଗମ୍ଭୀର ତ୍ରୁଟି ଏବଂ ଏହା ଆଧାରରେ ସାଇବର ଅପରାଧ ମାମଲାରେ ମଧ ଜାମିନ ମିଳିପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିର୍ଦ୍ଦେଶକୁ ଆଧାର କରି ହାଇକୋର୍ଟ କହିଛନ୍ତି ଯେ ଗିରଫ ବ୍ୟକ୍ତିଙ୍କୁ ତାଙ୍କ ଗିରଫଦାରୀର କାରଣ ଲିଖିତ ଆକାରରେ ଏବଂ ସେ ବୁଝିପାରୁଥିବା ଭାଷାରେ ଜଣାଇବା ବାଧ୍ୟତାମୂଳକ। ସାଇବର ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ କଟକ ସାଇବର ଥାନାରେ ଆବେଦନକାରୀ ଅଭିଯୁକ୍ତ ରାକେଶ ଚୌଧୁରୀଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ, ସେ ଅନ୍ୟ ଲୋକଙ୍କ ଅଜାଣତରେ ସେମାନଙ୍କ ମୋବାଇଲ୍ ଫୋନ୍, ଡେବିଟ୍ କାର୍ଡ ଓ ଇଲେକ୍‌ଟ୍ରୋନିକ ସାମଗ୍ରୀ ବ୍ୟବହାର କରି ନକଲି ବ୍ୟବସାୟିକ ଆକାଉଣ୍ଟ ଖୋଲିଥିଲେ ଏବଂ ସେହି ଆକାଉଣ୍ଟଗୁଡ଼ିକ ମାଧ୍ୟମରେ ବେଆଇନ ଅର୍ଥ କାରବାର କରୁଥିଲେ। ଏହି ମାମଲାରେ ପୁଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଗିରଫ ସମୟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୪୭ ଏବଂ ସମ୍ବିଧାନର ଅନୁଚ୍ଛେଦ ୨୨(୧)ର ଉଲ୍ଲଂଘନ କରାଯାଇଛି। ତଦନ୍ତକାରୀ ଅଧିକାରୀ ଦାଖଲ କରିଥିବା ମେମୋ ଏକ ପ୍ରିଣ୍ଟେଡ୍ ଟେମ୍ପଲେଟ୍ ଫର୍ମାଟ୍ ଥିଲା। ଯେଉଁଥିରେ କେବଳ ଦସ୍ତଖତ ରହିଥିଲା। ଅଭିଯୁକ୍ତ ବୁଝିପାରୁଥିବା ଭାଷାରେ ତାଙ୍କୁ ଗିରଫର କାରଣ ଲିଖିତ ଭାବେ ଜଣାଯାଇଥିବା ନେଇ ସତ୍ୟପାଠରେ କୌଣସି ଉଲ୍ଲେଖ ନଥିଲା।

## ୫ ବର୍ଷ ପରେ ମାଲକାନଗିରିର ଚର୍ଚ୍ଚିତ ଲୁଟ୍ ଘଟଣାର ପର୍ଦ୍ଦାଫାସ୍; ଲୁଟେରା ଦମ୍ପତି ଗିରଫ

ମାଲକାନଗିରି,୨୯।୬(ସମିସ): ମାଲକାନଗିରି ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଦୀର୍ଘ ୫ ବର୍ଷର ତଦନ୍ତ ପରେ ଜିଲ୍ଲାର ସବୁଠାରୁ ଚର୍ଚ୍ଚିତ ସୁନା ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ଘଟଣାରେ ସମ୍ପୃକ୍ତ ଲୁଟେରା ଦମ୍ପତିଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ଠାରୁ ୨୦୦ ଗ୍ରାମ ସୁନା, ୨ଟି ଦେଶୀ ପିସ୍ତଲ, ଗୋଟିଏ ଲ୍ୟାପଟପ, ୯ଟି ଜୀବନ୍ତ ଗୁଳି ଏବଂ ଏକ ମୋଟରସାଇକେଲ ଜବତ କରାଯାଇଛି। ଏହି ଲୁଟ ଘଟଣା ୨ ମାର୍ଚ୍ଚ ୨୦୨୧ରେ ଘଟିଥିଲା। ମାଲକାନଗିରିର ସୁନା ବ୍ୟବସାୟୀ ସୁବାଷ ପଟ୍ଟିଲଙ୍କ ଘରେ ଭଡ଼ାଟିଆ ଭାବେ ରହୁଥିବା ଏକ ଦମ୍ପତି ଚତୁରତାର ସହ ବିଶ୍ୱାସ ଜିତିଥିଲେ। ସେମାନେ ଆନ୍ଧ୍ରପ୍ରଦେଶରୁ ପ୍ରେମ ବିବାହ କରି ଆସିଥିବା କହି ଘର ଭଡ଼ା ନେଇଥିଲେ। ପ୍ରାୟ ତିନି ମାସ ଧରି ସୁବାଷଙ୍କ ଘରେ ରହି ସେମାନେ ଲୁଟ ଯୋଜନା ପ୍ରସ୍ତୁତ କରିଥିଲେ। ଅଭିଯୁକ୍ତ ଦମ୍ପତିଙ୍କ ନାମ ମାଡାସୁ ଜୋନ ପୋଲ ଏବଂ ଇନ୍ତୁରୀ ଅରୁଣା ବୋଲି ଜଣାପଡ଼ିଛି। ୨୦୨୧ ମାର୍ଚ୍ଚ ୨ ତାରିଖରେ ଜୋନ ପୋଲ ଚାକିରି ପାଇଥିବା କହି ସୁବାଷଙ୍କ ପରିବାର ସଦସ୍ୟ ଓ ପଡ଼ୋଶୀମାନଙ୍କୁ ମିଠା ଖୁଆଇଥିଲେ। ସେହି ମିଠାରେ ବିଷାକ୍ତ ପଦାର୍ଥ ମିଶାଇ ଦିଆଯାଇଥିବାରୁ ଖାଇବା ପରେ ସମସ୍ତେ ଅଚେତ ହୋଇଯାଇଥିଲେ।

ଏହାର ସୁଯୋଗ ନେଇ ଦମ୍ପତି ସୁବାଷଙ୍କ ଘରୁ ପ୍ରାୟ ୭୦୦ ଗ୍ରାମ ସୁନା, ୨ ଲକ୍ଷ ଟଙ୍କା ନଗଦ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟି ଫେରାର ହୋଇଯାଇଥିଲେ। ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଦମ୍ପତି ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲା ଅନ୍ତର୍ଗତ କାକାନି ଥାନା ଅଞ୍ଚଳର କୁପ୍ପୁରାଭାରୁ ଗ୍ରାମର ବାସିନ୍ଦା। ସେମାନେ ଅତ୍ୟନ୍ତ ଚତୁରତାର ସହ ଫୋନ ବ୍ୟବହାର କରୁନଥିଲେ, ଯାହାଫଳରେ ପୁଲିସ ପାଇଁ ସେମାନଙ୍କୁ ଟ୍ରାକ୍ କରିବା କଷ୍ଟସାଧ ହୋଇପଡ଼ିଥିଲା।

ତେବେ ନିକଟରେ ହୋଇଥିବା ଏକ ଭୁଲ ସେମାନଙ୍କୁ ପୁଲିସ ଜାଲରେ ଆଣିଦେଇଥିଲା। ସାଇବର ସେଲର ସହାୟତାରେ ଅଭିଯୁକ୍ତମାନେ ତାମିଲନାଡୁର କନ୍ୟାକୁମାରୀରେ ରହୁଥିବା ସନ୍ଧାନ ମିଳିଥିଲା। ପରେ ମାଲକାନଗିରି ପୁଲିସ ସେଠାରେ ପହଞ୍ଚି ଦମ୍ପତିଙ୍କୁ ଗିରଫ କରି ମାଲକାନଗିରି ଆଣିଥିଲା। ପଚରାଉଚରା ପରେ ସେମାନଙ୍କ ଠାରୁ ୨୦୦ ଗ୍ରାମ ସୁନା, ୨ଟି ଦେଶୀ ପିସ୍ତଲ, ଗୋଟିଏ ଲ୍ୟାପଟପ, ୯ଟି ଜୀବନ୍ତ ଗୁଳି ଏବଂ ଏକ ମୋଟରସାଇକେଲ ଜବତ କରାଯାଇଛି। ଆନ୍ଧ୍ରପ୍ରଦେଶର ବିଭିନ୍ନ ଥାନାରେ ମଧ ସେମାନଙ୍କ ନାମରେ ଏକାଧିକ ମାମଲା ରହିଥିବା ସୂଚନା ମିଳିଛି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିନୋଦ ପାଟିଲ, ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦଳେଇ ଏବଂ ଆଇଆଇସି ରିଗାନ କିଣ୍ଡୋ ଘଟଣା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି।

### ୯ ଦାନହୁଣ୍ଡି ଗଣତି ଶେଷ

## ମା' ମଝିଘରିଆଣୀଙ୍କ ହୁଣ୍ଡିରୁ ମିଳିଲା ୧.୨୨ କୋଟି

ରାୟଗଡ଼, ୨୯।୬ (ସମିସ): ରାୟଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ୯ଟି ଦାନ ହୁଣ୍ଡିର ଗଣତି କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶେଷ ହୋଇଛି। ସକାଳୁ ଆରମ୍ଭ ହୋଇଥିବା ଗଣତି ପ୍ରକ୍ରିୟାରେ ଓଡିଶା ଗ୍ରାମୀଣ




ବ୍ୟାଙ୍କ କର୍ମଚାରୀ, ୨୦୦ ଜଣ ସ୍ୱେଚ୍ଛାସେବୀ ଓ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କ ଉପସ୍ଥିତିରେ ସମସ୍ତ ହୁଣ୍ଡିର ଦାନ ଗଣନା କରାଯାଇଥିଲା। ଗଣତି ଶେଷ ପରେ ମୋଟ ୧ କୋଟି ୨୨ ଲକ୍ଷ ୨୯ ହଜାର ୬୨୩ ଟଙ୍କା ନଗଦ ଦାନ ମିଳିଥିବା ଜଣାପଡ଼ିଛି। ଏଥିସହ ୩୨ ଗ୍ରାମ ସୁନା ଏବଂ ୧ କିଲୋ ୩୦୦ ଗ୍ରାମ ରୁପା ଅଳଙ୍କାର ମଧ ହୁଣ୍ଡିରୁ ବାହାରିଛି ବୋଲି ମନ୍ଦିର ଟ୍ରଷ୍ଟି ରାଇସିଂ ବିଡ଼ିକା କହିଛନ୍ତି । ନଗଦ ଦାନ ମଧରେ ୧୦୦ ଟଙ୍କିଆ ନୋଟ୍ ସର୍ବାଧିକ ରହିଥିବା ବେଳେ ୫୦୦, ୨୦୦, ୫୦, ୨୦ ଓ ୧୦ ଟଙ୍କିଆ ନୋଟ୍‌ର ମଧ ବିପୁଳ ପରିମାଣ ମିଳିଛି। ସେହିପରି ୨୦, ୧୦, ୫, ୨ ଓ ୧ ଟଙ୍କିଆ କଏନ୍ ମଧ ଭକ୍ତମାନେ ଦାନ କରିଛନ୍ତି। ହୁଣ୍ଡିରୁ ଆମେରିକା, କାନାଡା, ଅଷ୍ଟ୍ରେଲିଆ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ନେପାଳ, କତାର, ଚୀନ ଓ ଫିଲିପାଇନ୍ସ ସମେତ ୮ଟି ଦେଶର ବିଦେଶୀ ମୁଦ୍ରା ମଧ ବାହାରିଛି। ଏଥିରେ ଆମେରିକାର ୧୦ ଡଲାର ଓ ୧ ଡଲାର, କାନାଡାର ୫ ଡଲାର, ଅଷ୍ଟ୍ରେଲିଆର ୫ ଡଲାର, ୟୁଏଇର ୫ ଦିରହାମ୍, ନେପାଳର ୧୦ ରୁପି, କତାରର ୧ ରିୟାଲ୍, ଚୀନର ୧ ୟୁଆନ୍ ଏବଂ ଫିଲିପାଇନ୍ସର ୨୦ ପିସୋର ଗୋଟିଏ ଲେଖାଏଁ ନୋଟ୍ ରହିଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ଦେଶ ଓ ବିଦେଶରେ ଥିବା ମା'ଙ୍କ ଭକ୍ତମାନେ ନିଜ ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ସ୍ୱରୂପ ଏହି ଦାନ ଅର୍ପଣ କରିଛନ୍ତି। ଗଣତି ପ୍ରକ୍ରିୟା କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। ଦାନ ହୁଣ୍ଡିରୁ ମିଳିଥିବା ଟଙ୍କା, ଅଳଙ୍କାର ସବୁ ରାୟଗଡ ଓଡିଶା ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ ଶାଖାରେ ଜମା କରାଯିବ ବୋଲି କୁହାଯାଇଛି । ଆଜିର ଏହି ଗଣତି ବେଳେ ଦେବୋତ୍ତର କମିଶନ ନିରୀକ୍ଷକ ପୁଷ୍ପିତା ବେହେରା, ଅଧିକାରୀ ତଥା ସ୍ଥାନୀୟ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ଅତିରିକ୍ତ ତହସିଲଦାର ଦେବାଶିଷ ବିଶ୍ୱାସ, ମନ୍ଦିର ଅଧିକ୍ଷକ ବିଜୟନନ୍ଦ, ହିସାବରକ୍ଷକ ବସ ଭେଙ୍କଟ ରାଓଙ୍କ ସମେତ ମନ୍ଦିର ଟ୍ରଷ୍ଟି ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବଜ୍ରପାତରେ ନାବାଳକ ମୃତ

ଖଡ଼ିଆଲ,୨୯।୬(ସମିସ): ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅଧୀନ ବୋଇରଗା ଗ୍ରାମରେ ବଜ୍ରପାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ଣ ସମୟରେ ସାଗର ମାଝୀ(୧୨) ତାଙ୍କ ପୁରୁଣା ଘରରୁ ଯାଉଥିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୋଡେନ ପୁଲିସ ପହଞ୍ଚି ଶବ ଜବତ କରିଛି।

## ସାପ କାମୁଡ଼ାରେ ବୃଦ୍ଧ ମୃତ

ଜୁନାଗଡ଼,୨୯।୬(ସମିସ): ଜୁନାଗଡ଼ ସହର ଗନ୍ତାୟତ ପଡ଼ାରେ ଏକ ନାଗ ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସ୍ୱର୍ଗତ ରାଜକୁମାର ପୂଝାରୀଙ୍କ ପୁଅ ଦଶରଥ ପୂଝାରୀ। ଦଶରଥ ନିଜ ଘରେ ଶୋଇଥିବା ସମୟରେ ନାଗ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## +୨ ରି-ଚେକିଂ ଓ ରି-ଆଡିସନ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୨୯।୬(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ +୨ ପରୀକ୍ଷା ଫଳର ରି-ଚେକିଂ ଏବଂ ରି-ଆଡିସନ ପାଇଁ ଆବେଦନ ଅବଧିକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଜୁନ ୧୯ରୁ ୩୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଭିଯୋଗ କରିପାରିବେ ବୋଲି ନିର୍ଦ୍ଧାରିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ଅବଧିକୁ ଜୁଲାଇ ୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚମାଧମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅବଗତ କରିଛନ୍ତି। ଏହି ବର୍ଦ୍ଧିତ ସମୟସୀମା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦେବା ସହ ଛାତ୍ରଛାତ୍ରୀମାନେ ପ୍ରଥମେ ନିଜର ଉତ୍ତରଖାତାର ସ୍କାନ କପି ଡାଉନଲୋଡ୍ କରିବା ପରେ ରି-ଚେକିଂ କିମ୍ବା ରି-ଆଡିସନ୍ ପାଇଁ ଆବେଦନ କରିପାରିବେ ବୋଲି କୁହାଯାଇଛି।

## ଲାଞ୍ଚ ମାମଲାରେ ପୂର୍ବତନ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ୪ ବର୍ଷ ଜେଲ୍

କଟକ,୨୯।୬(ସମିସ): ଦୁର୍ନୀତି ନିବାରଣ କ୍ଷେତ୍ରରେ ଓଡ଼ିଶା ଭିଜିଲାନ୍ସକୁ ଆଉ ଏକ ବଡ଼ ସଫଳତା ମିଳିଛି। କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ୟୁଜିପିଏଚ୍‌ସି (ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ର ପୂର୍ବତନ ବହୁମୁଖୀ ସ୍ୱାସ୍ଥ୍ୟ ସୁପରଭାଇଜର ତଥା ମେଡିକାଲ ପରିସଂଖ୍ୟାନ ବିଭାଗର ପ୍ରଭାରୀ ରାସବିହାରୀ ମହାନ୍ତିଙ୍କୁ ଆଜି ଏକ ଲାଞ୍ଚ କାରବାର ମାମଲାରେ ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଟକର ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ଅଦାଲତ ତାଙ୍କୁ ୪ ବର୍ଷର ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ ଶୁଣାଇଛନ୍ତି। ଦଣ୍ଡାଦେଶ ପ୍ରକାଶ ପାଇବା ପରେ ଦୋଷୀ ସାବ୍ୟସ୍ତ ହୋଇଥିବା ଶ୍ରୀ ମହାନ୍ତିଙ୍କୁ ତୁରନ୍ତ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ସେ ଚାକିରିରୁ ଅବସର ନେଇସାରିଛନ୍ତି। ତେବେ କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ପେନସନ ସ୍ଥାୟୀ ଭାବେ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କ ନିକଟରେ ଖୁବ୍‌ଶୀଘ୍ର ଆବେଦନ କରିବ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଜଣେ ମହିଳାଙ୍କ ମୃତ ପିତାଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ରାସବିହାରୀ ଲାଞ୍ଚ ଦାବି କରିବା ସହ ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଥିଲେ। ଏହି ମାମଲାରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ସହ ଅଦାଲତରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା।

### ମୟୂରଭଞ୍ଜରେ ବିଜେଡିର ୨ଟି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ମାଆ-ଝିଅଙ୍କୁ ହତ୍ୟା ଓ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ତୀବ୍ର ଉଦ୍‌ବେଗ

ବାରିପଦା/ବେତନଟୀ/ଠାକୁରମୁଣ୍ଡା/ମହୁଲଡିହା, ୨୯।୬(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପୃଥକ ଦୁଇଟି ଅତ୍ୟନ୍ତ ସମ୍ବେଦନଶୀଳ ଓ ନିର୍ମମ ହତ୍ୟାକାଣ୍ଡକୁ ନେଇ ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଜିଲ୍ଲାର ସୁରକ୍ଷା ଓ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଏହି



ଦୁଇଟି ଘଟଣାକୁ ନେଇ ବିରୋଧୀ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଦୁଇଟି ପୃଥକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ (ତଥ୍ୟ ଅନୁସନ୍ଧାନକାରୀ ଦଳ) ସୋମବାର ପୃଥକ ଭାବେ ମୟୂରଭଞ୍ଜ ଗସ୍ତ କରି ପୀଡ଼ିତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି। ଏଥିସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ତତ୍‌ସହିତ ଗସ୍ତର ରିପୋର୍ଟ ଦଳର ସଭାପତିଙ୍କ ପାଖକୁ ପଠାଇଛନ୍ତି।

■ ପୀଡ଼ିତାଙ୍କ ପରିବାରକୁ ଭେଟିଲେ ପ୍ରତିନିଧି ଦଳ
■ ଏସ୍‌ପିଙ୍କୁ ସାକ୍ଷାତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଜିଲ୍ଲାର ମହୁଲଡିହା ଥାନା ଅନ୍ତର୍ଗତ ଡୋକେଇପାଳ ଗ୍ରାମର ମୁକ୍ତାଝରି ସାହିରେ ଘଟିଥିବା ମାଆ ଓ ନାବାଳିକା ଝିଅଙ୍କ ନିର୍ମମ ହତ୍ୟାକାଣ୍ଡ (ଡବଲ ମର୍ଡର) ସ୍ଥଳ ଗସ୍ତ କରିଛି ପ୍ରଥମ ଟିମ୍। ବିଜେଡି ମୟୂରଭଞ୍ଜ ଜିଲ୍ଲା-୨ ସଭାପତି ଡା. ଦେବାଶିଷ ମାରାଣ୍ଡିଙ୍କ ସଂଯୋଜନାରେ ଗଠିତ ଟିମରେ ପୂର୍ବତନ ମନ୍ତ୍ରୀ ବସନ୍ତୀ ହେମ୍ବ୍ରମ, ରାଇସେନ ମୁର୍ମୁ, ଚକ୍ରଧର ହେମ୍ବ୍ରମ ଓ କାଶୀନାଥ ହେମ୍ବ୍ରମଙ୍କ ସହିତ ଅନ୍ୟମାନେ ସାମିଲ ହୋଇ ପ୍ରଭାବିତ ପରିବାରକୁ ସମବେଦନା ଜଣାଇବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସେମାନେ ମହୁଲଡିହା ଥାନା ଅଧିକାରୀ ଓ ରାଇରଙ୍ଗପୁର ଏସ୍‌ପିଙ୍କୁ ଭେଟି ତ୍ୱରିତ ପଦକ୍ଷେପ ସାଙ୍ଗକୁ ହତ୍ୟାକାରୀକୁ ଗିରଫ ଦାବି କରିଛନ୍ତି।

ସେହିପରି ବେତନଟୀ ଅଞ୍ଚଳର ୩୯ ବର୍ଷୀୟ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାର ଅନୁସନ୍ଧାନ ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଙ୍କ ସଂଯୋଜନାରେ ଦ୍ୱିତୀୟ ଟିମରେ ପ୍ରତିନନ୍ଦା କାନୁନଗୋ, ଦୀପ୍ତିଲତା ମିଶ୍ର, ସୁବାସିନୀ ନାଏକ, ସବିତା ଦାସ, ସବିତା ବେହେରା, ବୀଣାପାଣି ସାହୁ, ଶ୍ରାବଣୀ ଦାସ, ବିଶ୍ୱନାଥ ହେମ୍ବ୍ରମ, ରାଜୀବ ରଞ୍ଜନ ସେନାପତି, ଦୁବାୟ ବେହେରା, ଚୈତନ୍ୟ ଟୁଡୁ, କିଶୋର ନାୟକ, ରାଜେନ ଦାସ, ଦୀପକ ସାହୁ ଓ ଚିତେଶ୍ୱର ବେହେରାଙ୍କ ସମେତ ବହୁ ନେତୃବୃନ୍ଦ ପରିବାରକୁ ଭେଟିଛନ୍ତି। ଉଭୟ ଟିମ୍ ଘଟଣାର ସରଜମିନ ତଦନ୍ତ କରିଥିଲେ। ମୃତା ମହିଳାଙ୍କ ସ୍ୱାମୀ ପରିବାର ପ୍ରତି ବିପଦ ଆଶଙ୍କା କରି ସୁରକ୍ଷା ଲୋଡିଛନ୍ତି। ଏନେଇ ଟିମ ବେତନଟୀ ଆଇଆଇସି ଓ ବାରିପଦାରେ ଏସ୍‌ପିଙ୍କୁ ଭେଟି ଦାବି ରଖିଛନ୍ତି। ତତ୍‌ସହିତ ଉଭୟ ଟିମ୍ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ। ଦଳର ଗଣମାଧ୍ୟମ ସଂଯୋଜକ ପ୍ରିୟବ୍ରତ ମାଝୀ ଏକ ପ୍ରେସ ବିବୃତିରେ ରାଜ୍ୟରେ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବା ସହ ଦ୍ରୁତ ତଦନ୍ତ ଓ ବିଚାର ପ୍ରକ୍ରିୟା ପାଇଁ ଦାବି କରିଛନ୍ତି।

### ଦୁର୍ନୀତି ମାମଲାରେ ପୂର୍ବତନ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ

## ଦୁଇ ବର୍ଷ ଜେଲ୍, ପେନ୍‌ସନ୍ ବନ୍ଦ

ବାରିପଦା, ୨୯।୬ (ସମିସ): ଆୟବହିର୍ଭୂତ ସମ୍ପତ୍ତି ଠାବ ମାମଲାରେ ମୟୂରଭଞ୍ଜ ଜିଲ୍ଲାର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ସୋମବାର ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ମୟୂରଭଞ୍ଜ ଉଠା ଜଳସେଚନ ବିଭାଗର ପୂର୍ବତନ କନିଷ୍ଠ ଯନ୍ତ୍ରୀ ଗଙ୍ଗାଧର ମହାନ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ମୁତାବକ, ଭ୍ରଷ୍ଟାଚାର ନିବାରଣ ଆଇନ (ପିସି ଆକ୍ଟ ୧୯୮୮)ର ଧାରା ୧୩(୨) ଓ ୧୩(୧)(ଇ) ସହ ଆଇପିସି ଧାରା ୧୦୯ ଅଧୀନରେ ଓଡ଼ିଶା ଭିଜିଲାନ୍ସ ଗଙ୍ଗାଧରଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ସୋମବାର ମାମଲାର ବିଚାର କରି ସ୍ୱତନ୍ତ୍ର ଜଜ୍ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇବା ସହ ୧ ଲକ୍ଷ ଟଙ୍କାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ରାୟ ପ୍ରକାଶ ପାଇବା ପରେ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଦୋଷୀ ସାବ୍ୟସ୍ତ ହୋଇଥିବାରୁ ଅବସରପ୍ରାପ୍ତ ଯନ୍ତ୍ରୀ ଗଙ୍ଗାଧର ମହାନ୍ତଙ୍କ ପେନସନ୍ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସମ୍ପୃକ୍ତ ସକ୍ଷମ କର୍ତ୍ତୃପକ୍ଷଙ୍କୁ ଭିଜିଲାନ୍ସ ସୁପାରିଶ କରିବ ବୋଲି ଜଣାପଡ଼ିଛି। ସରକାରୀ ସ୍ତରରେ ଦୁର୍ନୀତି ବିରୋଧରେ ଭିଜିଲାନ୍ସର ଏହି କାର୍ଯ୍ୟାନୁଷ୍ଠାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

### ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବହେଳା

## ଟ୍ରଲିରେ ଗଲା ମୃତଦେହ



ରାସଗୋବିନ୍ଦପୁର,୨୯।୬ (ସମିସ): ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ତକଡିଦା ଗ୍ରାମର ସୁରୁବାବୁ ନାଏକଙ୍କ ପୁଅ ସ୍ୱପ୍ନା ନାଏକ ଗତ ଏକମାସ ଧରି ଯକ୍ଷ୍ମା ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ରବିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ଶବକୁ ସମ୍ମାନଜନକ ଭାବେ ନେବାକୁ ଡାକ୍ତରଖାନା ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଶେଷରେ ବର୍ଷା ମଧ୍ୟରେ ଟଲି ରିକ୍ସାରେ ମୃତଦେହକୁ ନେବାକୁ ପଡ଼ିଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଓ ଚର୍ଚ୍ଚା ସୃଷ୍ଟି ହୋଇଛି। ସରକାର ସ୍ୱାସ୍ଥ୍ୟସେବାର ଉନ୍ନତି ଓ ରୋଗୀ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ଏପରି ଘଟଣା କାହିଁକି ଘଟୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଉକ୍ତ ଘଟଣାର ସଠିକ୍ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ପ୍ରତିଯୋଗିତାମୂଳକ ପରୀକ୍ଷାରେ କମିବ ଓଡ଼ିଆ ପିଲାଙ୍କ ପ୍ରଦର୍ଶନ

ଭୁବନେଶ୍ୱର,୨୯।୬(ସମିସ): ଓଡ଼ିଆ ପିଲାଙ୍କ ପାଇଁ ଆଉ ଇଂରାଜୀ ପଢ଼ିବା ବାଧ୍ୟତାମୂଳକ ନୁହେଁ। ଯାହାର ଇଚ୍ଛା ସେ ପଢ଼ିପାରିବେ, ଅନ୍ୟଥା ସଂସ୍କୃତ ଓ ହିନ୍ଦୀ ଭାଷାରେ ପିଲା ପାଠ ପଢ଼ିବେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ତିନୋଟି ଭାଷାରେ ଶିକ୍ଷାଦାନ ନେଇ ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ଯାହାକୁ ନେଇ ପୁଣି ବିବାଦ ଦେଖାଦେଇଛି। ବହି ବିବାଦ ସରକାରଙ୍କ ପିଛା ଛାଡ଼ି ନ ଥିବାବେଳେ ଇଂରାଜୀ ଠାରୁ ପିଲାଙ୍କୁ ଦୂରେଇବା ଷଡ୍‌ଯନ୍ତ୍ର ଆଉ ଏକ ନୂତନ ବିବାଦ ସୃଷ୍ଟି କରିଛି।

ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଚିଠି ଲେଖି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଭାଷା ବିଷୟ ସମ୍ପର୍କରେ ସ୍ପଷ୍ଟୀକରଣ ରଖିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ ଛାତ୍ରଛାତ୍ରୀମାନେ ପ୍ରଥମ ଭାଷା (ଆର୍-୧) ଭାବେ ମାତୃଭାଷା ବା ହୋମ୍ ଲାଙ୍ଗୁଏଜ୍‌କୁ ଚୟନ କରିବେ। ସେହିପରି ଦ୍ୱିତୀୟ ଭାଷା (ଆର୍-୨) ଭାବେ ସଂସ୍କୃତ ବା ହିନ୍ଦୀ ବା ଇଂରାଜୀ ମଧ୍ୟରୁ ଯେ କୌଣସି ଗୋଟିଏ ଭାଷା ଚୟନ କରିବେ। ଅନୁରୂପ ଭାବେ ଆର୍-୧ ଓ ଆର୍-୨ରେ ନେଇ ନ ଥିବା ବିଷୟକୁ ତୃତୀୟ ଭାଷା (ଆର୍-୩) ଭାବେ ଛାତ୍ରଛାତ୍ରୀମାନେ ଚୟନ କରିପାରିବେ। ଶିକ୍ଷାବିତଙ୍କ କହିବା କଥା ଯଦି ଗୋଟିଏ ପିଲା ଆର୍-୧ ରେ ଓଡ଼ିଆ ଏବଂ ଆର୍-୨ ରେ ସଂସ୍କୃତ ରଖିଲା, ସେହି ପିଲା ଆର୍-୩ ଭାବେ

■ ବାଧ୍ୟତାମୂଳକରୁ ବାଦ ଦେଇ ଇଂରାଜୀ ହେଲା ଇଚ୍ଛାଧୀନ ବିଷୟ
■ ଇଂରାଜୀ ପରିବର୍ତ୍ତେ ହିନ୍ଦୀ ଓ ସଂସ୍କୃତ ପଢ଼ିବାକୁ ମିଳିବ ସୁଯୋଗ
■ ଓଡ଼ିଆ ପିଲାଙ୍କୁ ମୂର୍ଖ କରିବାକୁ ଚାଲିଛି ଷଡ଼ଯନ୍ତ୍ର: ଏଆଇଡିଏସ୍‌ଓ

ହିନ୍ଦୀ ଭାଷାରେ ପଢ଼ିପାରିବ। ଅର୍ଥାତ୍ ସେହି ପିଲା ଇଂରାଜୀ ଭାଷା ଆଦୌ ପଢ଼ିବ ନାହିଁ। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ଭାଷାରେ ଯଥାକ୍ରମେ ଓଡ଼ିଆ ଓ ଇଂରାଜୀ ବାଧ୍ୟତାମୂଳକ ଥିଲା। ଏବେ ଇଂରାଜୀ ଭାଷାକୁ ଇଚ୍ଛାଧୀନ କରାଯାଇଛି। ପୂର୍ବରୁ ପିଲାମାନେ ଇଂରାଜୀ ପଢ଼ିବା ସହ ନିଜକୁ ଜାତୀୟ ଓ ବିଶ୍ୱସ୍ତରର ପରୀକ୍ଷା ପାଇଁ ପ୍ରସ୍ତୁତ କରିପାରୁଥିଲେ। ଏବେ ପିଲାମାନେ ଇଂରାଜୀ ନ ପଢ଼ିଲେ ଆଗକୁ ଯାଇ କଣ କରିବେ ବୋଲି ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି। ଇଂରାଜୀ ଭାଷା ଦେଶ ସମେତ ବିଶ୍ୱର ଅନେକ ସ୍ଥାନରେ ବ୍ୟବହୃତ ହେଉଛି। ଏପରି ସ୍ଥଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏପରି ନିର୍ଦ୍ଦେଶନାମା ପିଲାଙ୍କୁ କୂପମଣ୍ଡୁକ କରି ରଖିବ ବୋଲି ଏଆଇଡିଏସ୍‌ଓର ନସୀମ ସରକାର ଅଭିଯୋଗ କରିଛନ୍ତି। ଓଡ଼ିଆ ପିଲାଙ୍କୁ ମୁର୍ଖ କରିବା ପାଇଁ ଏହା ଏକ ଯୋଜନାବଦ୍ଧ ସରକାରୀ ଷଡ୍‌ଯନ୍ତ୍ର ବୋଲି ସେ ଅଭିଯୋଗ କରିଛନ୍ତି।

ସକାଳ
THE SAKALA
www.sakalaepaper.com
ସମ୍ପୂର୍ଣ୍ଣା
ମଙ୍ଗଳବାର, ୩୦ ଜୁନ, ୨୦୨୬


## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୪- ସ୍ୱାଧୀନତା ସଂଗ୍ରାମୀ ଦାଦାଭାଇ ନାରୋଜିଙ୍କ ନିଧନ।
- ୧୯୨୧- ସ୍ୱିଡେନ୍ ମୃତ୍ୟୁଦଣ୍ଡକୁ ଉଠାଇ ଦେଲା।
- ୧୯୩୮- କୁନି କୁନି ପିଲାଙ୍କର ପ୍ରିୟ କାର୍ଟୁନ୍ ଚରିତ୍ର 'ସୁପରମ୍ୟାନ୍' ପ୍ରଥମ ଥର ପାଇଁ କମିକ୍ ବୁକ୍‌ରେ ସ୍ଥାନ ପାଇଲା।
- ୧୯୬୦- ଆମେରିକା କ୍ୟୁବାରୁ ଚିନି ନ ଆଣିବା ପାଇଁ ନିଷ୍ପତ୍ତି ନେଲା।
- ୨୦୦୦- ଆମେରିକୀୟ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଡିଜିଟାଲ୍ ସ୍ୱାକ୍ଷରକୁ ଆଇନର ମାନ୍ୟତା ଦେଲେ।

# 'ଧମାଲ ୫' ପାଇଁ ପ୍ରସ୍ତୁତି ଆରମ୍ଭ



ଅଜୟ ଦେବଗନ୍ ପୁଣି ଥରେ ସୁପରହିଟ୍ କମେଡି ଫ୍ରାଞ୍ଚାଇଜ୍ 'ଧମାଲ୍ ୪' ମାଧ୍ୟମରେ ବକ୍ସ ଅଫିସ୍‌ରେ ଧମାଲ୍ ମଚାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହା ଆସନ୍ତା ୧୦ ଜୁଲାଇରେ ସିନେମା ହଲରେ ରିଲିଜ୍ ହେବ। ନିକଟରେ ନିର୍ଦ୍ଦେଶକ ଇନ୍ଦ୍ର କୁମାର 'ଧମାଲ୍ ୫'କୁ ନେଇ ଏକ ଖବର ସେୟାର କରିଛନ୍ତି। ଇନ୍ଦ୍ର କୁମାର ଏହି ଫ୍ରାଞ୍ଚାଇଜ୍‌ର ପରବର୍ତ୍ତୀ ଫିଲ୍ମ ବିଷୟରେ ଅପଡେଟ୍ ଦେଇ କହିଛନ୍ତି ଯେ, "ଏହି ଲୋକପ୍ରିୟ କମେଡି ଫ୍ରାଞ୍ଚାଇଜ୍‌ର ପରବର୍ତ୍ତୀ ଫିଲ୍ମ ଉପରେ ଆଲୋଚନା ଚାଲିଛି। ଧମାଲ୍ ୫'ର ନିର୍ମାଣ ସମ୍ପୂର୍ଣ୍ଣ ରୂପେ 'ଧମାଲ୍ ୪'କୁ ଦର୍ଶକଙ୍କଠାରୁ ମିଳିବାକୁ ଥିବା ପ୍ରତିକ୍ରିୟା ଏବଂ ବକ୍ସ ଅଫିସ୍ ସଫଳତା ଉପରେ ନିର୍ଭର କରେ।" 'ଧମାଲ୍ ୪'ରେ ଅଜୟ ଦେବଗନ୍, ଅରଶଦ ୱର୍ସି, ରିତେଶ ଦେଶମୁଖ, ଜାଭେଦ୍ ଜାଫ୍ରି, ସଞ୍ଜୟ ମିଶ୍ର, ଈଶା ଗୁପ୍ତା, ସଞ୍ଜିଦା ଶେଖ, ଅଞ୍ଜଳି ଆନନ୍ଦ ପ୍ରମୁଖ ନଜର ଆସିବେ। ଏହି ଫ୍ରାଞ୍ଚାଇଜ୍‌ର ପ୍ରତ୍ୟେକ ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଏକ ଭିନ୍ନ ପ୍ରକାରର ଉତ୍ସାହ ଦେଖିବାକୁ ମିଳିଥାଏ। ଦର୍ଶକେ 'ଧମାଲ୍ ୪'କୁ ଅପେକ୍ଷା କରିଥିବାବେଳେ ସେହି ସମୟରେ 'ଧମାଲ୍ ୫'କୁ ନେଇ ଖବର ଆସିବା ଏହାଠାରୁ ବଡ଼ ସରପ୍ରାଇଜ୍ ଆଉ କ'ଣ ହୋଇପାରେ। ନିକଟରେ ଏକ ସାକ୍ଷାତକାର ସମୟରେ ଯେତେବେଳେ ଇନ୍ଦ୍ର କୁମାରଙ୍କୁ 'ଧମାଲ୍ ୫' ବିଷୟରେ ପଚରାଗଲା, ସେତେବେଳେ ସେ କହିଥିଲେ, "ମୋ ପାଖରେ ଅନେକ ଆଇଡିଆ ଅଛି, କିନ୍ତୁ କୌଣସି ଗୋଟିଏ ଉପରେ ଦୃଢ଼ ନିଷ୍ପତ୍ତି ନେଇପାରୁ ନାହିଁ, କାରଣ ମୁଁ ଜାଣିନାହିଁ ଲୋକେ 'ଧମାଲ ୪' ଦେଖି କିଭଳି ପ୍ରତିକ୍ରିୟା ଦେବେ। ଫିଲ୍ମରେ ସେମାନଙ୍କୁ କ'ଣ ପସନ୍ଦ ଆସୁଛି, ସେହି ଆଧାରରେ ହିଁ ମୁଁ ମୋର ପରବର୍ତ୍ତୀ ଫିଲ୍ମ ପାଇଁ ଯୋଜନା ପ୍ରସ୍ତୁତ କରିବି। ଲୋକମାନଙ୍କୁ କିଛି ଜିନିଷ ପସନ୍ଦ ନ ଆସିପାରେ, ତେଣୁ ମୁଁ ସେହି ସବୁ ଜିନିଷରୁ ଦୂରେଇ ରହିବି ଏବଂ କିଛି ନୂଆ କରିବାକୁ ଚେଷ୍ଟା କରିବି। କିନ୍ତୁ ହଁ, ଏହା ନିଶ୍ଚିତ ଭାବରେ ପୂର୍ବ ଅପେକ୍ଷା ଆହୁରି ବଡ଼ ସ୍ତରରେ ନିର୍ମାଣ ହେବ।'

# ଏଠାରେ ଚୋରି ହୁଏନି ଜିନିଷ



ଏମିତି ବି ଏକ ଦେଶ ଅଛି, ଯେଉଁଠି ଲୋକେ ବାଇକ୍, ଆଇଫୋନ୍, ପର୍ସ ଆଦିକୁ ଛାଡ଼ି ଚାଲିଗଲା ପରେ ବି ନିଶ୍ଚିନ୍ତ ରହନ୍ତି। କାରଣ ସେଠାରେ କୌଣସି ଜିନିଷ ଚୋରି ହୁଏ ନାହିଁ। ଦକ୍ଷିଣ କୋରିଆକୁ ବିଶ୍ୱର ସବୁଠାରୁ ସୁରକ୍ଷିତ ଏବଂ ସୁରକ୍ଷିତ ଦେଶଗୁଡ଼ିକ ମଧ୍ୟରୁ ଏକ ପ୍ରମୁଖ ଦେଶ ଭାବେ ଗଣନା କରାଯାଏ। ଏହି ଦେଶର ଲୋକମାନଙ୍କର ସାମାଜିକ ନୈତିକତା, ଶୃଙ୍ଖଳା ଏବଂ ପରସ୍ପର ପ୍ରତି ଥିବା ବିଶ୍ୱାସ ଏହାକୁ ସାରା ପୃଥିବୀରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଦକ୍ଷିଣ କୋରିଆରେ ମାସେ କାଳ ଅତିବାହିତ କରିଥିବା ଜଣେ ବ୍ୟକ୍ତିଙ୍କ ଅନୁଭୂତି ଏବେ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେଉଛି। ଏହି ବ୍ୟକ୍ତି ଜଣକ ତାଙ୍କ ପୋଷ୍ଟରେ କହିଛନ୍ତି, ଦକ୍ଷିଣ କୋରିଆରେ ଲୋକେ ଅନେକ ଜିନିଷ ନିର୍ଭୟରେ ଛାଡ଼ି ଦିଅନ୍ତି। କାରଣ ତାଙ୍କର ଭରସା ଥାଏ ଯେ, କେହି ସେସବୁ ଚୋରି କରିବେ ନାହିଁ। ଏହି ବ୍ୟକ୍ତି ଜଣକ ମାସେ ହେବ ନିଜ ସ୍ତ୍ରୀ ଓ ଝିଅ ସହିତ ଦକ୍ଷିଣ କୋରିଆରେ ରହୁଛନ୍ତି। କୌଣସି ଦୋକାନ ତଥା ରେଷ୍ଟୋରାଁକୁ ଗଲେ ସେ ବେବି ଷ୍ଟ୍ରୋଲରକୁ ବାହାରେ ରଖି ଦେଇ ଯାଆନ୍ତି। ଥରେ ସେ ନିଜ ସାଙ୍ଗମାନଙ୍କ ସହିତ ବାହାରକୁ ମଧ୍ୟାହ୍ନ ଭୋଜନ କରିବାକୁ ଯାଇଥିଲେ। ସାଙ୍ଗମାନେ ତାଲା ନ ପକାଇ ସାଇକଲ ଗଳିରେ ରଖିଥିଲେ। ଦୁଇ ଘଣ୍ଟା ପରେ ଫେରିବା ପରେ ବି ସାଇକଲ ସେହି ସ୍ଥାନରେ ସେମିତି ଥିଲା। ସେହିପରି ଆଉ ଏକ ଘଟଣା ସମ୍ପର୍କରେ ସେ କହିଛନ୍ତି ଯେ, ତାଙ୍କ ସାଙ୍ଗ ଆଇଫୋନ୍‌କୁ ପାର୍କ ବେଞ୍ଚରେ ରଖି ଭୁଲିଯାଇଥିଲେ। ପ୍ରାୟ ଚାରି ଘଣ୍ଟା ପରେ ଆସିଲା ବେଳକୁ ଫୋନ୍ ସେହି ସ୍ଥାନରେ ହିଁ ଥିଲା। ଏପରିକି କେ-ପପ୍ କନସର୍ଟ ବାହାରେ ଅନେକ ଲୋକଙ୍କ ଜିନିଷ ବି ବାହାରେ ରଖି ଯାଇଥିବା ସେ କହିଛନ୍ତି। ଏହି ବ୍ୟକ୍ତି ଜଣକ ଆହୁରି ମଧ୍ୟ କହିଛନ୍ତି, ଲୋକେ ନିଜ ଲଗେଜକୁ ମେଟ୍ରୋ ଷ୍ଟେସନ ବାହାରେ ଛାଡ଼ି ଆରାମରେ କନସର୍ଟ ଦେଖିବାକୁ ଯାଆନ୍ତି। ବ୍ୟକ୍ତି ଜଣକ ସ୍ଥାନୀୟ ଲୋକଙ୍କୁ ଜିନିଷ ଚୋରି ହେଇଯିବା ଭୟ ମନରେ ଆସେନାହିଁ ବୋଲି ପ୍ରଶ୍ନ କରିବାରୁ ଚୋରି ଜଣେ କାହିଁକି କରିବ ବୋଲି ଅନେକ ଉତ୍ତର ଦେଇଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, ଅନ୍ୟ ଦେଶରେ ଏଭଳି ସ୍ଥିତିକୁ କଳ୍ପନା କରିବା କଷ୍ଟକର। ଏଠାରେ ଆଇନ ଏବଂ ସାମାଜିକ ନିୟମର ଖୁବ୍ ସମ୍ମାନ କରାଯାଏ। ଏଠାରେ କୋଣ ଅନୁକୋଣରେ ସିସିଟିଭି କ୍ୟାମେରା ଲାଗିଛି। ଅପରାଧ କଲେ ଧରାପଡ଼ିବାର ଭୟ ଏବଂ କଠୋର ଆଇନ ବ୍ୟବସ୍ଥା ଯୋଗୁଁ ଚୋରି ପ୍ରାୟ ନାହିଁ କହିଲେ ଚଳେ। ଛୋଟମୋଟ ଚୋରିକୁ ବି ବେଶ୍ ଗୁରୁତର ସହକାରେ ନିଆଯାଏ। ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି।

# ଜେନ୍-ଜେଡ୍‌ଙ୍କୁ ପସନ୍ଦ ଭଡ଼ାରେ ଜିନିଷ ନେବା



ଆଜିର ଜେନ୍ ଜେଡ୍ ଯୁବପିଢ଼ିଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ନିଆରା। ପୂର୍ବରୁ ଜୀବନରେ ସଫଳ ହେବାର ଅର୍ଥ ନିଜର ଏକ ଘର, ଗାଡ଼ି କରିବାକୁ ବୁଝାଉଥିଲା। ହେଲେ ଆଜିର ଯୁବପିଢ଼ି ଏଭଳି ଆଦୌ ଭାବୁ ନାହାନ୍ତି। ବର୍ତ୍ତମାନ ଯୁବପିଢ଼ିଙ୍କୁ କୌଣସି ଜିନିଷ କିଣିବାକୁ ପସନ୍ଦ ନୁହେଁ। ସେ ଏସବୁ ଭଡ଼ାରେ ନେଇ ବ୍ୟବହାର କରିବାକୁ ଉଚିତ ମଣୁଛନ୍ତି। ସେମାନଙ୍କର ଏଭଳି ଚିନ୍ତାଧାରାକୁ 'ରେଣ୍ଟ ଇକୋନମି' କୁହାଯାଉଛି। ଏହାର ବଡ଼ ଉଦାହରଣ ହେଉଛି ରେଣ୍ଟୋମୋଜି ନାମକ କମ୍ପାନି। ଏହି କମ୍ପାନି ଘରର ଆସବାବପତ୍ର ଏବଂ ବୈଦ୍ୟୁତିକ ଜିନିଷଗୁଡ଼ିକୁ ଭଡ଼ାରେ ଦିଏ। ତେବେ ଏବର ଯୁବପିଢ଼ି ଶୀଘ୍ର ଚାକିରି ବଦଳାଉଛନ୍ତି। ତେଣୁ ଆଜି ଗୋଟିଏ ସହରରେ ରହିଥିବା ବେଳେ କିଛି ଦିନ ପରେ ଆଉ ଏକ ସହରକୁ ସ୍ଥାନାନ୍ତରିତ ହେବାକୁ ପଡୁଛି। ଏଭଳି ସ୍ଥିତିରେ ଭାରି ଜିନିଷ କିଣିବା ଏବଂ ସେଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟତ୍ର ନେବା କଷ୍ଟକର ହୋଇଛି। ତାହା ସହ ଏହାକୁ ସେ ଅଯଥା ଅପଚୟ ବୋଲି ଭାବୁଛନ୍ତି। ତେଣୁ ଜିନିଷ କିଣି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ ଏହାକୁ କିଛି ଦିନ ପାଇଁ ଭଡ଼ାରେ ନେବା ଭଲ ବୋଲି ସେମାନେ ଭାବୁଛନ୍ତି। ଏହାଦ୍ୱାରା ଅର୍ଥ ସଞ୍ଚୟ ହେବା ସହ ଯେତେବେଳେ ଇଚ୍ଛା ଅନ୍ୟ ସ୍ଥାନକୁ ଯିବା ସେମାନଙ୍କ ପକ୍ଷେ ସହଜ ହେଉଛି। ଯୁବପିଢ଼ିଙ୍କ ଏହି ଚିନ୍ତାଧାରା ଯୋଗୁଁ ଏଭଳି କମ୍ପାନିକୁ ଏବେ ବଡ଼ ଫାଇଦା ମିଳୁଛି। ଅବଶ୍ୟ କରୋନା ସମୟରେ ଏହି ବ୍ୟବସାୟକୁ ଅଧିକ କ୍ଷତି ସହିବାକୁ ପଡ଼ିଥିଲା। ଅନ୍ୟପଟେ ଭଡ଼ାରେ ଜିନିଷ ମିଳିବା ଦ୍ୱାରା ମଧ୍ୟବିତ୍ତ ପରିବାର ଏବଂ ଯୁବପିଢ଼ିଙ୍କୁ ଏକପ୍ରକାର ଆଶ୍ୱସ୍ତି ମିଳୁଛି। ଏହା ଦ୍ୱାରା କାହାକୁ ଅଫିସ୍ କି ଘର ସେଟ୍‌ଅପ୍ ପାଇଁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁ ନାହିଁ। ଲୋକେ ପ୍ରତି ମାସରେ ଭଡ଼ା ଦେଇ ନିଜ ପସନ୍ଦର ମହଙ୍ଗା ଫର୍ଣ୍ଣିଚର ଏବଂ ବୈଦ୍ୟୁତିକ ଉପକରଣ ବ୍ୟବହାର କରିପାରୁଛନ୍ତି। ଏହି କାରଣରୁ ଦିନକୁ ଦିନ ବଜାରରେ ଭଡ଼ାରେ ଜିନିଷ ଦେଉଥିବା କମ୍ପାନିମାନଙ୍କର ଚାହିଦା ବଢୁଛି।

# ଜୈବିକ ପଦ୍ଧତିରେ ଲେମ୍ବୁ ଚାଷ

**ଲେମ୍ବୁ ଚାଷ ଏକ ଲାଭଜନକ ବ୍ୟବସାୟ। ଏହି ଚାଷରେ ସଠିକ୍ ପଦ୍ଧତି ଆପଣାଇଲେ ଏଥିରୁ ବାର୍ଷିକ ଲାଭ ମିଳିପାରେ । ଏହାକୁ ହୃଦୟଙ୍ଗମ କରି ମଧ୍ୟପ୍ରଦେଶର ଇନ୍ଦୋର ଅନ୍ତର୍ଗତ ନାନାଖେଡା ମାଫି ଗାଁର ଲଖନ ଯାଦବ ଜୈବିକ ପଦ୍ଧତିରେ ଲେମ୍ବୁ ଚାଷ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି।**



ଲଖନ ୧୦ ଏକର ଜମିରେ ପାଞ୍ଚ ଏକରରେ ବାଲାଜି କିସମ ଏବଂ ପାଞ୍ଚ ଏକରରେ କାଗିଜି ଲେମ୍ବୁ ଚାଷ କରନ୍ତି। ପ୍ରତି ଏକର ପିଛା ସେ ୧୪୦ଟି ଗଛ ଲଗାଇଛନ୍ତି। ପ୍ରତ୍ୟେକ ଗଛରୁ ୨୫ରୁ ୩୦ କିଲୋଗ୍ରାମ ଲେମ୍ବୁ ଫଳୁଛି। ଲେମ୍ବୁ ଚାଷ ପାଇଁ ଉତ୍ତମ ଜଳ ନିଷ୍କାସନ ସୁବିଧା ଥିବା ଦୋରସା ମାଟି ସର୍ବୋତ୍ତମ। ଗଛ ଲଗାଇବା ପୂର୍ବରୁ ୨ରୁ ୩ ଫୁଟ ଗାତ ଖୋଳି ଖରାରେ ଶୁଖାଇବା ପରେ ପ୍ରତ୍ୟେକ ଗାତରେ ୨ରୁ ୩ ଝୁଡ଼ି ଶୁଖିଲା ଗୋବର ଖତ କିମ୍ବା ଜିଆଖତ ମିଶାଇ ମାଟି ପ୍ରସ୍ତୁତ କରାଯାଏ। ଗଛ ମୂଳରେ ଜିଆଖତ ଦେବା ଭଲ। ଲଖନ କୁହନ୍ତି, ଲେମ୍ବୁ ଗଛ ଥରେ ଲଗାଇଲେ ଏହା ୨୫ରୁ ୩୦ ବର୍ଷ ଫଳ ଦିଏ। ଏଥିପାଇଁ ସେ ଗଛରେ ସଠିକ୍ ଜଳ ସେଚନ ଏବଂ ପୋକ ନିୟନ୍ତ୍ରଣ ପାଇଁ ନିମ୍ବପତ୍ରରୁ ପ୍ରସ୍ତୁତ ରସ ସ୍ପ୍ରେ କରନ୍ତି। ଏହାଦ୍ୱାରା ଚାଷ ଜମିରୁ ପ୍ରତିବର୍ଷ ୩୫ ଟନ୍ ଲେମ୍ବୁ ଉତ୍ପାଦନ ହୁଏ। କେବଳ ସେତିକି ନୁହେଁ, ଲଖନ ଲେମ୍ବୁ ଗଛ ମଧ୍ୟରେ ଅଦା, ହଳଦୀ ଏବଂ ରେଡ୍ ଲେଡି କିସମର ଅମୃତଭଣ୍ଡା ଚାଷ କରନ୍ତି। ଲେମ୍ବୁରୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରି ସେ ଭଲ ରୋଜଗାର କରୁଛନ୍ତି।





# ଉନ୍ନତ ପ୍ରକ୍ରିୟାରେ ଅଧିକ ଟମାଟୋ ଅମଳ



ଓଡ଼ିଶାର ଜଳବାୟୁ ଟମାଟୋ ଚାଷ ପାଇଁ ଅନୁକୂଳ। ଚାଷୀମାନେ ଉନ୍ନତ ପ୍ରଣାଳୀ ଓ ସଠିକ୍ ପଦ୍ଧତି ଆପଣାଇ ଏହି ଚାଷରୁ ଲାଭ ପାଇପାରନ୍ତି। ତେବେ କମ୍ ବୃଷ୍ଟିପାତ ଯୋଗୁଁ ଫସଲରେ ନାନା ରୋଗପୋକ ଲାଗୁଥିବାରୁ ଉନ୍ନତ ପ୍ରକ୍ରିୟାରେ ଅଧିକ ଟମାଟୋ ଫଳାଇ ପାରିବେ।

ଚାରା ଲଗାଇବାକୁ ୧୫ ଇଞ୍ଚିଆ କୁଣ୍ଡ ଚୟନ କରି କୁଣ୍ଡରେ ଜଳ ନିଷ୍କାସନ ପାଇଁ ଛିଦ୍ର କରାଯାଏ। କୁଣ୍ଡ ପାଇଁ ମାଟି ପ୍ରସ୍ତୁତ କରିବା ସମୟରେ ପ୍ରଥମେ ଛୋଟ ଛୋଟ ଇଟା ବା ଗୋଡ଼ି ରଖି ଏହା ଉପରେ ବାଲି ପକାଇ ତା'ର ଉପରପରସ୍ତରେ ମାଟି, ଜିଆଖତ, ପିଡ଼ିଆ, ସଢ଼ା ଗୋବର ଖତ ରଖି ପାରିବେ। ଚାରା ରୋପଣ ସମୟରେ ଏକ ଚାମଚ ଜୈବିକ ଫସ୍‌ଫେଟ୍ ଚେର ଚାରିପଟେ ଦେଇ ଲଗାଇବା ଦରକାର। ଗଛକୁ ସାହାରା ଦେବା ପାଇଁ ବାଉଁଶ ଭାର, କାଠ ଭାର ରସିରେ ବାନ୍ଧି ପାରିବେ। କୁଣ୍ଡରେ ମାଟିର ଆର୍ଦ୍ରତାକୁ ନିରୀକ୍ଷଣ କରି ଜଳ ସେଚନ କରିବା ଭଲ। ସପ୍ତାହରେ ଥରେ ନିମ୍ବ ତେଲ ସିଞ୍ଚି ପାରିବେ। ଫସଲରେ ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। କୀଟ ନିୟନ୍ତ୍ରଣ ପାଇଁ ହଳଦିଆ ଅଠାଳିଆ ଯନ୍ତା ବସାଇପାରିବେ।



# ଖରୁଡ଼ି ତଳିଘରା ପ୍ରସ୍ତୁତି

ଆମ ଦେଶରେ ବର୍ଷାଦିନେ ଖରିଫ ଧାନ ଓ ଖରାଦିନେ ରବି ଧାନ ଚାଷ କରାଯାଇଥାଏ। ବର୍ଷାଦିନେ ଧାନ ଚାଷରେ ଜମିର କିସମ ଦେଖି, ବିହନ ଚୟନ କରାଯାଏ। ଏହାପରେ ଖରୁଡ଼ି ବା ଶୁଖିଲା ତଳିଘରା ପ୍ରସ୍ତୁତ କରାଯାଏ। ଶୁଖିଲା ତଳିଘରାରୁ ପ୍ରସ୍ତୁତି ତଳିର ପୋକରୋଗ ସହଣୀ ଶକ୍ତି ବୃଦ୍ଧି ପାଇଥାଏ।

ଏକ ହେକ୍ଟର ପାଇଁ ୧୦୦୦ ବର୍ଗ ମିଟର ବା ୨୫ ଡେସିମିଲ ତଳିଘରା ଆବଶ୍ୟକ ହୁଏ। ଉର୍ବର ମାଟିଥିବା ଢିପ ବା ମଧ୍ୟମ ଜମିକୁ ୩ରୁ ୪ ଓଡ଼ ଚାଷ କରି ଘାସ ବାଛି ଦିଆଯାଏ। ଏଥିରେ ୨-୩ଟନ୍ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରାଯାଏ। ଖତକୁ ଭଲ ଭାବେ ଚାଷ କରି ମାଟିରେ ମିଶାଇବା ପରେ ଏକ ମିଟର ଚଉଡ଼ା ଏବଂ ୧୫ ସେମି ଉଚ୍ଚତା ବିଶିଷ୍ଟ ତଳି ପଟାଳି କରି ଦୁଇ ପଟାଳି ମଧ୍ୟରେ ୩୦ ସେମି ଓସାର ଓ ୧୫ ସେମି ଗଭୀର ନାଳୀ ରଖାଯାଏ। ଧାନ ବୁଣିବା ପୂର୍ବରୁ ବର୍ଗମିଟର ପ୍ରତି ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରି ୪୦-୬୦ ଗ୍ରାମ୍ ବିହନକୁ ତଳିପଟାଳିରେ ୫ ସେମି ବ୍ୟବଧାନରେ ୩ ସେମି ଗଭୀରରେ ବୁଣି ମାଟିସ୍ତର ଘୋଡ଼ାଇ ଦିଆଯାଏ। ୧୫ ଦିନ ବେଳକୁ ଘାସ ବାଛି ବର୍ଗମିଟର ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ ସାର ପ୍ରୟୋଗ କଲେ ତଳି ସୁସ୍ଥ ସବଳ ହୋଇ ବଢେ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଖରିଫ ମକା/ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- କାଳ ବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତାଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ, ତଥା ମଞ୍ଚାକୁ ମଜବୁତ କରିଦିଅନ୍ତୁ।
- ଏକ ଏକର ମକା ଚାଷ ପାଇଁ ୬ରୁ ୭ କିଲୋଗ୍ରାମ ବିହନ ଦରକାର ପଡ଼ିଥାଏ।
- ବର୍ଷା ଛାଡ଼ିଗଲା ପରେ କଖାରୁଜାତୀୟ ପନିପରିବାରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ କପର ହାଇଡ୍ରୋକସାଇଡ୍ ମିଶାଇ ସିଞ୍ଚନ କରନ୍ତୁ।
- ପଶୁମାନଙ୍କର ଟିକାକରଣ ନିଶ୍ଚିତ କରାନ୍ତୁ ଏବଂ ସେମାନଙ୍କୁ ସୁସ୍ଥ ରଖିବା ପାଇଁ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା ନିଶ୍ଚୟ କରନ୍ତୁ।



# ବର୍ଷାଦିନିଆ ଭେଣ୍ଡି କିସମ

ବର୍ତ୍ତମାନ ବର୍ଷାଦିନିଆ ପନିପରିବା ଚାଷ ପାଇଁ ଚାଷୀ ପ୍ରସ୍ତୁତ ହେଉଥିବାବେଳେ ଅଧିକାଂଶ ସଙ୍କର କିସମ ଭେଣ୍ଡିଚାଷ କରିବାକୁ ପ୍ରାଧାନ୍ୟ ଦେଉଛନ୍ତି। ବର୍ଷାଦିନିଆ ଭେଣ୍ଡି ଚାଷ ପାଇଁ ଏକର ପ୍ରତି ୧.୫ କିଲୋଗ୍ରାମ ସଙ୍କର ବିହନ ଆବଶ୍ୟକ ହୁଏ। ସଙ୍କର କିମସ ମଧ୍ୟରେ ଆଭା ୧୦୦ ଗ୍ରାମ୍‌କୁ ୫୦୦ ଟଙ୍କା, ଦିୱା ୧୦୦ ଗ୍ରାମ୍‌କୁ ୮୦୦ ଟଙ୍କା, ଅନୁଶ୍ରୀ ୧୦୦ ଗ୍ରାମକୁ ୭୦୦ ଟଙ୍କା, ରାଧିକା ୧୦୦ ଗ୍ରାମ୍‌କୁ ୮୦୦ ଟଙ୍କା, ଜୀବନ ୧୦୦ ଗ୍ରାମ୍‌କୁ ୬୦୦ ଟଙ୍କା, ଭିଏନ୍‌ଆର ୯୯୯- ୧୦୦ ଗ୍ରାମକୁ ୩୫୦ ଟଙ୍କା ମୂଲ୍ୟ ରହିଛି। ଏହି କିସମ ଭେଣ୍ଡି ଚାଷ କରିବା ଦ୍ୱାରା ୬୦ରୁ ୬୫ ଦିନରେ ପ୍ରଥମ ଫଳ ଅମଳ ମିଳିଥାଏ।

# ପରିବର୍ତ୍ତିତ ଋତୁରେ ପ୍ରାଣୀଙ୍କ ଯତ୍ନ

ହଠାତ୍ ପ୍ରବଳ ଖରା, ରୌଦ୍ରତାପ ଓ ଗୁଳୁଗୁଳି ସହିତ ବର୍ଷାଋତୁ ପରିବର୍ତ୍ତନ। ଏହାଦ୍ୱାରା ହଠାତ୍ ଗୃହପାଳିତ ପ୍ରାଣୀ ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ ନପାରି ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏଥିପ୍ରତି ଚାଷୀଭାଇ ଧ୍ୟାନ ଦେବା ଉଚିତ।

ବର୍ତ୍ତମାନ ପ୍ରାଣୀମାନଙ୍କୁ ବାହାର ପାଣି ପିଇବାକୁ ଦେବା ତଥା ବାହାରକୁ ଚରିବାକୁ ଛାଡ଼ିବା ଅନୁଚିତ। ଗୁହାଳେ ରଖି ଖାଇବାକୁ ଦେଇ ପାରିବେ। ଏହି ଦିନେ ମଶା ଓ ମାଛି ବଂଶ ବୃଦ୍ଧି ନ ହେବା ପାଇଁ ଗୁହାଳକୁ ଶୁଖିଲା ଓ ସଫା ରଖିବା ଜରୁରି। ପ୍ରାଣୀଙ୍କୁ ଅନ୍ୟ ରୋଗାକ୍ରାନ୍ତ ପ୍ରାଣୀଙ୍କ ସହ ମିଶିବାକୁ ଦେବା ଅନୁଚିତ। ସମସ୍ତ ପ୍ରାଣୀଙ୍କର ଟିକାକରଣ ପ୍ରକ୍ରିୟା ସାରିଦେବା ଉଚିତ।

ପ୍ରାଣୀଙ୍କୁ ସୁଷମଖାଦ୍ୟ, ଭିଟାମିନ୍ ଓ ମିନେରାଲ ସହିତ ସତେଜ ଚାରା ଖାଇବାକୁ ଦେଇ ପାରିବେ। ସେମାନଙ୍କୁ କୃମିନାଶକ ଔଷଧ ଦିଆଯିବା ଆବଶ୍ୟକ। ଏହି ସମୟରେ ପ୍ରାଣୀଙ୍କର ହଠାତ୍ ଖାଇବା କିମ୍ବା ପିଇବାରେ ପରିବର୍ତ୍ତନ କରିବା ଅନୁଚିତ। ଖରାରୁ ଚରି ଆସିବା ପରେ ପାଣି ପିଇବାକୁ ଦିଅନ୍ତୁନି। ଏହି ସମୟରେ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ପାଇଁ ନିୟମିତ ପାଣିରେ ଲୁଣ କିମ୍ବା ଇଲେକ୍ଟ୍ରୋଲାଇଟ୍ ମିଶାଇ ପିଇବାକୁ ଦେଇ ପାରିବେ। ପ୍ରାଣୀଙ୍କ ଗତିବିଧିକୁ ନିୟମିତ ଲକ୍ଷ୍ୟ ରଖି କିଛି ପରିବର୍ତ୍ତନ ଘଟିଲେ ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ପରାମର୍ଶ ନେଇ ଚିକିତ୍ସା କରାଇବା ଆବଶ୍ୟକ।








ଷ୍ଟିଫେନ ୟୁଷ୍ଟାକିଓ

## ପ୍ରି-କ୍ୱାର୍ଟର ଫାଇନାଲରେ କାନାଡା

ଲସ୍ ଆଞ୍ଜେଲେସ୍, ୨୯ ।୬ (ଏଜେନ୍ସି): ଯୁଗ୍ମ ଆୟୋଜକ କାନାଡା ପ୍ରଥମ ଦଳ ଭବେ ଚଳିତ ଫୁଟ୍‌ବଲ ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ୧୬ ବା ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଛି । ରବିବାର ଆରମ୍ଭ ହୋଇଥିବା ରାଉଣ୍ଡ ଅଫ୍ ୩୨ର ପ୍ରଥମ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ୧-୦ ଗୋଲରେ ପରାସ୍ତ କରି କାନାଡାକୁ ପ୍ରଥମଥର ବିଶ୍ୱକପ୍ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରରେ ସ୍ଥାନ ମିଳିଛି । ବିଜୟୀ ଦଳ ପକ୍ଷରୁ ଏକମାତ୍ର ଗୋଲ୍‌ଟି ଖେଳର ଶେଷ ସମୟ ବା ଇଞ୍ଜୁରୀ ଟାଇମ୍‌ରେ ଷ୍ଟିଫେନ ୟୁଷ୍ଟାକିଓ ସ୍କୋର କରିଥିଲେ । କାନାଡା ତୃତୀୟ ବିଶ୍ୱକପ୍ ପଦାର୍ପଣରେ ପ୍ରଥମଥର ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ଇତିହାସ ସୃଷ୍ଟି କରିଛି । ଏହି ପରାଜୟ ସହ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍‌ରୁ ବିଦାୟ ନେଇଛି । ହଷ୍ଟନରେ ଜୁଲାଇ ୪ ତାରିଖରେ ଖେଳାଯିବାକୁ ଥିବା ନେଦରଲ୍ୟାଣ୍ଡସ ବନାମ ମରୋକ୍କୋ ମ୍ୟାଚ୍‌ର ବିଜେତା ସହ ପ୍ରି-କ୍ୱାର୍ଟରରେ କାନାଡା ମୁକାବିଲା କରିବ ।

## ପଦ ଛାଡ଼ିଲେ ସାଉଦି ସଭାପତି

ରିୟାଦ୍,୨୯ ।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ସାଉଦି ଆରବ ଫୁଟବଲ ମହାସଂଘର ସଭାପତି ୟାସୀର ଅଲ-ମିସେହାଲ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ସୂଚନାଯୋଗ୍ୟ ଗ୍ରୁପ୍-ଏଚ୍‌ରେ ଦଳ ସ୍ପେନ୍‌ଠାରୁ ପରାଜିତ ହେବା ପରେ ଉରୁଗୁଏ ଓ କେପ୍ ଭର୍ଡ ସହ ମ୍ୟାଚ୍ ଡ୍ର ରଖି ୨ ପଏଣ୍ଟ ପାଇଥିଲା । ଫଳରେ ୪ଟି ଦଳୀୟ ଗ୍ରୁପ୍‌ରେ ସାଉଦି ଆରବ ଶେଷସ୍ଥାନରେ ରହିଥିଲା । ସାଉଦି ଆରବ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରି ନ ପାରିବା ଫଳରେ ଆମେ ଆମ ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛୁ । ଦଳର ଏଭଳି ପ୍ରଦର୍ଶନ ଲାଗି ମୁଁ ନିଜକୁ ଦାୟୀ କରି ମୋ ପଦରୁ ଇସ୍ତଫା ଦେଉଛି ବୋଲି ଅଲ-ମିସେହାଲ କହିଛନ୍ତି ।

# ବ୍ରାଜିଲ ଓ ଜାପାନ ମଧ୍ୟରେ ଜୋର୍‌ଦାର୍ ଲଢ଼େଇ

ହଷ୍ଟନ,୨୯ ।୬(ଏଜେନ୍ସି)

୫ଥରର ଚାମ୍ପିଅନ ବ୍ରାଜିଲ ଓ ଏସିଆ ମହାଦେଶର ଶ୍ରେଷ୍ଠ ଦଳ ଜାପାନ ମଧ୍ୟରେ ସ୍ଥାନୀୟ ହଷ୍ଟନ ଷ୍ଟାଡିୟମ୍‌ରେ ଚାଲିଥିବା ବିଶ୍ୱକପ୍ ରାଉଣ୍ଡ-୩୨ର ଦ୍ୱିତୀୟ ମୁକାବିଲା ଜୋରଦାର ହୋଇଛି । କଳାତ୍ମକ ଖେଳ ଲାଗି ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ବ୍ରାଜିଲ ଏହି ମୁକାବିଲାରେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରି ଖେଳିଛି । କିନ୍ତୁ ଜାପାନର ଆକ୍ରମଣାତ୍ମକ ଖେଳକୁ ନିୟନ୍ତ୍ରଣ କରିବା ବ୍ରାଜିଲ ପକ୍ଷେ କଷ୍ଟକର ହୋଇଛି । ଫଳରେ ଖେଳର ୨୯ତମ ମିନିଟ୍‌ରେ ଷ୍ଟ୍ରାଇକର କାଇଶୁ ସାନୁ ମ୍ୟାଚର ପ୍ରଥମ ଗୋଲ ଜାପାନ ପକ୍ଷରୁ ଦେବାରେ ସମର୍ଥ ହୋଇଛନ୍ତି । ହାଇଡ୍ରେସନ ବ୍ରେକ୍ ପରେ ଜାପାନ ଜୋରଦାର ଆକ୍ରମଣ କରି ଏହି ଗୋଲ ଦେବାରେ ସଫଳ ହୋଇଛି । ଏହି ମ୍ୟାଚର ବିଜେତା ଦଳ ରାଉଣ୍ଡ ଅଫ୍ ୧୬ରେ ନରୱେ ବନାମ ଆଇଭରୀ କୋଷ୍ଟ ମ୍ୟାଚ୍‌ର ବିଜେତା ସହ ମୁକାବିଲା କରିବ ।

ଆଜିର ନକ୍‌ଆଉଟ ମୁକାବିଲା ପୂର୍ବରୁ ଉଭୟଙ୍କ ମଧ୍ୟରେ ୫ଥର ଭେଟାଭେଟି ହୋଇଛି । ଏହା ମଧ୍ୟରୁ ବ୍ରାଜିଲ ୪ଟି ଓ ଜାପାନ ଗୋଟିଏ ମ୍ୟାଚରେ ବିଜୟୀ ହୋଇଛି । ଦୁଇ ଦେଶ ମଧ୍ୟରେ ୨୦୨୫ ଅକ୍ଟୋବର ୧୪ରେ ଶେଷଥର ଭେଟାଭେଟି ହୋଇଥିଲା । ଏଥିରେ ଜାପାନ ୩-୨ ଗୋଲରେ ବିଜୟୀ ହୋଇଥିଲା । ବ୍ରାଜିଲ ବିପକ୍ଷରେ ଏହା ଥିଲା ଜାପାନର ପ୍ରଥମ ବିଜୟ । ଚଳିତ ବିଶ୍ୱକପ୍‌ରେ ବ୍ରାଜିଲ ଗ୍ରୁପ୍-ସି'ରେ ଓ ଜାପାନ ଗ୍ରୁପ୍-ଏଫ'ରେ ସ୍ଥାନ ପାଇଥିଲା । ବ୍ରାଜିଲ ଗ୍ରୁପ୍‌ରେ ମରୋକ୍କୋ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଜୋରଦାର ଲଢ଼େଇ କରି ମ୍ୟାଚ୍‌କୁ ୧-୧ ଗୋଲରେ ଡ୍ର ରଖିଥିଲା । ଏହା ପରେ ଦଳ ନିଜର ଶ୍ରେଷ୍ଠ ଖେଳକୁ ଫେରିଥିଲା ଓ ଦ୍ୱିତୀୟ ମ୍ୟାଚ୍‌ରେ ହାଇତିକୁ ୩-୦ରେ ପରାସ୍ତ କରିଥିଲା । ତୃତୀୟ ତଥା ଶେଷ ମ୍ୟାଚ୍‌ରେ ସ୍କଟଲାଣ୍ଡକୁ ହରାଇ ବ୍ରାଜିଲ ଗ୍ରୁପ୍‌ର ଶୀର୍ଷସ୍ଥାନ ଅଧିକାର କରିଥିଲା । ଅନ୍ୟ ପକ୍ଷରେ ଗ୍ରୁପ୍-ଏଫ୍'ରେ ଶକ୍ତିଶାଳୀ ନେଦରଲ୍ୟାଣ୍ଡସ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖି ଗୋଟିଏ ପଏଣ୍ଟ ପାଇ ଅଭିଯାନ ଆରମ୍ଭ କରିଥିଲା । ବ୍ରାଜିଲ ଭଳି ଜାପାନ ମଧ୍ୟ ଦ୍ୱିତୀୟ ମ୍ୟାଚ୍‌ରେ ନିଜ ଦମ୍ ଦେଖାଇ ଟ୍ୟୁନିସିଆକୁ ୪-୦ ଗୋଲରେ ପରାସ୍ତ କରିଥିଲା । ଶେଷରେ ସ୍ୱିଡେନ ସହ ୧-୧ ଗୋଲରେ ମ୍ୟାଚ୍‌ରେ ଡ୍ର ରଖି ଜାପାନ ଗ୍ରୁପ୍ -ଏଫ୍'ରେ ନେଦରଲ୍ୟାଣ୍ଡସ ପଛକୁ ଦ୍ୱିତୀୟ ସ୍ଥାନରେ ରହି ନକ୍‌ଆଉଟକୁ ଖେଳିବାକୁ ଉନ୍ନୀତ ହୋଇଥିଲା । ଗତ ୫ଟି ମ୍ୟାଚ୍‌ରେ ଉଭୟ ଦଳ ପରାଜୟ ବରଣ କରି ନ ଥିଲେ । ଏହି ୫ଟି ମୁକାବିଲାରୁ ବ୍ରାଜିଲ ୪ଟିରେ ବିଜୟୀ ହୋଇଥିଲାବେଳେ ଗୋଟିଏ ମ୍ୟାଚ୍ ଡ୍ର ରଖିଥିଲା । ଅନ୍ୟପକ୍ଷରେ ଜାପାନ ୩ଟି ଜିତିଥିଲାବେଳେ ୨ଟି ମ୍ୟାଚ୍ ଚଳିତ ବିଶ୍ୱକପ୍‌ରେ ଡ୍ର ରଖିଛି ।






| ଫିଫା ବିଶ୍ୱକପ୍ |
|---|
| ରାଉଣ୍ଡ ଅଫ୍ ୩୨ ମୁକାବିଲା |
| ମଙ୍ଗଳବାର ରାତି |
| ନରୱେ-ଆଇଭରୀ କୋଷ୍ଟ |
| ଡଲାସ, ରାତି ୧୦.୩୦ |
| ଫ୍ରାନ୍ସ-ସ୍ୱିଡେନ୍ |
| ନ୍ୟୁ ଜର୍ସୀ, ରାତି ୨.୩୦ |
| ବୁଧବାର ସକାଳ |
| ମେକ୍ସିକୋ- ଇକ୍ୱେଡର |
| ମେକ୍ସିକୋ ସିଟି, ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଦକ୍ଷିଣ କୋରିଆ କୋଚ୍‌ଙ୍କ ଇସ୍ତଫା

ସିଓଲ,୨୯ ।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ଦକ୍ଷିଣ କୋରିଆର ହେଡ୍ କୋଚ୍ ହଙ୍ଗ୍ ମ୍ୟୁଙ୍ଗ୍‌ବୋ ଇସ୍ତଫା ଦେଇଛନ୍ତି । ଗ୍ରୁପ୍ ପର୍ଯ୍ୟାୟରେ ଚେକିଆକୁ ୨-୧ ଗୋଲରେ ପରାସ୍ତ କରି ଦକ୍ଷିଣ କୋରିଆ ଅଭିଯାନ ଆରମ୍ଭ କରିଥିଲା । କିନ୍ତୁ ପରେ ଖେଳିଥିବା ଦୁଇଟି ମ୍ୟାଚ୍‌ରେ ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହେବା ପରେ ୩ ପଏଣ୍ଟ ପାଇଥିବାରୁ ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ସ୍ଥାନ ପାଇବ ବୋଲି ଆଶାୟୀ ଥିଲା । କିନ୍ତୁ ଏହା ସମ୍ଭବ ନ ହେବାରୁ ଏସିଆ ମହାଦେଶର ଏହି ଦମ୍‌ଦାର ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି । ଏହା ଫଳରେ ହେଡ୍ କୋଚ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି ।



## କେପ୍ ଭର୍ଡ ଅଧିନାୟକଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

ଡଲାସ୍,୨୯ ।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ କେପ୍ ଭର୍ଡର ଐତିହାସିକ ସଫଳତା ମଳିନ ପଡ଼ିଯାଇଛି । ଏହାର କାରଣ ହେଲା, ଦଳର ଅଧିନାୟକ ରିୟାନ ମେଣ୍ଡିସ୍‌ଙ୍କ ବିରୋଧରେ ନ୍ୟୁଜିଲାଣ୍ଡ ପୁଲିସ୍ ଚଳାଇଥିବା ଦୁଷ୍କର୍ମ ଅଭିଯୋଗର ତଦନ୍ତ । ମେଣ୍ଡିସଙ୍କ ବିରୋଧରେ ଜଣେ ବ୍ରାଜିଲୀୟ ମହିଳା ଅଭିଯୋଗ କରିବା ପରେ ଏହି ତଦନ୍ତ କରାଯାଉଛି । ନ୍ୟୁଜିଲାଣ୍ଡ ପୁଲିସ୍ ସର୍ବସାଧାରଣରେ କୌଣସି ଖେଳାଳିଙ୍କ ନାମ ନେଇ ନାହାନ୍ତି କିମ୍ବା ମିଡିଆକୁ କିଛି ସୂଚନା ଦେଇ ନାହାନ୍ତି । ତଥାପି ମହିଳାଙ୍କ ଉକ୍ତିକୁ ଉଦ୍ଧାର କରି ଖେଳାଳି ଜଣଙ୍କ କେପ୍ ଭର୍ଡର ଅଧିନାୟକ ବୋଲି ସ୍ପଷ୍ଟ ହୋଇଛି । ଅଭିଯୋଗ ଅନୁଯାୟୀ ନ୍ୟୁଜିଲାଣ୍ଡକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ସିରିଜ୍ ଖେଳିବାକୁ ଯାଇଥିଲାବେଳେ ଜଣେ ବ୍ରାଜିଲୀୟ ଇଣ୍ଟରପ୍ରିଟରଙ୍କ ରଖାଯାଇଥିଲା । ଦିନେ ଦଳର ଗେଟ୍ ଟୁ ଗେଦର ବେଳେ ସମ୍ପୃକ୍ତ ମହିଳା ଜଣଙ୍କ ହୋଟେଲରେ ରହିଥିଲେ । ତାଙ୍କୁ ଏକୁଟିଆ ଦେଖି କେପ୍ ଭର୍ଡ ଅଧିନାୟକ ରୁମ୍‌କୁ ଆସି ମାରଧର କରିବା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ସମ୍ପୃକ୍ତ ମହିଳା ଜଣଙ୍କ କରିଛନ୍ତି ।

# ଭାରତର ପୁରୁଷ ଓ ମହିଳା କ୍ରିକେଟ ଦଳକୁ ଅଲିମ୍ପିକ୍ସ ଯୋଗ୍ୟତା


ନୂଆଦିଲ୍ଲୀ,୨୯ ।୬(ଏଜେନ୍ସି: ଭାରତର ଉଭୟ ପୁରୁଷ ଓ ମହିଳା କ୍ରିକେଟ ଦଳକୁ ଆମେରିକାରେ ହେବାକୁ ଥିବା ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଉଭୟ ବିଭାଗରେ ୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ । ଏଥିଲାଗି ଅନ୍ତର୍ଜାତୀୟ ଅଲିମ୍ପିକ୍ ସଂଘର କାର୍ଯ୍ୟନିର୍ବାହୀ କମିଟି ଅଂଶଗ୍ରହଣକାରୀ ଟିମ୍ ଲାଗି ଯୋଗ୍ୟତାର ମାପଦଣ୍ଡ ସ୍ଥିର କରିବା ପରେ ଭାରତର ଉଭୟ ଦଳ ଯୋଗ୍ୟତା ହାସଲ କରିବା ସ୍ପଷ୍ଟ ହୋଇଛି । ୨୦୨୬ ଡିସେମ୍ବର ୩୧ ତାରିଖ ସୁଦ୍ଧା ପ୍ରତ୍ୟେକ ମହାଦେଶର ଶ୍ରେଷ୍ଠ ଆଇସିସି ମାନ୍ୟତାପ୍ରାପ୍ତ ଗୋଟିଏ ଲେଖାଏଁ ଦଳ ଗୁଡିକ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାର ମାପଦଣ୍ଡ ସ୍ଥିର କରାଯାଇଛି । ଏହି ମାପଦଣ୍ଡକୁ ଦେଖିଲେ, ପୁରୁଷ ବିଭାଗରେ ଏସିଆ ମହାଦେଶର ଭାରତ ସହ ୟୁରୋପ ମହାଦେଶର ବ୍ରିଟେନ୍, ଆଫ୍ରିକା ମହାଦେଶର ଦକ୍ଷିଣ ଆଫ୍ରିକା ଓ ଉତ୍ତର ଆମେରିକା ତଥା ଆୟୋଜକ ଦେଶ ଭାବେ ଯୁକ୍ତରାଷ୍ଟ୍ର ଆମେରିକା ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି । ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ମାନ୍ୟତା ମଧ୍ୟରେ କମ୍ ବ୍ୟବଧାନ ରହିଥିବାରୁ ଓସେନିଆକୁ ଗୋଟିଏ ଦଳ ପରେ ସ୍ଥିର ହେବ । ଷଷ୍ଠ ଦଳ ଭାବେ ଯୋଗ୍ୟତା ଅର୍ଜନ କରିସାରିଥିବା ଦଳ ଗୁଡିକୁ ବାଦ୍ ଦେଇ ଶ୍ରେଷ୍ଠ ୮ଟି ଦଳ ମଧ୍ୟରେ ଏକ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ହେବ । ଏଥିରେ ଚାମ୍ପିଅନ ହୋଇଥିବା ଦଳ ଷଷ୍ଠ ଟିମ୍ ଭାବେ ୨୦୨୮ ଅଲିମ୍ପିକ୍ସରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ । ୱେଷ୍ଟଇଣ୍ଡିଜ୍ ଗୋଟିଏ ଦେଶ ହୋଇ ନ ଥିବାରୁ ଏହି ଜୋନ୍‌ର ୬ଟି ଦେଶ ମଧ୍ୟରେ ପ୍ରତିଯୋଗିତା ହେବ ଓ ବିଜେତା ଦଳ ଅଲିମ୍ପିକ୍ସ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ । ଇଂଲଣ୍ଡର ମାନ୍ୟତା ଅନୁଯାୟୀ ଗ୍ରେଟବିଟେନ କ୍ୱାଲିଫାଇ କରିଛି ।

ମହିଳା ଦଳରେ ମଧ ୬ଟି ଟିମ୍ ଅଂଶଗ୍ରହଣ କରିବେ । ଏହା ମଧ୍ୟରୁ ଆଇଓସି ନିୟମ ଅନୁଯାୟୀ ଭାରତ, ଅଷ୍ଟ୍ରେଲିଆ, ବ୍ରିଟେନ ଓ ଦକ୍ଷିଣ ଆଫ୍ରିକା ନିଜ ନିଜ ମହାଦେଶର ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ଟିମ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି । ଆଇସିସି ମାନ୍ୟତାର ଶ୍ରେଷ୍ଠ ୧୫ଟି ଦଳ ମଧ୍ୟରେ ଆମେରିକା ମହାଦେଶର କୌଣସି ଟିମ୍ ନ ଥିବାରୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି । ଆସନ୍ତାବର୍ଷ ଚାମ୍ପିଅନ୍ସ ଟ୍ରଫି ପରେ ଏହି ମହାଦେଶରୁ ଯେଉଁ ଟିମ୍‌ର ମାନ୍ୟତା ଅଧିକ ହେବ, ସେହି ଦଳ ୫ମ ଟିମ୍ ଭାବେ ଯୋଗ୍ୟତା ଅର୍ଜନ କରିବ । ଆଇସିସି ନିୟମ ଅନୁଯାୟୀ ଶ୍ରେଷ୍ଠ ୮ଟି ଦଳକୁ ନେଇ ହେବାକୁ ଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରୁ ଷଷ୍ଠ ଦଳ ଚୟନ କରାଯିବ । ଏହି ଟୁର୍ଣ୍ଣାମେଣ୍ଟରେ ୱେଷ୍ଟଇଣ୍ଡିଜ୍‌ର ବିଜେତା ଦଳ ମଧ୍ୟ ପୁରୁଷଙ୍କ ଭଳି ଅଂଶଗ୍ରହଣ କରିବ ।

ୱିମ୍ବଲଡନର ପ୍ରଥମ ଦିବସରେ ବିପର୍ଯ୍ୟୟ

## ବିଦାୟ ନେଲେ ରୁଡ୍, ରୁବ୍‌ଲେଭ୍


ଲଣ୍ଡନ, ୨୯ ।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୧୩୯ତମ ସଂସ୍କରଣ ସୋମବାରଠାରୁ ଆରମ୍ଭ ହୋଇଛି । ଅଲ୍ ଇଂଲଣ୍ଡ ଟେନିସ କ୍ଲବରେ ଅନୁଷ୍ଠିତ ପ୍ରଥମ ଦିବସ ଖେଳରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ୧୧ ଓ ୧୨ ନମ୍ବର ମାନ୍ୟତା ଯଥାକ୍ରମେ କାସ୍ପର ରୁଡ୍ ଓ ଆନ୍ଦ୍ରେ ରବୁଲେଭ ପରାଜୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି । ନରୱେର କାସ୍ପର ରୁଡ୍ ୪-୬, ୨-୬, ୬-୭ (୭/୯) ସିଧାସଳଖ ଗେମରେ ଅଣସିଡେଡ୍ ପୋଲାଣ୍ଡ ଖେଳାଳି ହର୍ବତ ହୁରକାଜଙ୍କ ନିକଟରୁ ପରାସ୍ତ ହୋଇଛନ୍ତି । ସେହିଭଳି ଅନ୍ୟ ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ରୁଷୀୟ ତାରକା ରୁବଲେଭ ୪-୬, ୭-୬ (୮/୬), ୬-୩, ୩-୬, ୬-୭ (୧୨/୧୪) ସେଟରେ ନିଜ ଦେଶର ରୋମାନ ସିଫୁଲିନଙ୍କ ନିକଟରୁ ହାରିଯାଇଛନ୍ତି । ଫଳରେ ପ୍ରଥମ ଦିବସରେ ଦୁଇ ଟପ୍ ସିଡ୍ ଖେଳାଳି ହାରିବା ୱିମ୍ବଲଡନର ପ୍ରଥମ ଦିବସରେ ରୋମାଞ୍ଚ ଭରି ଦେଇଛି । ପୁରୁଷ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ଆମେରିକାର ଟମି ପଲ୍, ବ୍ରିଟେନର କାମେରନ ନୋରିସ, ଆମେରିକାର ଲର୍ନର ତିଏନ ପ୍ରମୁଖ ସିଡେଡ୍ ଖେଳାଳି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଆଗେଇଛନ୍ତି । ଅପରପକ୍ଷରେ ମହିଳା ବିଭାଗରେ ୪ର୍ଥ ସିଡ୍ ଜେସିକା ପେଗୁଲା, ୧୧ତମ ସିଡ୍ ବେଲିଣ୍ଡା ବେନସିକ, ୧୬ମ ସିଡ୍ ଇଭା ଜୋଭିକ, ଲାଟ୍ଭିଆର ଜେଲିନା ଓସ୍ତାପେଙ୍କୋ ପ୍ରମୁଖ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ଏଥର ଟୁର୍ଣ୍ଣାମେଣ୍ଟରେ ମୋଟ୍ ୭୯୮ କୋଟି ୮୧ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଛି । ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳିଙ୍କୁ ୪୪.୭୯ କୋଟି ଟଙ୍କା ପୁରସ୍କାର ମିଳିବ ।



## ଷ୍ଟୋକ୍‌ସଙ୍କ ବିଦାୟୀ ଟେଷ୍ଟରେ ଇଂଲଣ୍ଡ ପରାସ୍ତ

ନଟିଂହାମ୍, ୨୯ ।୬ (ଏଜେନ୍ସି): ଏଠାରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୨-୧ ବ୍ୟବଧାନରେ ଜିତିନେଇଛି । ଏହା ଫଳରେ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବିଦାୟୀ ମ୍ୟାଚ୍‌ରେ ଇଂଲଣ୍ଡ ପରାଜିତ ହୋଇଛି । ଏହି ମ୍ୟାଚରେ ବିଜୟୀ ନ୍ୟୁଜିଲାଣ୍ଡର ଡ୍ୟାରିଲ ମିଚେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ , ନାଥାନ୍ ସ୍ମିଥ୍ ଓ ପରାଜିତ ଇଂଲଣ୍ଡର ଜୋଫ୍ରା ଆର୍ଚର ଯୁଗ୍ମ ପ୍ଲେୟର ଅଫ୍ ଦି ସିରିଜ୍ ହୋଇଛନ୍ତି । ଏହି ବିଜୟ ଫଳରେ ନ୍ୟୁଜିଲାଣ୍ଡ ୧୮ ମାସରେ ୨ୟ ଥର ବିଦେଶରେ ଶକ୍ତିଶାଳୀ ଦଳ ବିପକ୍ଷରେ ଟେଷ୍ଟ ସିରିଜ୍ ଜିତିପାରିଛି । ଏହି ଟେଷ୍ଟର ସୋମବାର ୫ମ ତଥା ଶେଷ ଦିନରେ ସମାପ୍ତ ହୋଇଥିବା ୩ୟ ଟେଷ୍ଟରେ ୧୬୦ ରନ୍‌ରେ ଇଂଲଣ୍ଡକୁ ନ୍ୟୁଜିଲାଣ୍ଡ ପରାସ୍ତ କରିଥିଲା । ୨ୟ ଇନିଂସରେ ୩୭୩ ରନ୍‌ର ପିଛା କରିଥିବା ଇଂଲଣ୍ଡ ମାତ୍ର ୨୧୨ ରନ୍‌କରି ଅଲ୍‌ଆଉଟ୍ ହୋଇଥିଲା । ପ୍ରଥମ ଇନିଂସରେ ୮୪ ରନ୍ ଆଗରେ ଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ରାଚିନ ରବୀନ୍ଦ୍ର ୯୪ ଏବଂ ଡ୍ୟାରିଲ ମିଚେଲ ୧୦୦ ରନ୍‌କରି ଅପରାଜିତ ଥିଲେ । ଜୋଫ୍ରା ଆର୍ଚର ୪ଟି ୱିକେଟ୍ ନେଇଥିଲେ । ପରେ ଘରୋଇ ଇଂଲଣ୍ଡକୁ ୨ୟ ଇନିଂସରେ ୩୭୩ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା ।

## ୟୁଏସ୍ ଓପନ୍‌ରେ ଶ୍ରୀକାନ୍ତ ରନର୍ସଅପ୍



କାଲିଫର୍ଣ୍ଣିଆ, ୨୯ ।୬ (ଏଜେନ୍ସି): ଦୀର୍ଘ ୯ ବର୍ଷ ପରେ ପ୍ରଥମ ବିଡବ୍ଲ୍ୟୁଏଫ ଟାଇଟଲ୍ ଜିତିବା ଲକ୍ଷ୍ୟରେ ଥିବା ଅଭିଜ୍ଞ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି କିଦାମ୍ବୀ ଶ୍ରୀକାନ୍ତଙ୍କୁ ନିରାଶ ହେବାକୁପଡ଼ିଛି । ଏଠାରେ ସୋମବାର ଅନୁଷ୍ଠିତ ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଶ୍ରୀକାନ୍ତ ୧୫-୨୧, ୨୧-୧୬, ୯-୨୧ ଗେମରେ ଚାଇନିଜ ତାଇପେଇ'ର ସୁ ଲି-ୟାଙ୍ଗ'ଙ୍କ ନିକଟରୁ ହାରି ରନର୍ସଅପ୍ ହୋଇଛନ୍ତି । ୩୩ ବର୍ଷୀୟ ଶ୍ରୀକାନ୍ତ ଶେଷଥର ଲାଗି ୨୦୧୭ରେ ଫ୍ରେଞ୍ଚ ଓପନ୍ ବ୍ୟାଡ୍‌ମିଣ୍ଟନ ଜିତିଥିଲେ । ଯାହାକି ତାଙ୍କର ଶେଷ ବିଡବ୍ଲ୍ୟୁଏଫ୍ ଟାଇଟଲ୍ ଥିଲା ।

## ଯଶପାଲ୍‌ଙ୍କ ପରେ ଆଖି ବୁଜିଲେ ମାଆ

ଡେରାଡୁନ, ୨୯ ।୬ (ଏଜେନ୍ସି): ମହାନ ସୁଟର ଯଶପାଲ ରାଣାଙ୍କ ମୃତ୍ୟୁର ୧୪ ଦିନ ପରେ ତାଙ୍କ ମାଆ ଶ୍ୟାମା ଦେବୀ ଆଖି ବୁଜିଛନ୍ତି । ଦୀର୍ଘଦିନ ଧରି ସ୍ୱାସ୍ଥ୍ୟଗତ ଜଟିଳତା ଲାଗି ଶ୍ୟାମା ଦେବୀ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ । ଗତକାଲି ରାତିରେ କିନ୍ତୁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ପ୍ରକାଶଯୋଗ୍ୟ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଯଶପାଲ ଜୁନ ୧୨ରେ ହୃଦଘାତରେ ପ୍ରାଣ ହରାଇଥିଲେ । ୪୯ ବର୍ଷୀୟ ଯଶପାଲ୍ ଭାରତୀୟ ସୁଟିଂ ଦଳର କୋଚ୍ ଭାବେ ଦାୟିତ୍ୱ ତୁଲାଉଥିଲେ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ଅନିରୁଦ୍ଧଙ୍କୁ ବିବାହ କରିବେ କାବ୍ୟା

ହାଇଦରାବାଦ, ୨୯ ।୬ (ଏଜେନ୍ସି): ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦରାବାଦ୍‌ର ମାଲିକାଣୀ କାବ୍ୟା ମାରାନ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି । ୩୩ ବର୍ଷୀୟା କାବ୍ୟା ପ୍ରସିଦ୍ଧ ସଂଗୀତକାର ଅନିରୁଦ୍ଧ ରବିଚନ୍ଦ୍ରଙ୍କ ହାତ ଧରିବେ । ଅନିରୁଦ୍ଧଙ୍କ ଦାଦା ତଥା ଜଣାଶୁଣା ତାମିଲ ଅଭିନେତା ୱାଇ.ଜି. ମହେନ୍ଦ୍ର ଏକ ସାକ୍ଷାତକାର ସମୟରେ ଏହି ଖବର ନିଶ୍ଚିତ କରିଛନ୍ତି । ଉଲ୍ଲେଖଯୋଗ୍ୟ, କାଭ୍ୟା ହେଉଛନ୍ତି ବିଶିଷ୍ଟ ବ୍ୟବସାୟୀ ତଥା ସନ ଟିଭିର ମାଲିକ କଳାନିଧି ମାରାନଙ୍କ ଝିଅ । ସନରାଇଜର୍ସ ହାଇଦ୍ରାବାଦ ଫ୍ରାଞ୍ଚାଇଜ ବ୍ୟତୀତ, କାବ୍ୟା ଦକ୍ଷିଣ ଆଫ୍ରିକା ଟି-୨୦ ଲିଗରେ ସନରାଇଜର୍ସ ଇଷ୍ଟର୍ଣ୍ଣ କେପ୍ ଏବଂ 'ଦି ହଣ୍ଡରେଡ୍'ରେ ସନରାଇଜର୍ସ ଲିଡ୍ସ ଦଳର ସହ-ମାଲିକ ମଧ୍ୟ ରହିଛନ୍ତି । ଅପରପକ୍ଷରେ ଅନିରୁଦ୍ଧ ୨୦୧୧ ମସିହାରେ ତାଙ୍କର ଭାଇରାଲ୍ ହିଟ୍ 'ହ୍ୱାଇ ଦିସ୍ କୋଲାଭେରି ଡି' ସଂଗୀତ ଲାଗି ପ୍ରସିଦ୍ଧି ହାସଲ କରିଥିଲେ । ତାମିଲ ଚଳଚ୍ଚିତ୍ର ଶିଳ୍ପର ଜଣେ ପ୍ରମୁଖ ସଂଗୀତକାର ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ।



# ଓଡ଼ିଆ ଟିଟି ଖେଳାଳି ସାର୍ଥକ ଏକମାତ୍ର ଭାରତୀୟ

ଭୁବନେଶ୍ୱର, ୨୯ ।୬ (ସମିସ)

ସେନେଗାଲ୍‌ର ଡାକାରରେ ଚଳିତବର୍ଷ ଅକ୍ଟୋବର ୩୧ରୁ ନଭେମ୍ବର ୧୩ ପର୍ଯ୍ୟନ୍ତ ଯୁବ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ହେବ । ଟେବୁଲ ଟେନିସ୍‌ରେ ଭାରତର ଜଣେ ଲେଖାଏଁ ବାଳକ ଓ ବାଳିକା ଖେଳାଳି ଭାଗନେବେ ବୋଲି ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ (ଆଇଓଏ) ଘୋଷଣା କରିଛି । ଭାରତର ପ୍ରତିନିଧିତ୍ୱ କରିବାକୁ ଥିବା ଏକମାତ୍ର ବାଳକ ଖେଳାଳି ହେଲେ ଓଡ଼ିଶାର ସାର୍ଥକ ଆର୍ଯ୍ୟ ଓ ବାଳିକା ହେଲେ ପଶ୍ଚିମବଙ୍ଗର ସିଣ୍ଡ୍ରେଲା ଦାସ । ୨୦୧୮ ପରେ ଯୁବ ଅଲିମ୍ପିକ୍ସରେ ଭାଗନେବାରେ ସାର୍ଥକ ପ୍ରଥମ ଭାରତୀୟ ।

ଯୁବ ଅଲିମ୍ପିକ୍ସ



ସୂଚନାଯୋଗ୍ୟ. ୨୦୨୫ରେ ବାହାରେନ୍‌ରେ ଆୟୋଜିତ ଯୁବ ଏସୀୟ କ୍ରୀଡ଼ାରେ ସାର୍ଥକ-ସିଣ୍ଡ୍ରେଲା ମିକ୍ସଡ୍ ଡବଲ୍‌ସ କାଂସ୍ୟପଦକ ଜିତିଥିଲେ । ଯୁବ ଏସୀୟ କ୍ରୀଡ଼ାରେ ଏହା ଭାରତର ପ୍ରଥମ ପଦକ ଥିଲା । ପରେ ସାର୍ଥକ ବିଭିନ୍ନ ଆନ୍ତର୍ଜାତିକ ଇଭେଣ୍ଟରେ ଖେଳି ଦେଶ ପାଇଁ ପଦକ ଜିତିଛନ୍ତି । ବର୍ତ୍ତମାନ ହିମାଚଳ ପ୍ରଦେଶରେ ତାଲିମ ନେଉଥିବା ଓଡ଼ିଶାର ସାର୍ଥକ ଆର୍ଯ୍ୟ ଦେଶରେ ୧୭ ବର୍ଷରୁ କମ୍ ବର୍ଗରେ ୧ନଂ ମାନ୍ୟତା ପାଇଛନ୍ତି ଏବଂ ତାଙ୍କ ବିଶ୍ୱ ମାନ୍ୟତା ହେଉଛି ୨୮ । ଡାକାର୍ ଯୁବ ଅଲିମ୍ପିକ୍ସରେ ଖେଳିବା ପୂର୍ବରୁ ସାର୍ଥକ ଓ ସିଣ୍ଡ୍ରେଲା ଚୀନର ସାଂଘାଇରେ ଅଗଷ୍ଟ ୧ରୁ ୧୦ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ରସ୍ତୁତି ଶିବିରରେ ଯୋଗଦେବେ । ଏହାର ସମସ୍ତ ଖର୍ଚ୍ଚ ଆନ୍ତର୍ଜାତିକ ଟେବୁଲ ଟେନିସ୍ ମହାସଂଘ (ଆଇଟିଟିଏଫ୍) ବହନ କରିବ । ଏପରି ସଫଳତା ପାଇଁ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ୍ ଆସୋସିଏସନ୍‌ର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଓ ଅନ୍ୟ କର୍ମକର୍ତ୍ତା ସାର୍ଥକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

■ କିଟ୍ ଆଥଲେଟ୍‌ଙ୍କ ଚମତ୍କାର ପ୍ରଦର୍ଶନ

## ଜାତୀୟ ପ୍ରତିଯୋଗିତାରେ ଜିତିଲେ ୨୭ଟି ପଦକ

ଭୁବନେଶ୍ୱର,୨୯ ।୬(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ବରିଷ୍ଠ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ କିଟ୍ ବିଶ୍ୱବିଦ୍ୟାଳୟର ଆଥଲେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଜୁନ୍ ୨୪ରୁ ୨୮ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ କିଟ୍‌ର କ୍ରୀଡ଼ାବିତ୍‌ମାନେ ସମୁଦାୟ ୨୭ଟି ପଦକ ହାସଲ କରିଛନ୍ତି । ଏଥିମଧ୍ୟରେ ୧୭ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଏବଂ ୫ଟି କାଂସ୍ୟ ପଦକ ସାମିଲ ଅଛି । ଲଙ୍ଗ୍ ଜମ୍ପ୍‌ରେ ଚମତ୍କାର ପ୍ରଦର୍ଶନ ପାଇଁ ଶ୍ରୀ ଶଙ୍କର ମୁରୁଳିଙ୍କୁ ଶ୍ରେଷ୍ଠ ପୁରୁଷ ଆଥଲେଟ୍ ଏବଂ ଆନ୍ସି ସୋଜନଙ୍କୁ ଶ୍ରେଷ୍ଠ ମହିଳା ଆଥଲେଟ୍ ଭାବେ ସମ୍ମାନିତ କରାଯାଇଛି । ଆନ୍ସି ସୋଜନ ଏହି ପ୍ରତିଯୋଗିତାରେ ଏକ ନୂତନ ଜାତୀୟ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି । ଅନିମେଶ କୁଜୁର ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ଦୁଇଟି ସ୍ୱର୍ଣ୍ଣ ଜିତିଥିବା ବେଳେ ସୀମା ୫୦୦୦ ମିଟର ଓ ୧୦୦୦୦ ମିଟର ଦୌଡ଼ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିପରି ଜ୍ୟୋତି ୟାରାଜି, ପାରୁଲ ଚୌଧୁରୀ, ତେଜସ ଶିର୍ଷେ, ଯଶାସ ପି, ପ୍ରବୀଣ ଚିତ୍ରାଭେଲ, ପ୍ରାଚୀ, ଅନୁ ରାନୀ ଏବଂ ଓଡ଼ିଶାର ଅମିୟ ମଲ୍ଲିକ, ଲାଲୁ ପ୍ରସାଦ ଭୋଇ ଓ ଦୋନ୍ଦାପାଟି ଜୟରାମ (୪ ଗୁଣା ୧୦୦ ମିଟର ରିଲେ) ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । କ୍ରୀଡ଼ାବିତ୍‌ମାନଙ୍କର ଏହି ଗୌରବମୟ ସଫଳତା ପାଇଁ କିଟ୍, କିସ୍ ଏବଂ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ପଦକ ବିଜେତାଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS